


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୧ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 21 FEBRUARY 2021
Vol.No. 31 ■ No. 49 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ନୀତି ଆୟୋଗ ଷଷ୍ଠ ପରିଚାଳନା ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନୀ ଅଭିଭାଷଣ

# କେନ୍ଦ୍ର-ରାଜ୍ୟ ମଧ୍ୟରେ ସହଯୋଗ ଖୁବ ଗୁରୁତ୍ୱପୂର୍ଣ୍ଣ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୦।୦୨ (ନି.ପ୍ର) : ନୀତି ଆୟୋଗର ଷଷ୍ଠ ପରିଚାଳନା ପରିଷଦର ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କ ଉଦଘାଟନୀ ଅଭିଭାଷଣ ରଖି କହିଛନ୍ତି ଯେ ପ୍ରତ୍ୟେକ ଗରିବ ବ୍ୟକ୍ତିଙ୍କୁ ପକ୍କା ଘର ଖଣ୍ଡେ ଦେବା ପାଇଁ ଅଭିଯାନ ଏବେ ଚାଲୁ ରହିଛି । ୨୦୧୪ ମସିହାଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ସହର ଓ ଗ୍ରାମାଂଚଳରେ ୨ କୋଟି ୪୦ ଲକ୍ଷରୁ ଅଧିକ ଘର ତିଆରି ସମ୍ପୂର୍ଣ୍ଣ ହୋଇଛି । ଜଳ ଜୀବନ ମିଶନ କାର୍ଯ୍ୟକାରୀ ହେବାଠାରୁ ୧୮ ମାସ ମଧ୍ୟରେ ସାଢ଼େ ତିନି ଲକ୍ଷ ଗ୍ରାମାଂଚଳ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି । ଗ୍ରାମାଂଚଳରେ ଇଂଟରନେଟ ସଂଯୋଗ ପାଇଁ ଭାରତ ନେଟ ଯୋଜନା ପରିବର୍ତ୍ତନର ଏକ ବଡ ମାଧ୍ୟମ ହୋଇଛି । ଯେତେବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ଏହି ସବୁ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଲାଗି ପଡିବେ କାର୍ଯ୍ୟ ଅଧିକ ଗତିଶୀଳ ହେବା ସହ ଯୋଜନାର ସୁଫଳ ସର୍ବଶେଷ ହିତାଧିକାରୀ ପାଖରେ ସହଜରେ ପହଂଚିପାରିବ । ଚଳିତ ବର୍ଷ ବଜେଟ ନେଇ ସକାରାତ୍ମକ ପ୍ରତିକ୍ରିୟା ଦେଶର ମନୋଭାବକୁ ସୂଚାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଦେଶ ସମୟ ନଷ୍ଟ ନକରି ଦୃତ ଅଗ୍ରସର ହେବା ପାଇଁ ମନ ସ୍ଥିର କରିସାରିଛି । ଦେଶର ଏହି ବିକାଶ ଯାତ୍ରାରେ ସାମିଲ ହେବାପାଇଁ ଘରୋଇ କ୍ଷେତ୍ର ମଧ୍ୟ ଉତ୍ସାହର ସହ ଆଗେଇ ଆସିଛି । ସରକାର ଭାବେ ଆମକୁ ଏହି ଉତ୍ସାହ ପ୍ରତି ସମ୍ମାନ ଜଣାଇ ଆତ୍ମନିର୍ଭର ଭାରତ ଅଭିଯାନରେ ଘରୋଇ କ୍ଷେତ୍ରକୁ ଯଥାସମ୍ଭବ ଭାରତକୁ ଏଭଳି ଗଢ଼ି ତୋଳିବାକୁ ପଡିବ ଯେପରି ଏହା ନିଜ ପାଇଁ ଉତ୍ପାଦନ କରି ଘରୋଇ ଆବଶ୍ୟକତା ମେଣ୍ଟାଇବା ସହ ବିଶ୍ୱ ପାଇଁ ମଧ ଉତ୍ପାଦନ କରିବ ଓ ତାହା ବିଶ୍ୱବ୍ୟାପୀ ଜନାଦୃତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତ ଭଳି ଏକ ତରୁଣ ଦେଶର ଆଶା-ଆକାଂକ୍ଷାକୁ ଦୃଷ୍ଟିରେ ରଖି ଆମକୁ ଆଧୁନିକ ▶▶ପୃଷ୍ଠା ୭

**ପିଏଲଆଇ ଯୋଜନାର ସୁଯୋଗ ନେଇ ଅଧିକରୁ ଅଧିକ ପୁଞ୍ଜି ବିନିଯୋଗ ଆକୃଷ୍ଟ କରିବାକୁ ରାଜ୍ୟଗୁଡିକୁ ନିବେଦନ**



### ବଜେଟ ପୂର୍ବରୁ ଆସିଲା ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ

## ସଂକୁଚିତ ହେବ ଅର୍ଥନୀତି, କମିବ ମୁଣ୍ଡପିଛା ଆୟ

ଭୁବନେଶ୍ୱର,୨୦।୦୨ (ନି.ପ୍ର): ସଂକୁଚିତ ହେବ ଓଡିଶା ଅର୍ଥନୀତି । ବଜେଟ ପୂର୍ବରୁ ୨୦୨୦-୨୧ ବର୍ଷର ଆସିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏଭଳି ଆକଳନ କରାଯାଇଛି । ସର୍ଭେରେ କୁହାଯାଇଛି, ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର କମିବ । ଅଭିବୃଦ୍ଧି ହାର ମାଇନସ ୪ ଦଶମିକ ୯୨ ହେବ । ରିପୋର୍ଟ ଅନୁସାରେ, ଏଥର ରାଜ୍ୟ ଅର୍ଥନୀତି ଉପରେ କୋଭିଡର ଜୋରଦାର ପ୍ରଭାବ ପଡିଛି । କୋଭିଡ ପ୍ରଭାବରେ ରାଜ୍ୟର ଅର୍ଥନୀତି ସଙ୍କୁଚିତ ହେବ । ୨୦୧୨-୧୩ରୁ ୨୦୧୯-୨୦ ମଧ୍ୟରେ ରାଜ୍ୟର ଅର୍ଥନୀତି ହାରାହାରି ବାର୍ଷିକ ୭.୧ ପ୍ରତିଶତ ହାରରେ ବୃଦ୍ଧି ପାଇଥିଲା । ଏହି ସମୟରେ ଜାତୀୟ ହାର ୬.୬ ପ୍ରତିଶତ ଥିଲା । ୨୦୨୦-୨୧ ଦେଶର ଜିଡିପି ମାଇନସ ୭.୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଥିବାବେଳେ ରାଜ୍ୟର ଜିଡିପି ମାଇନସ ୪.୯୨ ରହିବ, ଯାହାକି ଜାତୀୟ ହାରଠୁ ଭଲ ସ୍ଥିତିରେ ରହିବ ବୋଲି କୁହାଯାଇଛି । ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ, ରାଜ୍ୟରେ ମୁଣ୍ଡ ପିଛା ଆୟ କମିଛି । ଗତବର୍ଷ ତୁଳନାରେ ମୁଣ୍ଡପିଛା ଆୟ ୨୪ ଶହ ୧୦ ଟଙ୍କା କମିଛି । ୨୦୧୯-୨୦ରେ ଏହାଥିଲା ୧ ଲକ୍ଷ ୪ ହଜାର ୫୬୬ । ଚଳିତ ବର୍ଷ ଏହା ହ୍ରାସ ପାଇ ପଂହଚିଛି ୧ ଲକ୍ଷ ୨ ହଜାର ୧୫୬ରେ । ରାଜ୍ୟର ମୁଣ୍ଡପିଛା ଆୟ ଗତବର୍ଷ ତୁଳନାରେ ୨.୩ ପ୍ରତିଶତ ହ୍ରାସ ପାଇଛି ।

## ନୀତି ଆୟୋଗ ବୈଠକରେ ନବୀନଙ୍କ କଡା ବାର୍ତ୍ତା



ଭୁବନେଶ୍ୱର,୨୦।୦୨ (ନି.ପ୍ର): ନୀତି ଆୟୋଗର ଷଷ୍ଠ ବୈଠକରେ ଯୋଗଦେଇ ଖୁବ କଡାକଥା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନିର୍ବାଚିତ ସରକାରଙ୍କ ପ୍ରତ୍ୟେକ କାମକୁ ରାଜନୈତିକ ଦୃଷ୍ଟିକୋଣରୁ ଦେଖାଯାଉଛି । ଏହା ଦେଶର ଉନ୍ନତି ଓ ବିକାଶ କାମରେ ବଡ ବାଧକ । ମୁଖ୍ୟମନ୍ତ୍ରୀ କହିଛନ୍ତି- ଗଣତନ୍ତ୍ରରେ ନିର୍ବାଚନର ଆବଶ୍ୟକତା ରହିଛି । ହେଲେ ନିର୍ବାଚିତ ହେବାପରେ ସରକାର ଦଳମତ ନିର୍ବିଶେଷରେ ଲୋକଙ୍କ ହିତ ପାଇଁ କାମ କରିବା ଦରକାର । ତେଣୁ ଦେଶରେ ନିର୍ବାଚନୀ ବାତାବରଣରୁ ବାହାରି ଲୋକଙ୍କ ପାଇଁ କାମ କରିବାର ବେଳ ଆସିଛି । ପ୍ରତ୍ୟେକ ଅପରାଧକୁ ରାଜନୀତି କରଣ କରାଯାଉଛି । ଯାହା ଦେଶର ଶାନ୍ତି ପାଇଁ ବଡ ବିପଦ । ବୈଠକରେ ଜାତୀୟ ଦଳଗୁଡିକୁ ଟାର୍ଗେଟ କରିଛନ୍ତି ନବୀନ । ଉଭୟ ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ସଂରକ୍ଷଣ ପାଇଁ ଜାତୀୟ ଦଳଗୁଡିକ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ଅବହେଳା କଲେ ▶▶ପୃଷ୍ଠା ୭

### କରୋନାରେ ଦେଶରେ ଗତ ୨୪ ଘଂଟାରେ ୧୩,୯୯୩ ନୂଆ ମାମଲା

ନୂଆଦିଲ୍ଲୀ,୨୦।୦୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୩,୯୯୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୧୦୧ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୦୯,୭୭,୩୮୭ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧,୪୩,୧୨୭ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୫୬,୨୧୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

### ବିରୋଧୀଙ୍କୁ ସନ୍ତୁଷ୍ଟ କରିପାରିଲାନି ମନ୍ତ୍ରୀଙ୍କ ଉତ୍ତର

## ମଣ୍ଡି ଅବ୍ୟବସ୍ଥା ପ୍ରସଙ୍ଗରେ ଗୃହରେ ହଙ୍ଗାମା



ଭୁବନେଶ୍ୱର,୨୦।୦୨ (ନି.ପ୍ର): ବିଧାନସଭାରେ ତୃତୀୟ ଦିନରେ ପୁଣି ଚାଷୀ ତାତି । ଗୃହ କାର୍ଯ୍ୟ ଆରମ୍ଭ ହେଉ ହେଉ ସରକାରଙ୍କୁ ଘେରି ବିରୋଧୀ ଜୋରଦାର ହଙ୍ଗାମା କରିଥିଲେ । ପୋଡିୟମ ତଳେ ହୋହାଲ୍ଲା କରିଥିଲେ ବିଜେପି ଓ କଂଗ୍ରେସ ସଦସ୍ୟ । ବିଜେପି ସଦସ୍ୟମାନେ ଗାଉନ ପିନ୍ଧି ହାତରେ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ । କେବଳ ଭିତରେ ନୁହେଁ ଗୃହ ବାହାରେ ମଧ୍ୟ ପ୍ରତିବାଦ କରିଥିଲେ ବିଜେପି ସଦସ୍ୟ । ଚାଷୀ ଓ ମଣ୍ଡି ସମସ୍ୟାକୁ ନେଇ ବିଧାନସଭାରେ ବିରୋଧୀଙ୍କ ହୋହାଲ୍ଲା ଭିତରେ ଗୃହରେ ଉତ୍ତର ରଖିଥିଲେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ଆଉ କହିଥିଲେ ଯେ, ଚଳିତ ବର୍ଷ ଗତ ୧୯ ତାରିଖ ସୁଦ୍ଧା ୫୫ ଲକ୍ଷ ୩ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି । ଗତବର୍ଷ ୪୫ ଲକ୍ଷ ୬୧ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା ଯାହାକି ଗତବର୍ଷ ତୁଳନାରେ ୨୧ ପ୍ରତିଶତ ଅଧିକ ବର୍ତ୍ତମାନ ସୁଦ୍ଧା ୯ ଲକ୍ଷ ୯୩ ହଜାର ଚାଷୀ ସରକାରଙ୍କୁ ଧାନ ବିକ୍ରି କରିଛନ୍ତି ଧାନ ବାବଦକୁ ୧୦ ହଜାର ୨୮୧ କୋଟି ଟଙ୍କା ଚାଷୀଙ୍କ ଆକାଉଂଟକୁ ପଠାଯାଇଛି । ଧାନ କିଣା ଯିବାର ୭ ଦିନ ପୂର୍ବରୁ ଚାଷୀଙ୍କୁ ତାରିଖ ଓ ପରିମାଣ ସମ୍ପର୍କରେ ଜଣାଯାଉଛି ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ ଚାଲିବ ମନ୍ତ୍ରୀଙ୍କ ଉତ୍ତର କିନ୍ତୁ ବିରୋଧୀଙ୍କୁ ସନ୍ତୁଷ୍ଟ କରିପାରିନଥିଲା । ଗୃହରେ ହୋହାଲ୍ଲା କରିଥିଲେ ବିରୋଧୀ । ମଣ୍ଡିରେ ପଡିଥିବା ଧାନ ନଉଠିବା ପର୍ଯ୍ୟନ୍ତ ବିରୋଧ ଜାରି ରହିବ ବୋଲି ବିଜେପି କହିଥିବାବେଳେ କଂଗ୍ରେସ କହିଥିଲା, ସରକାର ଆଲୋଚନାକୁ ଡରୁଛନ୍ତି ।ଚାଷୀ ସମସ୍ୟା ଗୁରୁତର ଥିବାରୁ ଗୃହରେ ଆଲୋଚନା ପାଇଁ ଦାବି କରୁଛନ୍ତି ବିରୋଧୀ । ହେଲେ, ବିରୋଧୀଙ୍କ ଦାବିକୁ ସରକାର ଗ୍ରହଣ କରିନାହାଁନ୍ତି । ଫଳରେ ବିରୋଧୀ ବାରମ୍ବାର ଗୃହ ଅଚଳ କରୁଛନ୍ତି ।

## କଂଟେନର ପଛରେ ଧକ୍କା ଦେଲା ଆମ୍ବୁଲାନ୍ସ : ତିନି ମୃତ, ୩ ଗୁରୁତର

କଟକଭୁବନେଶ୍ୱର,୨୦।୦୨ (ନି.ପ୍ର): ପଶ୍ଚିମବଙ୍ଗରୁ କଟକ ଏସସିବି ମେଡିକାଲକୁ ରୋଗୀ ନେଇ ଆସୁଥିବା ବେଳେ ଏକ ଆମ୍ବୁଲାନ୍ସ ଆଜି ସକାଳେ ୧୬ ନଂ ଜାତୀୟ ରାଜପଥର ଟାଙ୍ଗୀ ବନ୍ଧାଲୋ ଟୋଲ୍ ଗେଟ୍ ନିକଟରେ ଅନ୍ୟ ଏକ କଂଟେନର ପଛରେ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଆମ୍ବୁଲାନ୍ସରେ ଥିବା ରୋଗୀ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଅନ୍ୟ ତିନି ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଦୁଇ ଜଣ ମହିଳା ଓ ଜଣେ ଶିଶୁ ରହିଛନ୍ତି । ସମସ୍ତ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲରେ ଭର୍ତି କରାଯାଇଛି । ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଦୁର୍ଘଟଣା ଗ୍ରସ୍ତ ଗାଡି ଆମ୍ବୁଲାନ୍ସ ନଂ ଡବ୍ଲୁବି ୩୩ସି-୬୦୬୮ କଂଟେନରନଂ ଓଡ଼ି୦୧କ୍ୟୁ-୪୧୭୩ କୁ ପୋଲିସ ଜବତ କରିଛି । କିପରି ଓ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ପୋଲିସ ପକ୍ଷରୁ ସେନେଇ ତଦନ୍ତ ଆରମ୍ଭ ହୋଇଛି ।

### ପ୍ରତ୍ୟେକଙ୍କର ଅଧିକାର, ନିରପେକ୍ଷତା ଓ ସମାନତାକୁ ସୁନିଶ୍ଚିତ କରିବାକୁ ପ୍ରତିବଦ୍ଧ ହେବା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୦୨ (ନି.ପ୍ର): ସାମାଜିକ ନ୍ୟାୟ ଦିବସ ଅବସରରେ ପ୍ରତ୍ୟେକଙ୍କର ଅଧିକାର, ନିରପେକ୍ଷତା ଓ ସମାନତାକୁ ସୁନିଶ୍ଚିତ କରିବା ସହ ଯଥାର୍ଥ ଓ ସମ୍ମିଳିତ ସମାଜ ଗଠନ ପାଇଁ ଜନସାଧାରଣ ସମ୍ମୁଖୀନ ହେଉଥିବା ଲିଙ୍ଗ, ବୟସ, ଜାତି, ଜାତୀୟତା, ଧର୍ମ, ସଂସ୍କୃତି କିମ୍ବା ଭିନ୍ନକ୍ଷମତାଜନିତ ପ୍ରତିବନ୍ଧଗୁଡ଼ିକୁ ଦୂର କରିବା ନିମନ୍ତେ ଆମେ ସବୁ ପୁନଃପ୍ରତିବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଟୁଲକିଟ୍ ମାମଲାରେ ଦିଶା ରବିଙ୍କ ଜାମିନ୍ ଖାରଜ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦।୦୨ (ନି.ପ୍ର): ଚାଷୀ ଆନ୍ଦୋଳନ ସହ ଜଡ଼ିତ ଟୁଲକିଟ୍ ମାମଲାରେ ଗିରଫ ଜଳବାୟୁ କର୍ମକର୍ତା ଦିଶା ରବିଙ୍କୁ ଜାମିନ ମିଳିନାହିଁ। ପଟିଆଲା ହାଉସ କୋର୍ଟ ଦିଲ୍ଲୀ ପୁଲିସ୍ ଓ ଦିଶାଙ୍କ ପକ୍ଷରୁ ମାମଲା ଲଢୁଥିବା ଓକିଲଙ୍କ ଯୁକ୍ତି ଶୁଣିବା ପରେ ମାମଲା ରାୟ ୨୩ ତାରିଖରେ ପ୍ରକାଶ କରିବେ ବୋଲି କହିଛନ୍ତି। ଦିଲ୍ଲୀ ପୁଲିସ୍ ଆଜି କୋର୍ଟରେ କହିଛି ଯେ ଟୁଲକିଟ୍ ରେ ମିଛ ତଥ୍ୟ ଦେଇ ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରାଯାଇଥିଲା। ଟୁଲକିଟ୍ ରେ ଲୋକଙ୍କୁ ସରକାରୀ ବିରୋଧୀ ଆନ୍ଦୋଳନରେ ସାମିଲ ହେବାକୁ କୁହାଯାଇଛି। ଭାରତ ସରକାରଙ୍କ ବିରୋଧରେ ବଡ଼ ଧରଣର ଷଡ଼ଯନ୍ତ୍ର କରାଯାଉଥିଲା। ଏହି ମାମଲାରେ ଆମକୁ ଏମିତି କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ମିଳିଛି, ଯାହାକୁ ଆମେ ବନ୍ଦ ଲଫାପାରେ କୋର୍ଟଙ୍କୁ ଦେବାକୁ ଚାହୁଁଛୁ। ଦିଶା ରବିଙ୍କ ବିରୋଧରେ ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ପ୍ରମାଣ ରହିଛି। ତାଙ୍କ ସହଯୋଗୀ ଶାନ୍ତନୁ ଦିଲ୍ଲୀ ଆସିଥିଲେ ଓ ୨୦ରୁ ୨୭ ତାରିଖ ଯାଏ ରହିଥିଲେ। ଯୋଜନା ଅନୁସାରେ ଦିଲ୍ଲୀରେ ସବୁ କିଛି ହେଉଛି କି ନାହିଁ, ତା'ର ଯାଂଚ କରିବାକୁ ଶାନ୍ତନୁ ଆସିଥିଲେ। ଜାନୁଆରୀ ୨୬ରେ ଷଡ଼ଯନ୍ତ୍ରକାରୀ ସଫଳ ହୋଇନାହାନ୍ତି। ଯଦି ସେମାନେ ଯୋଜନା ଅନୁସାରେ କାମ କରିଥାଆନ୍ତେ, ତା'ହେଲେ ସ୍ଥିତି ଆହୁରି ଭୟଙ୍କର ହୋଇଥାଆନ୍ତି ବୋଲି ପୁଲିସ୍ କହିଛି।

## ସଚେତନ ହେଲେ ବଢ଼ିବ ନାହିଁ ସଂକ୍ରମଣ : ଡିଏମଇଟି

### ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରଖିବା ଭଳି ଉପାୟ ଗ୍ରହଣ କଲେ ଲାଗୁ ହେବନି ଲକଡାଉନ



ଭୁବନେଶ୍ୱର,୨୦।୦୨ (ନି.ପ୍ର): ପୁଣି ଚିନ୍ତା ବଢାଉଛି କରୋନା । ମହାରାଷ୍ଟ୍ରରେ କରୋନା ସ୍ଥିତି ଭୟଙ୍କର ହେବା ପରେ ବର୍ତମାନର କରୋନା ସ୍ଥିତିକୁ ନେଇ ପ୍ରତିକ୍ରିୟା ରଖିଲେ ଡ଼ିଏମଇଟି ସିବିକେ ମହାନ୍ତି । ସେ କହିଛନ୍ତି, ବର୍ତମାନ ସ୍ଥିତିରେ ଦୈନିକ ସଂକ୍ରମଣ ନେଇ ଲକଡ଼ାଉନ୍ କଥା ନାହିଁ । ହେଲେ ଲକଡାଉନ ସମ୍ଭାବନାକୁ ଏଡ଼ାଇ ହେବ ନାହିଁ । ମହାରାଷ୍ଟ୍ର ଓ କେରଳରେ ଲକଡ଼ାଉନ୍ ଓ କିଛି ସ୍ଥାନରେ ନାଇଟ କର୍ଫ୍ୟୁ ହୋଇଛି । ହେଲେ ବ୍ରିଟେନ ଓ ଆମେରିକା ପରି ସଂକ୍ରମଣ ବଢିନି । ଲୋକେ ନିଜେ ସଚେତନ ରହିଲେ, ଲକଡ଼ାଉନ ଏଡ଼ାଇ ହେବ । ପ୍ରତିଦିନ ଆମ ସର୍ଭିଲେନ୍ସ ଟିମ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିଛନ୍ତି । କିନ୍ତୁ ୪କୋଟି ଲୋକଙ୍କୁ ପାଖକୁ ଯାଇ ହେବନି । ତେଣୁ ଯେଉଁ ଲୋକଙ୍କ ଭିତରେ କିଛି ଲକ୍ଷଣ ଦେଖାଯାଉଛି, ସେମାନେ ନିଜେ ଜଣାନ୍ତୁ ଓ ଡ଼ାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି କହିଛନ୍ତି ଡ଼ିଏମଇଟି ନିର୍ଦ୍ଦେଶକ ସିବିକେ ମହାନ୍ତି । ମହାରାଷ୍ଟ୍ର ସମେତ କିଛି ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ ସତର୍କ ହୋଇଛନ୍ତି ରାଜ୍ୟ ସରକାର । ରାଜ୍ୟରେ କଡ଼ାକଡ଼ି ଭାବେ ପାଳନ କରାଯିବ କରୋନା ଗାଇଡଲାଇନ । ରାଜ୍ୟର ସମସ୍ତ ଜିଲ୍ଲାପାଳ, ମୁନିସିପାଲ କମିସନର, ପୁଲିସ କମିସନର, ଡିସିପି, ଏସପି ଓ ସିଡିଏମଓଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର । ▶▶ପୃଷ୍ଠା ୭

## ଧାନକିଣାରେ ଅନିୟମିତତା : ୬ ଜଣ ପ୍ୟାକ୍ସ ସଂପାଦକ, ଜଣେ କ୍ଲର୍କ ନିଲମ୍ବିତ

ଭୁବନେଶ୍ୱର,୨୦।୦୨ (ନି.ପ୍ର): ପ୍ରାଥମିକ କୃଷି ସମବାୟ ସମିତିରେ ଧାନକିଣାରେ ଅନିୟମିତତା, କାର୍ଯ୍ୟରେ ଗୁରୁତର ଅବହେଳା ଓ ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାର ଉଲ୍ଲଂଘନ ଅଭିଯୋଗରେ ବରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ପ୍ୟାକ୍ସର ୬ ଜଣ ସଂପାଦକ ଓ ଜଣେ କ୍ଲର୍କ ତଥା ପର୍ଚେଜ୍ ଅଫିସରଙ୍କୁ ନିଲମ୍ବନ ଓ ୩ ଜଣ ଭାରପ୍ରାପ୍ତ ଡାଟାଏଂଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି । ନିଲମ୍ବନ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରାଯାଇଛି । ରାଜ୍ୟ ଏନ୍‌ଫୋର୍ସମେଂଟ ସ୍କ୍ୱାଡ୍ ଦ୍ୱାରା ଅଭିଯୋଗର ତଦନ୍ତ ରିପୋର୍ଟ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ନିଲମ୍ବିତ ହୋଇଥିବା କର୍ମଚାରୀମାନେ ହେଲେ ଭେଡେନ ପ୍ରାଥମିକ କୃଷି ସମବାୟ ସମିତିର ସଂପାଦକ ରବୀନ୍ଦ୍ର କୁମାର ଦାଶ, କାନସିଂଘା ପ୍ୟାକ୍ସର ଭାରପ୍ରାପ୍ତ ସଂପାଦକ କାନ୍ତିଲାଲ ଭୋଇ, ଏମ୍.ଶ୍ରୀଗିଡ଼ା ପ୍ୟାକ୍ସର ସଂପାଦକ ନିର୍ମଳ କୁମାର ଜେନା, ରେମୁଣ୍ଡା ପ୍ୟାକ୍ସର ସଂପାଦକ ଶଶିଭୂଷଣ ସାହୁ, ଗାଇସିଲଟ ପ୍ୟାକ୍ସର ଭାରପ୍ରାପ୍ତ ସଂପାଦକ ଘନଶ୍ୟାମ ସାହୁ ଓ କୁମ୍ଭାରୀ ପ୍ୟାକ୍ସର ସଂପାଦକ ଗୌରଚନ୍ଦ୍ର ବୁଧିଆ । ସେହିପରି କାନସିଂଘା ପିପିସିର ଭାରପ୍ରାପ୍ତ ଡାଟାଏଂଟ୍ରି ଅପରେଟର ସନ୍ଦୀପ ସାହୁ, ବୁରୋମୁଣ୍ଡା ପିପିସି ଭାରପ୍ରାପ୍ତ ଡିଇଓ ଲିଲୁ ଭୋଇ ଏବଂ ଚାଂଟିପୋଲି ପିପିସିର ଭାରପ୍ରାପ୍ତ ଡାଟା ଏଂଟ୍ରି ଅପରେଟର ପ୍ରେମାନନ୍ଦ ସାହୁଙ୍କୁ ତାଙ୍କ କାର୍ଯ୍ୟରୁ ବହିଷ୍କାର କରାଯାଇଥିବାବେଳେ ଏମ୍.ଶ୍ରୀଗିଡ଼ା ପ୍ୟାକ୍ସର କ୍ଲର୍କ ତଥା ପର୍ଚେଜ ଅଫିସର ଦିନେଶ କୁମାର ବାରିକଙ୍କୁ ନିଲମ୍ବନ କରାଯାଇଛି ।

### କୋଟିଆ ପ୍ରସଙ୍ଗରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ କଡା ଚିଠି

ଭୁବନେଶ୍ୱର,୨୦।୦୨ (ନି.ପ୍ର): କୋଟିଆ ପ୍ରସଙ୍ଗରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ କଡା ଭାଷାରେ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ। ବିଜୟାନଗରମ, ବିଶାଖାପଟନମ ଓ ଶ୍ରୀକାକୁଲମ ଜିଲ୍ଲା ପ୍ରଶାସନକୁ ବେଆଇନ ସୀମା ଦଖଲ କାର୍ଯ୍ୟକଳାପ, ତଥା ଲୋକମାନଙ୍କୁ ପ୍ରଲୋଭନ କରି ଭୋଟ କରାଇବା ଆଦି କାମରୁ ବିରତ ରହିବା ପାଇଁ ନିର୍ଦ୍ଦେଶ ଦେବା ଲାଗି ଶ୍ରୀ ନାଏକ ଚିଠିରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । କଡା ଭାଷାରେ ବିରୋଧୀ ଦଳ ନେତା ଲେଖିଛନ୍ତି ଯେ କୋଟିଆ ଓଡିଶାର ଥିଲା ରହିଛି ରହିବ । ୧୯୩୬ ମସିହାରେ ଓଡିଶା ପ୍ରଦେଶ ଗଠନ ବେଳେ ବ୍ରିଟିଶ ଭାରତ ସରକାରଙ୍କର ଗେଜେଟ ନୋଟିଫିକେସନ ▶▶ପୃଷ୍ଠା ୭

## ଥରକୁ ଥର ବିକୁଥିଲେ ଗୋଟିଏ ଜମି : ଶେଷରେ ବନ୍ଧା ହେଲେ

କଟକ,୨୦।୦୨ (ନି.ପ୍ର): ଗୋଟିଏ ଜମିକୁ ଏକାଧିକ ଲୋକଙ୍କୁ ବିକୁଥିଲେ। ଏପରିକି ସରକାରୀ ଜମିକୁ ବି ଛାଡୁ ନ ଥିଲେ। ତାକୁ ବି ବିକି ଚଳୁ କରି ଦେଉଥିଲେ। ଥରେ କି ଦି ଥର ନୁହେଁ, ୩ ବର୍ଷ ଧରି ଲଗାତାର ଭାବେ ଏପରି ଠକାମୀ ରାକେଟ ଚଳାଉଥିବା ୬ ଜଣ ସଦସ୍ୟ ବନ୍ଧା ହୋଇଛନ୍ତି। ସେମାନଙ୍କଠାରୁ ଲକ୍ଷେ ୪୦ ହଜାର ଟଙ୍କା, ବନ୍ଧୁକ ଓ ଗୁଳି ଜବତ କରାଯାଇଛି। କଟକ ଡିସିପିଙ୍କ ସୂଚନା ଅନୁଯାୟୀ, ପ୍ରାୟ ୩ ବର୍ଷ ହେଲା ଏପରି ରାକେଟ ଚଳାଇଥିଲେ ଗ୍ରୁପ୍‌ର ସଦସ୍ୟମାନେ। ଏମାନଙ୍କ ଦ୍ୱାରା ୧୦ରୁ ୧୫ ଜଣ ଲୋକ ଠକାମୀର ଶିକାର ହୋଇଥିବା ଅଭିଯୋଗ କରିବା ପରେ ଛାନଭିନ ଆରମ୍ଭ କରିଥିଲା ପୁଲିସ୍ । ଅଭିଯୁକ୍ତମାନେ ବିଭିନ୍ନ ସମୟରେ ଗୋଟିଏ ଜମିକୁ ଏକାଧିକ ଲୋକଙ୍କୁ ବିକ୍ରି କରି ଚୂନ ଲଗାଉଥିଲେ। ସେହିଭଳି ସରକାରୀ ଜମିକୁ ମଧ୍ୟ ବିକ୍ରି କରୁଥିଲେ। ଚୌଦ୍ୱାର ଅଞ୍ଚଳରେ ଆହୁରି ୪-୫ଟି ଗ୍ୟାଙ୍ଗ ଏପରି କରୁଥିବା ପୁଲିସ୍ ନଜରକୁ ଆସିଛି। ଖୁବ୍ ଶୀଘ୍ର ସେମାନଙ୍କୁ ବନ୍ଧାଯିବ ବୋଲି ଏସ୍‌ପି କହିଛନ୍ତି।

# କୁରୁଡ଼ା ସାରସ୍ୱତ ସଂଘ ବାର୍ଷିକ ଉତ୍ସବ

## ଆଧ୍ୟାତ୍ମିକତା ଆଦର୍ଶ ଗୃହସ୍ଥ ଜୀବନକୁ ସଂସ୍କାରୀ କରାଇଥାଏ



ବାଲେଶ୍ୱର,୨୦।୨ (ନି.ପ୍ର): ପବିତ୍ର ମାଘସପ୍ତମୀ ଅବସରରେ କୁରୁଡ଼ା ସାରସ୍ୱତ ସଂଘର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ପ୍ରାପ୍ତ ସଭାପତି ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦାସଙ୍କ କୁରୁଡ଼ାସ୍ଥିତ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବର୍ତ୍ତମାନର ସଭାପତି ମହେନ୍ଦ୍ର ପ୍ରସାଦ ବେହେରା ପୌରୋହିତ୍ୟ କରିଥିଲେ। ଆସାମ ଓ ପଶ୍ଚିମବଙ୍ଗ ସାରସ୍ୱତ ମଠ ଟ୍ରଷ୍ଟ ବୋର୍ଡ଼ର ଟ୍ରଷ୍ଟି ନିଗମାନନ୍ଦ ସରସ୍ୱତୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ ଜୀବନକୁ ସରସ ଓ ସହଜ କରିବାରେ ଈଶ୍ୱର ସତ୍ତାର ବିଶ୍ୱାସ ସାଙ୍ଗକୁ ଆଧ୍ୟାତ୍ମିକତାବାଦର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପୁରୀ ସାରସ୍ୱତ ସଂଘର ଅଧ୍ୟକ୍ଷ ଶ୍ରୀମଦ ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ମହାରାଜ ଓ ଅବସରପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲିକ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କାରଯୁକ୍ତ ପରିବାର ଓ ସମାଜ ପ୍ରତିଷ୍ଠାରେ ଆଧ୍ୟାତ୍ମିକତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ବିଶେଷ କରି ଆଧହାତ୍ମିତା ଆଦର୍ଶ ଗୃହସ୍ଥ ଜୀବନକୁ କିପରି ସଂସ୍କାରୀ କରାଇଥାଏ ସେ ସମ୍ପର୍କରେ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। ସାରସ୍ୱତ ସଂଘର ଜିଲ୍ଲାର ବିଭିନ୍ନ ଶାଖା କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନେ ଏଥିରେ ଯୋଗ ଦେଇଥିଲେ। ମାନେସ ରଂଜନ ଦାସ ଏଥିରେ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅମୀୟ ରଂଜନ ଦାସ କାର୍ଯକ୍ରମର ଆଭିମୁଖକ୍ସ ସମ୍ପର୍କରେ ସୂଚନା ପ୍ରଦାନ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଏନ୍‌ଜିଟି ନିର୍ଦ୍ଦେଶରେ ୪ଜଣିଆ ଟିମ୍‌ର ସୁବର୍ଣ୍ଣରେଖା ବାଲି ସୌରାତ ପରିଦର୍ଶନ

ଜଳେଶ୍ୱର,୨୦।୨ (ନି.ପ୍ର): ଦୀର୍ଘବର୍ଷ ଧରି ସୁବର୍ଣ୍ଣରେଖା ନଦୀର ବେଆଇନ୍ , ରାଜସ୍ୱ ଫାଙ୍କି ଓ ପରିବେଶ ପ୍ରଦୂଷଣ ହୋଇ ବ୍ୟାପକ ବାଲି ଚାଲାଣ ହେଉଥିବା ଅଭିଯୋଗର ତଦନ୍ତ କରୁଛି ଜାତୀୟ ଗ୍ରୀନ୍ ଟ୍ରବ୍ୟୁନାଲ । ଏନ୍‌ଜିଟିର ନିର୍ଦ୍ଦେଶକ୍ରମେ ଆଜି ଜିଲା ପାଳଙ୍କ ସହିତ ଅନ୍ୟ ୩ଜଣ ସୁବର୍ଣ୍ଣରେଖା ବାଲି ସୈରାତ ବୁଲି ଦେଖିଛନ୍ତି ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କିନ୍ତୁ ବେଆଇନ୍ ବାଲି ଉତ୍ତୋଳନ ଓ ଚାଲାଣ ବଂଦ ହେଉନଥିବାରୁ ପ୍ରଶାସନୀକ ଅଧିକାରୀଙ୍କ ପ୍ରତି ସନ୍ଦେହର ଅଂଗୁଳି ନିର୍ଦ୍ଦେଶ ହେଉଛି । ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଏକାଧିକ ମାମଲା ରୁଜୁ ହୋଇଛି । ପ୍ରକାଶ ଯୋଗ୍ୟ ସୁବର୍ଣ୍ଣରେଖା ନଦୀର ଓଡିଶାର ପ୍ରବେଶଦ୍ୱାର ନିକଟରେ ୧୦ କିମି. ଦୁଇରାଜ୍ୟର ସୀମାରେ ପ୍ରବାହିତ ହେଉଥିବାରୁ ସୀମା ସମସ୍ୟା ଦୂର ହେଉନାହିଁ ଓ ଗୋଟିଏ ରାଜ୍ୟର ପ୍ରଦାଧିକାର ଅନ୍ୟ ରାଜ୍ୟର ପ୍ରଦାଧିକାରୀଙ୍କ ମୁଣ୍ଡରେ ଅଠା ବୋଳି ଚାଲିଛନ୍ତି । ବିଭିନ୍ନ ପର୍ଯ୍ୟାୟରେ ଏନ୍‌ଜିଟି ନିର୍ଦ୍ଦେଶରେ ସୁବର୍ଣ୍ଣରେଖା ବାଲି ସୈରାତ ଗୁଡିକୁ ପ୍ରଶାସନୀକ ଅଧିକାରୀ ଓ ବୈଜ୍ଞାନିକ ତଥା ବିଶେଷଜ୍ଞମାନେ ଆସି ପରିଦର୍ଶନ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ । ଯାହା ହେଉ ଆଜି ଶୁକ୍ରବାର କେନ୍ଦ୍ରୀୟ ଏନ୍‌ଜିଟିର ନିର୍ଦ୍ଦେଶରେ ସେଣ୍ଟ୍ରାଲ କଲ୍ୟୁସନ କଣ୍ଟ୍ରୋଲବୋର୍ଡର ବରିଷ୍ଠ ବିଶେଷଜ୍ଞ, ଷ୍ଟେଟ୍ ଏନ୍‌ଭେରନ୍‌ମେଣ୍ଟ ଇମ୍ପାକ୍ଟ ଏସେସ୍‌ମେଣ୍ଟ ଅଥରିଟି (ସିଆ), ରାଜ୍ୟ ପଲ୍ୟୁସନ କଣ୍ଟ୍ରୋଲବୋର୍ଡର ବାଲେଶ୍ୱର ସ୍ଥିତ ଇଞ୍ଜିନୀୟରଙ୍କ ସହିତ ବାଲେଶ୍ୱର ଜିଲାପାଳ ମଧ୍ୟାହ୍ନରେ ଆସି ସୁବର୍ଣ୍ଣରେଖା ବାଲି ସୈରାତରେ ପହଞ୍ଚିଥିଲେ । ଏପରି ଘଟଣା ହଠାତ୍ ପ୍ରଚାରିତ ହେବାପରେ ସମସ୍ତ ବାଲି ସୈରାତ ଓ ସୈରାତ ଘୋଷିତ ହୋଇନଥିବା ସ୍ଥାନରୁ ବାଲି ଉତ୍ତୋଳନ ବନ୍ଦ ହୋଇ ଯାଇଥିଲା । ଏହି ଟିମ୍ ମହମ୍ମଦନଗରପାଟଣା ଠାରେ ଥିବା ୫ଟି ବାଲି ସୈରାତ ବୁଲି ଅଧିକ ତଥ୍ୟ ଆହରଣ କରିଥିଲେ । ଏହି ଟିମ୍‌ରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଡ. ପିକେ ନାୟକ, ଡ. ଜିପି ସିଂ, ଇଂ ନରୋତ୍ତମ ପ୍ରଧାନ ଓ ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କିନ୍ତୁ ଏହି ଟିମ୍‌ରେ ଥିବା ବୈଜ୍ଞାନୀକ ଓ ଗବେଷକ ମାନେ ନଦୀର ବାଲିସ୍ଥିତି ଦେଖି ଅସନ୍ତୋଷ ପ୍ରକାଶ କରିଥିବା ଜଣାଯାଇଛି । ପ୍ରକାଶଯୋଗ୍ୟ ଅଦ୍ୟାବଧି ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ଦିବାରାତ୍ର ବେଆଇନ୍ ବାଲି ଉତ୍ତୋଳନ ହେବା ସହିତ ପରିବେଶ ପ୍ରଦୂଷଣ ହୋଇ ଆସୁଛି । କିନ୍ତୁ ପ୍ରଶାସନ ଏହାକୁ ରୋକିବାରେ ଏକପ୍ରକାର ବିଫଳ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି । କେତେକ ସ୍ଥଳରେ କିଛି ଟ୍ରାକ୍ଟର ଓ ଡମ୍ପରକୁ ସ୍ଥାନୀୟ ପ୍ରଶାସନ ଧରି ଜୋରିମାନା ଆଦାୟ କରୁଥିବା ବେଳେ ଏନ୍‌ଜିଟିର ନିର୍ଦ୍ଦେଶ ବିଶେଷ ଫଳପ୍ରଦ ହେଉନଥିବା ନଦୀତଟବର୍ତ୍ତୀ ଅଂଚଳର ବୁଦ୍ଧିଜିବୀ, ଶିକ୍ଷିତ ବ୍ୟକ୍ତିମାନେ ପ୍ରକାଶ କରୁଛନ୍ତି । ଦୃଢ ହସ୍ତରେ ଏପରି ବେଆଇନ୍ କାର୍ଯ୍ୟ ବନ୍ଦ କରାଯିବା ସହିତ ସରକାରୀ ଯୋଜନାରେ ବାଲିର ବ୍ୟବହାର ନେଇଏକ ସରଳ ପଦ୍ଧତି ବାହାର କରିବାକୁ ଦାବି ହୋଇଛି ।

# ମହାମାୟା କ୍ଲବ ପକ୍ଷରୁ ସାଂସ୍କୃତିକ ସଭା

ଜଳେଶ୍ୱର,୨୦।୨ (ନି.ପ୍ର): ବାଲେଶ୍ୱର ଜିଲା, ଜଳେଶ୍ୱର ବ୍ଲକ ଅଧିନ ଗୋପୀମୋହନପୁର ପଂଚାୟତର ଚକସାହି ମହାମାୟା କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଥିବା ୨ ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ସଂଘର ସଭାପତି ପଦ୍ମଲୋଚନ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଜଶ୍ରୀ ମହାନ୍ତି ଯୋଗ ଦେଇଥିଲେ । ମୁଖ୍ୟବକ୍ତାଭାବେ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମହାପାତ୍ର ଯୋଗ ଦେଇ ମଣିଷ ପରିବାର, ପରିବେଶ, ସମାଜ, ପ୍ରକୃତିର ନିୟମକୁ ଠିକ୍‌ଭାବେ ବୁଝି ଏହାର ସୁରକ୍ଷା ପ୍ରତି ଧ୍ୟାନ ଦେବା ଦରକାର ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଚିତ୍ତରଂଜନ ପରିଡା, ମନୋଜ କୁମାର ଭୂୟାଁ, ଅମୀୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ କ୍ଲବର ଉପସଭାପତି ଜ୍ୟୋତିକେଶ ପ୍ରଧାନ ଅତିଥି ପରିଚୟ କରିଥିଲେ । ସଂପାଦକ ପାର୍ଥସାରଥି ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ମେ ଆଇ ହେଲ୍ପ ୟୁ, ମୋ ପରିବାର ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଜ୍ଞାପରମିତା ପ୍ରଧାନ, ପ୍ରଜ୍ଞାସ୍ମିତା ବାରିକ, ଭାଗ୍ୟବାନ ଦାସ, ଦିବ୍ୟଜ୍ୟୋତି କୁଇଲା, ଅନୁକୃପା ପାତ୍ର ପ୍ରମୁଖ ନୃତ୍ୟ ପରିବେଶଣ କରିଥିବା ବେଳେ ହୃଷିକେଷ ଧଳ, ଉତ୍ପଳ ଚନ୍ଦ, ରାଜୀବ ଚନ୍ଦ, ସତ୍ୟଜିତ୍ ଜେନା, ସତ୍ୟବ୍ରତ ଦେ, ତ୍ରିଲୋଚନ ସି, ଜୀବନ ଚନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଲଘୁ ଉଦ୍ୟୋଗ କର୍ମଶାଳା: ସ୍ଥାନୀୟ ତାଲିମପ୍ରାପ୍ତଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ




ବାଲେଶ୍ୱର,୨୦।୨ (ନି.ପ୍ର): ଜିଲା ଦକ୍ଷତା କମିଟି ଆନୁକୂଲ୍ୟରେ ଶିଳ୍ପ/ଲଘୁ ଉଦ୍ୟୋଗ (ଏମ.ଏସ.ଏମ.ଇ) ସଚେତନତା କର୍ମଶାଳା ସରକାରୀ ଆଇ.ଟି.ଆଇ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧକ୍ଷତା କରିବା ସହିତ କାର୍ଯକ୍ରମର ଆଭିମୁଖକ୍ସ ସମ୍ପର୍କରେ ଆଲାଚନା କରିଥିଲେ। ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପ୍ରତିନିଧି, ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର କର୍ମକର୍ତା ଓ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଶିଳ୍ପାନୁଷ୍ଠାନର ଆବଶ୍ୟକତା ଅନୁଯାୟୀ ଯୁବକ/ଯୁବତୀଙ୍କୁ ବିଭିନ୍ନ ଦକ୍ଷତା ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ସେମାନଙ୍କୁ ସ୍ଥାନୀୟ ଉଦ୍ୟୋଗ ସମୂହରେ ନିଯୁକ୍ତି ପ୍ରଦାନ ଉପରେ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଗୁରୁତ୍ୱାରୋପ କରିଥିଲେ । ଜିଲାର ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପାନୁଷ୍ଠାନ ପାରସ୍ପରିକ ସହଯୋଗ ସହ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ଏହା ସମସ୍ତଙ୍କ ପାଇଁ ଲାଭଦାୟୀ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ଜିଲାରେ ବିପୁଳ ପୁଞ୍ଜିନିବେଶ ହେବା ଆଶା କରାଯାଉଥିବା ବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦକ୍ଷ ମାନବସମ୍ବଳ ତିଆରି କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଜିଲ୍ଲାପାଳ କହିଥିଲେ । ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଉପ-ନିର୍ଦ୍ଦେଶକ ଅସିତ ବରନ୍ ପ୍ରଧାନ ଏହି କର୍ମଶାଳାରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ଜିଲାର ଉପଯୁକ୍ତ ଭିତ୍ତିଭୂମି ସମେତ ଶିକ୍ଷିତ ଯୁବ ମାବବ ସମ୍ବଳ ଥିବା ବେଳେ ଏହାର ସଦୁପଯୋଗ କରିବା ଉଚିତ ବୋଲି କହିଥିଲେ । ବିଶେଷ କରି ସ୍ଥାନୀୟ ଶିଳ୍ପାନୁଷ୍ଠାନରେ ଶିକ୍ଷିତ ଯୁବକ-ଯୁବତୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ସହ ରୋଜଗାରକ୍ଷମ କରାଯାଇପାରିଲେ ଜିଲା ଅର୍ଥନୀତିରେ ବିକାଶ ହୋଇପାରିବ ବୋଲି ସେ ଉଲେଖ କରିଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ଏହି କର୍ମଶାଳାରେ ଯୋଗ ଦେଇ ଜିଲ୍ଲାର ଯୁବକ-ଯୁବତୀମାନଙ୍କ ମଧ୍ୟରେ ଯେଉଁ ଦକ୍ଷତା ବ୍ୟବଧାନ ରହିଛି, ତାହାକୁ ପୂରଣ କରିବା ପାଇଁ ଜିଲାର ଶିଳ୍ପାନୁଷ୍ଠାନ/ଉଦ୍ୟୋଗୀମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଆଇ.ଟି.ଆଇ.ଅଧ୍ୟକ୍ଷ କେ.ସି.ରାଉତ, ଓରମାସ ଉପ-କାର୍ଯ୍ୟନିର୍ବାହୀ ଅଧିକାରୀ ଜେ.କେ.ବିଶ୍ୱାଳ, ଏଲଡିଏମ ଶ୍ରୀ ସୁଦୀପ ଡାକୁଆ, ସିପେଟ୍, ବାଲେଶ୍ୱର ଅଧ୍ୟକ୍ଷ କେ.କେ.ମହାପାତ୍ର, ଜିଏମ.-ଡିଆଇସି ସତ୍ୟାନନ୍ଦ ପଟ୍ଟନାୟକ, ରାଜ୍ୟ ଶିକ୍ଷାନବୀଶ ପର୍ଯ୍ୟବେକ୍ଷଣ ସେଲ୍‌ର ପ୍ରକଳ୍ପ ପରାମର୍ଶଦାତା ବିକ୍ରମ କୁମାର ସିଂହ, ପିଡବ୍ଲ୍ୟୁସିର ଟିମ ଲିଡର ମନୋଜ ତ୍ରିପାଠୀ ପ୍ରମୁଖ ଶିଳ୍ପାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ସହଭାଗିତା ଉପରେ ଆଲୋକପାତ କରିବା ସହିତ ସ୍ଥାନୀୟ ଯୁବକ-ଯୁବତୀଙ୍କ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ଉପରେ ବକ୍ତବ୍ୟ ରଖିଥିଲେ । ଜିଲା ନିଯୋଜନ ଅଧିକାରୀ ନିମାଇଁ ଚରଣ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲା ନିଯୋଜନ ଅଧିକାରୀ ଅଜୟ କୁମାର ଦାଶ ଏଥିରେ ସକ୍ରିୟ ସହଯୋଗ କରିଥିବା ବେଳେ ଜିଲା ଦକ୍ଷତା ସଂଯୋଜିକା ଭାରତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କାଜୁ ବାଦାମ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

ଭୁବନ,୨୦।୨ (ନି.ପ୍ର): ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ ସର୍ବଭାରତୀୟ ସଂଯୋଜିତ କାଜୁ ଗବେଷଣା ପ୍ରକଳ୍ପ ,ଭୁବନେଶ୍ୱର ଆନୁକୂଲ୍ୟରେ ଗଁନ୍ଦିଆ ବ୍ଲକ ନବଲିଙ୍ଗା ଗ୍ରାମରେ ଅନୁସୂଚିତ ଜାତି ଉପଯୋଜନା ମାଧ୍ୟମରେ କାଜୁବାଦାମ ଚାଷ ଓ ତା'ର ପରିଚାଳନା ସମ୍ବନ୍ଧରେ ଆଜି ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଂଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର ଢେଙ୍କାନାଳ ର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡଃ ଦେବାଶିଷ ସ୍ୱାଇଁ ପୌରହିତ୍ୟ କରି କାଜୁ ଫସଲରେ କିଭଳି ଅଧିକ ଅମଳ ହେବା ସହିତ ଅଧିକ ଲାଭ ମିଳିବ ସେ ସଂପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ ।

# ବାଲ୍ୟ ବିବାହ ରୋକିବା ନିମନ୍ତେ ଟାସ୍କଫୋର୍ସ କର୍ମଶାଳା




ଭଦ୍ରକ,୨୦।୨ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ ପରିସରରେ ବାଲ୍ୟ ବିବାହ ବନ୍ଦ କରିବା ନିମନ୍ତେ ଗଠିତ ଟାସ୍କଫୋର୍ସ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏହି କର୍ମଶାଳାରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ ଯୋଗ ଦେଇ ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ ଟାସ୍କଫୋର୍ସର ଭୂମିକା, କର୍ତ୍ତବ୍ୟ ସହିତ ବ୍ଲକ ଓ ପଞ୍ଚାୟତ ସ୍ତରରେ ଗଠିତ କମିଟିର ସୁପରିଚାଳନା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଶିଶୁ ଅଧିକାର ସମ୍ବନ୍ଧରେ ଆଲୋଚନା କରି ତୃଣମୂଳ ସ୍ତରରୁ ଶିଶୁମାନଙ୍କୁ ସୁରକ୍ଷା ଯୋଗାଇବା ସମସ୍ତ ବିଭାଗୀୟ ଅଧିକାରୀଙ୍କ ପ୍ରମୁଖ ଦାୟିତ୍ୱ ହେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା । ବାଲ୍ୟ ବିବାହ କ୍ଷେତ୍ରରେ ରହିଥିବା ବିଭିନ୍ନ ଆଇନର ତର୍ଜମା କରାଯାଇଥିଲା। ଏ ସଂକ୍ରାନ୍ତରେ ଆଲୋଚକ ଭାବେ ଆକ୍ସନଏଡ୍‌ର ବାଳାଶ୍ରମ ନିବନ୍ଧକ ଘାସିରାମ ପଣ୍ଡା ଆଲୋଚନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ, ସଦସ୍ୟ ସମରେନ୍ଦ୍ର ପୁହାଣ, ସଂଗୀତା ଗିରି, ସ୍ମୃତିରେଖା ମହାନ୍ତି, ସୋଫିଆ ଶେଖ, ଦେବବ୍ରତ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ତିଲୋତ୍ତମା ମହାପାତ୍ର, ଶିଶୁ ସୁରକ୍ଷା ୟୁନିଟ୍‌ର ବିଶ୍ୱ ନାରାୟଣ ପଣ୍ଡା, ସ୍ୱାଗତିକା ବାରିକ, ଧୀରଜ ବାରିକ, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଓ୍ୱାନ ଷ୍ଟପ୍ ସେଣ୍ଟର ପକ୍ଷରୁ ଲଲାଟେନ୍ଦୁ ମହାନ୍ତି, ସରସ୍ୱତୀ ମହାରଣା, ପ୍ରଗତି ଯୁବକ ସଂଘର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଶିଶୁ ସୁରକ୍ଷା ୟୁନିଟର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଆରଏମ ହସ୍ପିଟାଲ ସଂଲଗ୍ନ ରାସ୍ତାରୁ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ବାରିପଦା,୨୦।୨ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ ସଂଲଗ୍ନ ରାସ୍ତା ଉପରେ ବେଆଇନ ପାର୍କିଂ ଓ ଦୋକାନୀଙ୍କ ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯାଇଛି । ବହୁ ଦିନ ହେବ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନୀ ମାନେ ବେଆଇନ ଭାବେ ଜବରଦଖଲ କରି ପସରା ମେଲେଇବା ସହିତ ରାସ୍ତା ଉପରେ ଗାଡି ପାର୍କିଂଙ୍ଗ ବଢ଼ିବାରେ ଲାଗିଥିଲା । ଏଭଳି ପରିସ୍ଥିତି ସୃଷ୍ଟି ହେଉଥିଲା ଯେ, ଜରୁରୀ ରୋଘୀ ନେଇ ମଧ୍ୟ ବେଳେ ବେଳେ ଆମ୍ବୁଲାନ୍ସ ଅଟକି ରହୁଥିଲା । ଏନେଇ ଆମ୍ବୁଲାନ୍ସ ଡ୍ରାଇଭର ମାନେ ବାରମ୍ବାର ଜବର ଦଖଲ ଉଚ୍ଛେଦ ପାଇଁ ଦାବୀ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେଭଳି ଠୋସ ପଦକ୍ଷେପ ନିଆଯାଇ ନଥିଲା । ତେବେ ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଆଜି ଜିଲ୍ଲା ପ୍ରଶାସନ ତଥା ବାରିପଦା ପୌରପାଳିକାର ମିଳିତ ପ୍ରୟାସରେ ବେଆଇନ ଜବରଦଖଲ ଉଚ୍ଛେଦ କରାଯାଇଛି । ଉକ୍ତ ଜବରଦଖଲକାରୀ ଦୋକାନୀଙ୍କ ପାଇଁ ରାସ୍ତାଟି ଅଣ ଓସାରିଆ ହୋଇଯିବା ସହିତ ଆମ୍ବୁଲାନ୍ସଟିଏ ଯିବାକୁ ମଧ ରାସ୍ତାରେ ଅପେକ୍ଷା କରି ରହୁଥିଲା। ପିଆରଏମ ହସ୍ପିଟାଲର ନିକଟବର୍ତ୍ତୀ ରାସ୍ତା ଯଥା ଟିବି ହସ୍ପିଟାଲ ଠାରୁ ଗଣେଶ ଲଜ୍ ଏବଂ ପିଆରଏମ ହସ୍ପିଟାଲର ୭ ମହଲା ଠାରୁ ଏମ୍‌କେସି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନ ଓ ହସପିଟାଲ ରାସ୍ତାରେ ଥିବା ବେସରକାରୀ କ୍ଲିନିକ ନର୍ସିଂହୋମ ଗୁଡିକରେ ଚିକିତ୍ସା ପାଇଁ ଆସୁଥିବା ରୋଗୀ ମାନଙ୍କର ଗାଡି ମୋଟର ପାର୍କିଂ କାରଣରୁ ଆମ୍ବୁଲାନ୍ସ ଯାତାୟତରେ ବିଶେଷ ଅସୁବିଧା ହେଉଥିବାର ଦେଖାଯାଉଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣେଶ ଲଜ ଠାରୁ ହସ୍ପିଟାଲର ୭ ମହଲା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜବର ଦଖଲକାରି ବ୍ୟବସାୟ କରୁଥିବା ସ୍ଥାୟୀ ଓ ଅସ୍ଥାୟୀ ଦୋକାନୀଙ୍କୁ ଦଖଲମୁକ୍ତ ପାଇଁ ୪୮ଘଂଟା ସମୟ ପୂର୍ବରୁ ଦିଆଯାଇଥିବା ବେଳେ ଆଜି ଉଚ୍ଛେଦ କରାଯାଇଛି । ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭିଡ଼ କମାଇବା ପାଇଁ ଉକ୍ତ ସ୍ଥାନର ବାରମ୍ବାର ଉଚ୍ଛେଦ କାର୍ଯ୍ୟ କରଯାଉଥିଲେ ମଧ ଯଥା ପୂର୍ବ ତଥା ପରଂ ପରିସ୍ଥିତି ସୃଷ୍ଟି ହେଉଛି । ଆଗକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟନୁଷ୍ଠାନ ଗ୍ରହଣ ପୂର୍ବକ ସ୍ଥାନୀୟ ରାସ୍ତାକୁ ଖୁବ ଶୀଘ୍ର ନୋ ପାର୍କିଙ୍ଗ ଜୋନ ଭାବେ ଘୋଷଣା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି। ଉଚ୍ଛେଦ ହୋଇଥିବା ଦୋକାନୀ ମାନେ ସାଦାରଣତଃ ଗରୀବ ହୋଇଥିବାରୁ ଏହି ଦୋକାନ ଉପରେ ଭରଷା କରି ପରିବାର ଚଳାଉଥିଲେ । ଏଣୁ ଦୋକାନୀ ମାନଙ୍କୁ ପ୍ରସାଶନ ପକ୍ଷରୁ ତୁରନ୍ତ କୌଣସି ଉପଯୁକ୍ତ ଜାଗାରେ ଥଇଥାନ କରିବାକୁ ଦୋକାନୀ ମାନେ ଜିଲ୍ଲା ପ୍ରସାଶନକୁ ଅନୁରୋଧ କରିଥିବାର ଜଣାଯାଇଛି ।

# ଅବହେଳିତ ଅବସ୍ଥାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ମୂକସାକ୍ଷୀ ଅମର୍ଦ୍ଦା ଏୟାରଷ୍ଟ୍ରିପ

ବାରିପଦା ,୨୦।୨ (ନି.ପ୍ର): ଅବହେଳିତ ଅବସ୍ଥାରେ ପଡି ରହିଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ମୂକସାକ୍ଷୀ ତଥା ଏସିଆ ମହାଦେଶର ସର୍ବବୃହତ ମୟୂରଭଂଜ ଜିଲ୍ଲା ରାସଗୋବିନ୍ଦପୁର ଠାରେ ଥିବା ଅମର୍ଦ୍ଦା ଏୟାରଷ୍ଟ୍ରିପ । ପାଖାପାଖି ୬୦୦ ଏକର ଜମି ଉପରେ ନିର୍ମିତ ହୋଇଥିବା ଏହି ଏୟାରଷ୍ଟ୍ରିପ୍ ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି । ସୂଚନା ମୁତାବକ ୧୯୩୮ ମସିହାରେ ମୋଟ ୩କୋଟି ଟଙ୍କା ବ୍ୟୟରେ ଇଂରେଜ ମାନଙ୍କ ଦ୍ୱାରା ନିର୍ମାଣ ହୋଇଥିଲା ଏହି ଅମର୍ଦ୍ଦା ଏୟାରଷ୍ଟ୍ରିପ । ଯାହାର ନିର୍ମାଣ କାର୍ଯ୍ୟ ୧୯୪୦ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା। ୧୧ ହଜାର ଫୁଟ ବା ପାଖାପାଖି ସାଢେ ୩ କିଲୋମିଟର ଲମ୍ବର ରନୱେ ଏଠାରେ ରହିଥିବା ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ବିରୋଧରେ ଯୁଦ୍ଧ ସମୟରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି ଇତିହାସ କହେ । ହେଲେ ଏବେ ଏହା ରକ୍ଷଣାବେକ୍ଷଣ ଅଭାବରୁ ଐତିହାସିକ, ଗବେଷକ ଓ ସରକାରଙ୍କ ନଜର ଆଢୁଆଳରେ ରହିଯାଇଛି । ଏହି ଏୟାରଷ୍ଟ୍ରିପ୍‌ର ବିପର୍ଯ୍ୟସ୍ତ ଅବସ୍ଥା ଦେଖିଲେ ସରକାର ଏଥିପ୍ରତି ଆଖିବୁଜି ଦେଇଥିବାର ଜଣାପଡେ। ରନୱେରେ ଗଛ ଉଠିବା ସହ ଚାରିଆଡେ ବଣବୁଦା ହୋଇଗଲାଣି । ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତି ମଧ ଏ ସ୍ଥାନକୁ ନିଜ ଅପରାଧର ଆଡ୍ଡାସ୍ଥଳୀ ଭାବରେ ବ୍ୟବହାର କରୁଛନ୍ତି । ଏୟାରଷ୍ଟ୍ରିପରେ ଏକାଥରେ ପାଖାପାଖି ୩୦୦ଟି ଯୁଦ୍ଧବିମାନ ରହିବାର ବ୍ୟବସ୍ଥା ରହିଥିବା ବିଶେଷଜ୍ଞ ମାନେ ଆକଳନ କରୁଥିବା ବେଳେ, ସମସ୍ତପ୍ରକାର ବ୍ୟବସ୍ଥା ଥାଇମଧ ବାରମ୍ବାର ଦାବୀ ସତ୍ୱେ ଏହାର ପୁନଃରୁଦ୍ଧାର ହୋଇପାରୁନାହିଁ। ଏୟାରଷ୍ଟ୍ରିପର କିଛି ଜମୀକୁ ମଧ ଲୋକେ ଜବର ଦଖଲ କରିନେଇଥିବାର ସ୍ଥାନୀୟ ଲୋକେ କହିଁ । ତେବେ ଖୁବ୍‌କମ୍ ଖର୍ଚ୍ଚରେ ଏହାର ପୁନଃରୁଦ୍ଧାର କରାଯାଇ ପୁଣି ଥରେ କାର୍ଯ୍ୟକ୍ଷମ କରାଯାଇପାରିବ ଏବଂ କଲିକତା ଓ ଭୁବନେଶ୍ୱର ବିମାନ ବନ୍ଦର ଏପରେ ନିର୍ଭର କରୁଥିବା ଅନେକ ଯାତ୍ରୀଙ୍କ ପାଇଁ ଏହା ଉତ୍ତମ ସେବା ଯୋଗାଇବା ସହିତ, ଏହି ଅଂଚଳକୁ ବିମାନ ସେବାର ସୁଯୋଗ ମିଳିଲେ ଜିଲ୍ଲା ତଥା ଆଖପାଖ ଅଂଚଳରେ ଶିଳ୍ପର ବିକାଶ ମଧ୍ୟ ସମ୍ଭବ ହେବା ସହିତ ଅଧିକରୁ ଅଧିକ ଶିଳ୍ପପତି ଏହି ସ୍ଥାନରେ ପୁଂଜି ଖଟାଇବାକୁ ଆଗଭର ହେବେ ବୋଲି ଗବେଷକମାନେ ମତ ଦିଅନ୍ତି । ଏହାର ପୁନଉଦ୍ଧାର କରିବା ସହ ଏୟାରଫୋର୍ସର ଟ୍ରେନିଂ ସେଂଟର କିମ୍ବା ଏୟାରପୋର୍ଟ ଭାବେ ବ୍ୟବହୃତ କରିହେବ ବୋଲି ଉଭୟ ବିଶେଷଜ୍ଞ ସହ ଅବସର ପ୍ରାପ୍ତ ବାୟୁସେନାର ଅଧିକାରୀ ମାନେ ମତ ପ୍ରକାଶ କରିଥିବା ବେଳେ ବାରମ୍ବାର ଦାବୀ ସତ୍ୱେ କେନ୍ଦ୍ର ସରକାର ଏଥିପ୍ରତି ଧ୍ୟାନ ନଦେବା ବେଶ ଦୁଃଖଦାୟକ ବୋଲି ଜିଲ୍ଲାର ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ତେବେ ସାରା ଭାରତ ବର୍ଷରେ ଏତେ ବଡ ଏୟାରଷ୍ଟ୍ରିପ ବିରଳ ହୋଇଥିବା ବେଳେ ବର୍ତ୍ତମାନର ଚୀନ-ଭାରତ ମୁହାଁମୁହିଁ ପରିସ୍ଥିତିରେ ଏହି ଏୟାରଷ୍ଟ୍ରିପର ପୁନଉଦ୍ଧାର ଜରୁରୀ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି ।

# ଧାମନଗର ଏନ୍‌ଏସିରେ 'ବଡ଼ାଖାନା' କାର୍ଯ୍ୟକ୍ରମ

## ଜଣେ ସ୍ୱଚ୍ଛ ସାଥୀ ଓ ଦୁଇଜଣ ସୁଇପର୍ ସମ୍ବର୍ଦ୍ଧିତ




ଧାମନଗର ,୨୦।୨ (ନି.ପ୍ର): ଧାମନଗର ଏନ୍‌ଏସି ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ମାସିକ ବଡ଼ାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭଦ୍ରକ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଧାମନଗର ଏନ୍‌ଏସି ପ୍ରଶାସକ ଅରୁଣ କୁମାର ମହାପାତ୍ର ଯୋଗଦେଇ ସ୍ୱଚ୍ଛସାଥୀ ନର୍ଗିସ ଜାହାଁ, ସୁଇପର ହେମଲତା ଗୋଛାୟତ ଓ ରାଜେନ୍ଦ୍ର ଗୋଛାୟତଙ୍କୁ ସେମାନଙ୍କର ନିଷ୍ଠା ଓ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧରେ ଧାମନଗର ତହସିଲଦାର ରାଧାକାନ୍ତ ବାରିକ, ଏସ୍‌ଡ଼ିପିଓ ଅଶୋକ କୁମାର ଦାସ, ଆଇଆଇସି ରତିକାନ୍ତ ଗିରି, ଏବିଡ଼ିଓ ସର୍ମିଷ୍ଠା ମଲ୍ଲିକ, ପୌର ଯନ୍ତ୍ରୀ ସଲେହା ସଂଗୀତା ଟୁଡୁ ପ୍ରମୁଖ ଯୋଗଦେଇଥିଲେ । ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସ୍ୱଚ୍ଛସାଥୀ, ସୁଇପର ଓ ଅତିଥିମାନଙ୍କୁ ବଡ଼ାଖାନା କାର୍ଯ୍ୟକ୍ରମରେ ଆପ୍ୟାୟିତ କରାଯାଇଥିଲା । ଧାମନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭାରତୀୟ ଜନତାପାଟି ପକ୍ଷରୁ ୱାର୍ଡ ୬ରେ କମ୍ବଳ ବଣ୍ଟନ

ଜଳେଶ୍ୱର,୨୦।୨ (ନି.ପ୍ର): ଗରିବ ଲୋକମାନଙ୍କୁ ଶୀତରୁ ରକ୍ଷା କରିବାଲାଗି ଜଳେଶ୍ୱର ବିଜେପି ପକ୍ଷରୁ ମ୍ୟୁନିସିପାଲଟିର ୬ନଂ ୱାର୍ଡରେ ୨୦ଜଣଙ୍କୁ କମ୍ବଳ ବଣ୍ଟନ କରିଛନ୍ତି । ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନସ କୁମାର ପ୍ରଧାନ, ବଂକବିହାରୀ ଦାସ, ଜୀବନ କୁମାର ସାହୁ, ସୁଜୟ ରାଉଳ, ରବିନ୍ଦ୍ର ଦାସ, ରାଜେଶ କୁମାର ପ୍ରଧାନ ପ୍ରମୁଖ ସହାୟତା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୧ ଫେବୃଆରୀ, ୨୦୨୧

email : rabibarachayan2015@gmail.com

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ - ୧୬**

(ପୂର୍ବପ୍ରକାଶିତ ଉତ୍ତାରୁ...)

ଦିନେ ରାତ୍ରିରେ ପୁରୀର ପଣ୍ଡିତମାନେ ଆଠଗଡ଼ର ସ୍ୱର୍ଗୀୟ ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକଙ୍କୁ ଏକ ପ୍ରକାଶ୍ୟ ସଭାରେ ଏହି ବ୍ରାହ୍ମଣ ସମିତି ବୋର୍ଡିଂରେ ଅଭ୍ୟର୍ଥନା କରିଥିଲେ । ସେହି ସଭାରେ ଉପସ୍ଥିତ ପଣ୍ଡିତମାନଙ୍କ ମଧ୍ୟରୁ କେହି କେହି କହିଥିବା ମୋର ମନେ ହେଉଅଛି, ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକଙ୍କ ନାମରେ ଲକ୍ଷ୍ମଣା ପରିଣୟ, ରୁକ୍ମିଣୀ ପରିଣୟ ପ୍ରଭୃତି ଯେଉଁ ସଂସ୍କୃତ କାବ୍ୟମାନ ପ୍ରକାଶିତ ହୋଇଅଛି ସେ ସବୁ ତାହାଙ୍କ ସ୍ୱରଚିତ ନୁହେଁ । ତାଙ୍କ ନାମରେ କୌଣସି ପଣ୍ଡିତ, ବିଶେଷତଃ ତତ୍କାଳୀନ ତିଗିରିଆର ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡାଙ୍କ ରଚିତ । କିନ୍ତୁ ସଭାରେ ରାଜା ମହୋଦୟ ତାଙ୍କ ସଂସ୍କୃତ ଭାଷା ଓ ସାହିତ୍ୟ ଓ ଅଳଙ୍କାର ପ୍ରଭୃତିର ଗଭୀର ଜ୍ଞାନର ଯେଉଁ ପରିଚୟ ଦେଇଥିଲେ ତହିଁରେ ପଣ୍ଡିତମାନଙ୍କ ଭ୍ରମ ଦୂର ହୋଇଥିଲା । ଘଣ୍ଟାଏ କାଳ ଅନର୍ଗଳ ସଂସ୍କୃତ ଭାଷାରେ ରାଜା ମହୋଦୟଙ୍କ ଭାଷଣ ଶୁଣି ସମସ୍ତେ ଚମତ୍କୃତ ହୋଇଥିଲେ ।

ଦିନେ ଆମ୍ଭେମାନେ ଶୁଣିଲୁଁ, ଖଣ୍ଡପଡ଼ାରୁ ପଠାଣି ସାଆନ୍ତ (ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ) ଆସିଛନ୍ତି । ତାଙ୍କ ଦେଖିବା ସକାଶେ ଯାଇ ଦେଖିଲୁଁ, ସେ ରୋଗଶଯ୍ୟାରେ ଶାୟିତ । କ୍ଷୀଣସ୍ୱରରେ କେତେବେଳେ ପଦେଅଧେ କଥା କହୁଛନ୍ତି। ପୁରୀର ପଣ୍ଡିତ, ଉଚ୍ଚ ରାଜକର୍ମଚାରୀ ତଥା ବହୁସଂଖ୍ୟକ ଲୋକ ତାଙ୍କୁ ଦେଖିବା ସକାଶେ ଆସୁଅଛନ୍ତି । ଦିନେ କି ଦୁଇଦିନ ପରେ ମୃତ୍ୟୁ ସମ୍ବାଦ ଶୁଣି ଆମ୍ଭେମାନେ ଗଲୁଁ । ତାଙ୍କ ପୁରୀର ବସା ଜନତାରେ ପୂର୍ଣ୍ଣ । ବିରାଟ ପଟୁଆର ସହ ତାଙ୍କ ଅନ୍ତିମ ସତ୍କାର ସମ୍ପାଦିତ ହୋଇଥିଲା । ପଠାଣି ସାଆନ୍ତ କେବଳ ଗଣିତ-ଜ୍ୟୋତିଷ-ଶାସ୍ତ୍ରଜ୍ଞ ନଥିଲେ, ତାଙ୍କ ପ୍ରଣୀତ ସିଦ୍ଧାନ୍ତଦର୍ପଣର 'କାଳାଧିକାର ଉପସଂହାର ବର୍ଣ୍ଣନମ୍'ର ୧୫୯ ଶ୍ଳୋକାଂଶ "ଗାତ୍ରଂ ମମ ସୁପବିତ୍ରେ ନିପତତୁ ପୁରୁଷୋତ୍ତମକ୍ଷେତ୍ରେ"ରୁ ମନେହୁଏ ତାଙ୍କର ଫଳିତ ଜ୍ୟୋତିଷ ଚର୍ଚ୍ଚା ମଧ ଥିଲା । ଉକ୍ତ ଶ୍ଳୋକାଂଶରେ ସୂଚିତ ତାଙ୍କ ଅନ୍ତିମକାମନା ପୂରଣ ଉଦ୍ଦେଶ୍ୟରେ ସୁପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ ଗାତ୍ର ବିସର୍ଜନ ସକାଶେ ଆସିଥିଲେ ।

ପୁରୀରେ ରହୁଥିବା ସମୟରେ ଗୋପବନ୍ଧୁ ବାବୁଙ୍କର ଗୋଟିଏ ଶିଶୁପୁତ୍ରର ବିୟୋଗ ହୋଇଥିଲା । ବ୍ରାହ୍ମଣ ସମିତି ବୋର୍ଡିଂର ଛାତ୍ରମାନେ ଓ ଆମ୍ଭେମାନେ ଯାଇ ତାହାର ଶବ ସଂସ୍କାର କରିଥିଲୁଁ । କେତେକ ଦିନ ରହି, ଲ (ଆଇନ) ପଢ଼ିବା ସକାଶେ ସେ କଲିକତାକୁ ଚାଲିଗଲେ । ତାଙ୍କୁ ବିଦାୟ ଦେବା ସକାଶେ ଆମ୍ଭେମାନେ ରେଳଷ୍ଟେସନକୁ ଯାଇଥିଲୁ । ସେହି ସମୟର ଦୃଶ୍ୟ ଅତ୍ୟନ୍ତ କରୁଣ ହୋଇଥିଲା । ଗାଡ଼ିରେ ବସିବା ମାତ୍ରକେ ଗୋପବନ୍ଧୁ ବାବୁ ଚିତ୍କାର କରି କାନ୍ଦ ଆରମ୍ଭ କରିଦେଲେ । ଷ୍ଟେସନରେ ଉପସ୍ଥିତ ଯାତ୍ରୀମାନେ ତାଙ୍କ କ୍ରନ୍ଦନର କାରଣ ସମ୍ବନ୍ଧରେ ପ୍ରଶ୍ନ ଦ୍ୱାରା ଆମ୍ଭମାନଙ୍କୁ ବିବ୍ରତ କରିପକାଇଲେ । କଥା କିଛି ନଥିଲା । ଆମ୍ଭମାନଙ୍କୁ ଛାଡ଼ି ଚାଲି ଯାଉଛନ୍ତି, ଏଥିରେ ତାଙ୍କର କୋମଳ ହୃଦୟ ବ୍ୟଥିତ ହୋଇଥିଲା ।

ପୁରୀରେ ଥିବା ସମୟରେ ମଧରେ ମଧରେ ଯାଇ ମୁଁ ବ୍ରାହ୍ମଣ ଶାସନ ମାନଙ୍କରେ ରହିବା ସୁଯୋଗ ପ୍ରାପ୍ତ ହୋଇଥିଲି । ଅଧିକାଂଶ ସମୟ ହରିହର ଦାଶ (ପରେ ଆଚାର୍ଯ୍ୟ ହରିହର ଦାଶ) ଓ ନୀଳକଣ୍ଠ ଦାଶଙ୍କ ଘର ଶ୍ରୀରାମଚନ୍ଦ୍ରପୁରରେ ଅତିବାହିତ ହୋଇଥିଲା। ସେହି ସମୟରେ ଶୀତଳଷଷ୍ଠୀ, ଚମ୍ପକ ଦ୍ୱାଦଶୀ ପ୍ରଭୃତି ଯାତ୍ରାରେ ଶାସନର ପ୍ରଥମ ଖଣ୍ଡି ଓ ଦ୍ୱିତୀୟ ଖଣ୍ଡି ମଧରେ ପ୍ରତିଦ୍ୱନ୍ଦିତା, ହାବେଳି ବାଣ ଆଦି ସ୍ମୃତିର ବିଷୟ । କେବଳ ପାଠ ନପଢ଼ି ବ୍ୟବସାୟାଦିରେ ଅର୍ଥୋପାର୍ଜନର ଆବଶ୍ୟକତା ସମ୍ବନ୍ଧରେ ବ୍ରାହ୍ମଣପିଲାଙ୍କୁ ଗୋପବନ୍ଧୁ ବାବୁ ଉପଦେଶ ଦେଉଥିଲେ । ଦିନେ ଜଣେ ବ୍ରାହ୍ମଣ ଯୁବକ (ପରେ ପ୍ରଚାରକ ଅନନ୍ତ ମିଶ୍ର) କହିଲେ, "ଦାଶେ ଆପଣେ! ଆମେମାନେ ଯଦି ଦଣ୍ଡି ଧରିବା ବେଦ ପଢ଼ିବ କିଏ?" ସତେ କି ଶାସନଗୁଡ଼ିକ ବେଦପାଠରେ ମୁଖରିତ! ଶାସନମାନଙ୍କ ମଧରେ ଶ୍ରୀରାମଚନ୍ଦ୍ରପୁର ଆଧୁନିକ ଶିକ୍ଷାରେ ଅଗ୍ରଗଣ୍ୟ । 'ଉତ୍କଳପ୍ରଦୀପ' ନାମରେ ଗୋଟିଏ ସମିତି ପ୍ରତିଷ୍ଠିତ ହୋଇଥିଲା । ଏହାର ଅଧିବେଶନ ସମୟରେ ମୁଁ ଏଠାକୁ ଆସିଥିଲି । ସ୍ୱର୍ଗୀୟ ବ୍ରଜସୁନ୍ଦର ଦାସଙ୍କ ସହିତ ଅନେକ ବିଶିଷ୍ଟ ଭଦ୍ରବ୍ୟକ୍ତି ଏହି ଅଧିବେଶନରେ ଯୋଗଦେବା ପାଇଁ କଟକରୁ ଆସିଥିଲେ । କାଳ ପ୍ରଭାବରେ ଏହିପରି କେତେ ଅନୁଷ୍ଠାନର ଅସ୍ତିତ୍ୱ ଲୁପ୍ତ ହୋଇଅଛି ।

ଜୁନ ମାସ ଆଡ଼କୁ ଏଣ୍ଟ୍ରାନ୍ସ ପରୀକ୍ଷାର ଫଳ ବାହାରିଲା । ମୁଁ ପରୀକ୍ଷାରେ ପାସ୍ କରିଛି । ୧୯ ଜଣ ପରୀକ୍ଷାର୍ଥୀଙ୍କ ମଧରେ ଆମ୍ଭେମାନେ କେବଳ ତିନିଜଣ ପାସ୍ କଲୁଁ। ମୋ ସଙ୍ଗେ ବାଳମୁକୁନ୍ଦ ମିଶ୍ର ଓ ପୀତବାସ ରଥ । ଏ ଦୁହେଁ ଆଉ ଇହଜଗତରେ ନାହାଁନ୍ତି । ଏହାର ପୂର୍ବବର୍ଷ ଆଠଜଣ ପାସ୍ କରିଥିଲେ । ଏହା ପୂର୍ବେ କେଉଁ ବର୍ଷ ଜଣେ, କେଉଁ ବର୍ଷ ଦୁଇଜଣ। ପୁରୀରେ ହେବାର୍ଲେଟ୍ ସାହେବଙ୍କ ସଙ୍ଗେ ସାକ୍ଷାତ ଓ ମୋତେ ଶିକ୍ଷା ସକାଶେ ବିଲାତ ପଠାଇବା ପ୍ରଲୋଭନ ପ୍ରଦର୍ଶନ ।

ପୁରୀ ତ୍ୟାଗ କରି ଜୁଲାଇ ମାସରେ ମୁଁ କଟକ ଆସି କଲେଜରେ ନାମ ଲେଖାଇଲି । ଏହି ସମୟରେ କଲେଜରେ ସମ୍ବଲପୁରର ଜଣେ ମାତ୍ର ଛାତ୍ର, ସନାତନ ପୂଜାରୀ ଥିଲେ (ପରେ ଓଡ଼ିଶା ମେଡିକାଲ କଲେଜର ଅଧକ୍ଷ ରାୟବାହାଦୂର ଡାକ୍ତର ସନାତନ ପୂଜାରୀ) ସେହି ସମୟରେ ସମ୍ବଲପୁରର ଛାତ୍ରମାନେ ସାଧାରଣତଃ କଲେଜ ଶିକ୍ଷା ସକାଶେ ନାଗପୁରକୁ ଯାଉଥିଲେ, ଯେହେତୁ ନାଗପୁର ସହିତ ସମ୍ବଲପୁରର ଶାସନଗତ ସମ୍ପର୍କ ବିଦ୍ୟମାନ ଥିଲା । ନାଗପୁର ଥିଲା ମଧ୍ୟପ୍ରଦେଶର ରାଜଧାନୀ ।

କଟକ ଜିଲ୍ଲାର ଛାତ୍ର ଛଡ଼ା, ପୁରୀ ଓ ବାଲେଶ୍ୱରରୁ ଅନେକ ଛାତ୍ର ଆସି କଲେଜରେ ଭର୍ତ୍ତି ହେଲେ; ଅନେକ ଛାତ୍ର ବଙ୍ଗଦେଶରୁ ମଧ ଆସିଲେ । ସମଗ୍ର ଓଡ଼ିଶାରେ ରେଭେନ୍ସା କଲେଜ ଏକମାତ୍ର କଲେଜ । ହାଇସ୍କୁଲ ସଂଖ୍ୟା ସୁଦ୍ଧା ନିତାନ୍ତ କମ୍ । କଟକ ଜିଲ୍ଲାରେ ହାଇସ୍କୁଲ, କଟକରେ ଚାରି-କଲେଜିଏଟ୍, ପ୍ୟାରୀମୋହନ ଏକାଡେମୀ, ଭିକ୍ଟୋରିଆ ଓ ମିଶନ୍ ସ୍କୁଲ ଓ ମଫସଲରେ କେନ୍ଦ୍ରାପଡ଼ାରେ ଓ ଯାଜପୁରରେ ଗୋଟିଏ ଲେଖାଏଁ ପୁରୀ ଜିଲ୍ଲାରେ ପୁରୀ ଓ ଖୋର୍ଦ୍ଧା; ବାଲେଶ୍ୱରରେ ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ମିଶନ ସ୍କୁଲ, ଭଦ୍ରକ ଓ ଲକ୍ଷ୍ମଣନାଥ ସ୍କୁଲ; ସମ୍ବଲପୁରରେ ଏକମାତ୍ର ହାଇସ୍କୁଲ ସମ୍ବଲପୁର ଜିଲ୍ଲା ସ୍କୁଲ । କେତେକ ବର୍ଷ ହେଲା ବିଶେଷତଃ ଓଡ଼ିଶା ସମ୍ମିଳିତ ବିହାରରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ହେଲା ଉତ୍ତାରେ ବହୁସଂଖ୍ୟକ ହାଇସ୍କୁଲ ଓ କଲେଜ ସ୍ଥାପିତ ହୋଇ ଇଂରେଜୀ ଶିକ୍ଷା ପ୍ରସାରର ସୁବିଧା କରାହୋଇଅଛି । ବିକଳାଙ୍ଗ ଓଡ଼ିଶାର ଭିନ୍ନ ଭିନ୍ନ ଅଂଶ ଭିନ୍ନ ଭିନ୍ନ ଅଣଓଡ଼ିଆ ପ୍ରଦେଶ ସହିତ ସମ୍ମିଳିତ ହୋଇ ରହିଥିବା ପର୍ଯ୍ୟନ୍ତ ଓଡ଼ିଆମାନେ କେବଳ ଶିକ୍ଷାନୁଷ୍ଠାନରେ ନୁହେଁ, ପ୍ରାୟ ସମସ୍ତ କ୍ଷେତ୍ରରେ ମୁଣ୍ଡ ଟେକି ରହି ପାରୁନଥିଲେ । ୧୯୩୬ ମସିହାରେ ଓଡ଼ିଶାର ସ୍ୱାତନ୍ତ୍ର୍ୟ ଲାଭ ଉତ୍ତାରେ କେତେକାଂଶରେ ପରିସ୍ଥିତିର ପରିବର୍ତ୍ତନ ଘଟିଅଛି, ତଥାପି ସ୍ଥାନୀୟ ଲୋକଙ୍କ ଚେଷ୍ଟା ଓ ବଦାନ୍ୟତା ଫଳରେ ୧୯୧୯ ମସିହାରେ ସମ୍ବଲପୁରର ବୃହତ୍ ସବ୍‌ଡିଭିଜନ୍ କେନ୍ଦ୍ରସ୍ଥଳ ବରଗଡ଼ରେ ଗୋଟିଏ ହାଇସ୍କୁଲ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ସ୍ଥାନେ ସ୍ଥାନେ ଅନେକ ହାଇସ୍କୁଲ ଓ ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ କଲେଜମାନ ସ୍ଥାପିତ ହୋଇଅଛି । ବରଗଡ଼ରେ ମଧ ଗୋଟିଏ କଲେଜ ପ୍ରତିଷ୍ଠିତ ହୋଇଅଛି ।

ଏଣ୍ଟ୍ରାନ୍ସ ପରେ କଲେଜରେ ଆମ୍ଭମାନଙ୍କର ଥିଲା ଏ.ଅ. (First Arts)। ଏଥିରେ କଳା (Arts) ଓ ବିଜ୍ଞାନ (Science) ସମ୍ମିଳିତ ଥିଲା । ଅର୍ଥାତ୍ ଇଂରେଜୀ, ସାହିତ୍ୟ, ଗଣିତ, ସଂସ୍କୃତ, ଇତିହାସ, ତର୍କଶାସ୍ତ୍ର (Logic), ପଦାର୍ଥ ବିଜ୍ଞାନ (Physics), ରସାୟନ (Chemistry) ଓ ସ୍ୱାସ୍ଥ୍ୟ ବିଜ୍ଞାନ (Sanitary Science) । B.A. ତିନି ଶାଖାରେ ବିଭକ୍ତ ଥିଲା, A. Course, B. Course H Mixed Course ସମସ୍ତ କୋର୍ସରେ ଇଂରେଜୀ । ଏହାଛଡ଼ା A. Course ରେ ଦର୍ଶନ (Philosophy) ଓ ସଂସ୍କୃତ କିମ୍ବା ଇତିହାସ । B. Course ରେ ଗଣିତ (Mathematics), ପଦାର୍ଥ ବିଜ୍ଞାନ ଓ ରସାୟନ (Physics and Chemistry) କିମ୍ବା ଉଦ୍ଭିଦ ବିଜ୍ଞାନ (Botany) ଓ ଶରୀର ତତ୍ତ୍ୱ (Physiology) ଓ Mixed Course ରେ ଗଣିତ ଓ ଦର୍ଶନ (Mathematics and philosophy) । ଏଥିରେ ଏଣ୍ଟ୍ରାନ୍ସରୁ ଆରମ୍ଭ କରି ଇ.ଅ. ପର୍ଯ୍ୟନ୍ତ କୌଣସି ପରୀକ୍ଷା ସକାଶେ ମାତୃଭାଷାର ସ୍ଥାନ ନଥିଲା । ୧୯୦୯ ମସିହାରେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସ୍ୱନାମଧନ୍ୟ ଆଶୁତୋଷ ମୁଖୋପାଧ୍ୟାୟଙ୍କ ନେତୃତ୍ୱରେ ପାଠ୍ୟକ୍ରମର ଆମୂଳ ସଂସ୍କାର ହେଲା । କଳା ଓ ବିଜ୍ଞାନକୁ ଭିନ୍ନ ଭିନ୍ନ କରିଦିଆହେଲା । F.A. ପରିବର୍ତ୍ତେ I.A. (Intermediate in Arts) ଓ I.Sc. (Intermediate in Science), ହେଲା । B.A ପରୀକ୍ଷା ସକାଶେ ମଧ ତଦ୍ରୂପ କଳା ଓ ବିଜ୍ଞାନ ପୃଥକ୍ କରାହେଲା । ଭିନ୍ନ ଭିନ୍ନ ଭାଷାଭାଷୀ ଛାତ୍ରଛାତ୍ରୀଙ୍କ ସକାଶେ ମାତୃଭାଷାରେ ଶିକ୍ଷା ବାଧତାମୂଳକ ହେଲା । ଏହା ଫଳରେ ବର୍ତ୍ତମାନ ଶୀର୍ଷସ୍ଥାନ ଏମ୍.ଏ.ରେ ସୁଦ୍ଧା ମାତୃଭାଷାରେ ପରୀକ୍ଷାର ବ୍ୟବସ୍ଥା ହୋଇଅଛି । (କ୍ରମଶଃ)





## ଡାଏରୀ -୫୩



ଓଡିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

## ॥ ଆକାଶକୁ ଛୁଁଇବାର ଆଶା ॥

ପ୍ରଯୋଜକଙ୍କ ଅନୁରୋଧରେ ରାମୋଜୀ ଫିଲ୍ମ ସିଟିରେ ଦୁଇଦିନିଆ କାର୍ଯ୍ୟକ୍ରମ। ପ୍ରଥମଥର ଉଡ଼ାଜାହାଜରେ ବସିବାର ଅନୁଭୂତି। କାର୍ଯ୍ୟବ୍ୟସ୍ତତାରୁ ମୁକ୍ତି। ସମସ୍ତ ଖର୍ଚ୍ଚ ପ୍ରଯୋଜକ ବଂଧୁଙ୍କର। ସୁଂଟିରେ ସ୍କ୍ରିପ୍ଟରେ କିଛି ପରିବର୍ତ୍ତନ ଥିଲା। ରଜନୀ ଦାଶ ବେଶ୍ ରିଲାକ୍ସ ଅନୁଭବ କରୁଥିଲା। ଫେରିବା ପୂର୍ବଦିନ ରଜନୀ ଦାଶର ରୁମ୍‌କୁ ହଠାତ୍ ଚାଲିଆସିଲା ରିମା। ଚଳଚ୍ଚିତ୍ରର ଏକ ଗୌଣ ଚରିତ୍ରରେ ଅଭିନୟ କରୁଥିଲା ରଜନୀ ଦାଶର ସୁପାରିଶରେ। ରିମା କହିଲା, "ସାର୍! ମୋ ସୁଟିଂ ସରିଯାଇଛି। ଘରେ ଅର୍ଜେଣ୍ଟ କାମ ଅଛି। ମା' ବି ମୋ ସାଥିରେ ରହି ବ୍ୟସ୍ତ ହୋଇ ପଡ଼ିଲାଣି। ପ୍ରଡକସନ କଣ୍ଟ୍ରୋଲର କହୁଛି ଟ୍ରେନ୍ ଟିକଟ ମିଳୁନି। ଆଉ ଦୁଇଦିନ ରହିଯିବା ପାଇଁ କହୁଛି ।" ରଜନୀ ଦାଶ ବୁଝିପାରିଲାନି ଏଥିରେ ସିଏ ବା' କଣ କରିପାରିବ! ରିମା କହିଲା, "ସାର୍! ଆପଣ ଚାହିଁଲେ କାଲି ଫ୍ଲାଇଟରେ ଆମେ ମା' ଝିଅ ଫେରିଯିବୁ।"

"ଫ୍ଲାଇଟରେ?" ପୁଣି ସେ ଚାହିଁଲେ? ବୁଝିପାରିଲାନି ରଜନୀ ଦାଶ। ରିମା କହିଲା, "ସାର୍ ସତକଥା ହେଲା, ଜୀବନରେ ମୁଁ କେବେ ଉଡ଼ାଜାହାଜରେ ବସିନି, ମା'ର ବି ବହୁତ ଦିନର ସ୍ୱପ୍ନ ଉଡ଼ାଜାହାଜରେ ବସିବା ପାଇଁ। ମୁଁ ଜାଣେ ଜୀବନରେ କେବେ ବି ଏ ସୁଯୋଗ ତାକୁ ମିଳିବନି। ଆପଣ ଯଦି ପ୍ରଯୋଜକଙ୍କୁ କୁହନ୍ତେ ତେବେ ସେ ନିଶ୍ଚୟ ଆପଣଙ୍କ କଥା ରଖିବେ।"

ରଜନୀ ଦାଶ ମନେମନେ ହସିଲା। ସେ ନିଜେ ତ' ପ୍ରଥମଥର ପ୍ରଯୋଜକଙ୍କ ପଇସାରେ ଆସିଛି। ସେ ବି' ତ' କେବେ ଚିନ୍ତା କରିନଥିଲା।

ତଥାପି ରିମାର ଅନୁରୋଧ ରଖିଲା। ରିମାର ଆର୍ଥିକ ସ୍ଥିତି ସେ ଭଲ କରି ଜାଣେ। ବାପା ମଜୁରୀ ଲାଗେ। ନିଜେ କଲେଜ ପାଠଛାଡ଼ି ଗୋଟେ ବିଲ୍‌ଡର ଅଫିସରେ ୩ ହଜାର ଟଙ୍କାରେ ଚାକିରୀ କରିଥିଲା। ଅଭିନୟରେ ଆଗ୍ରହ ଥିବା ଜାଣି ରଜନୀ ଦାଶ ତାକୁ ଏ ଫିଲ୍ମରେ ସୁଯୋଗ ଦେଇଛି। ସିଏ ବି ସ୍ୱପ୍ନ ଦେଖୁଛି ତା' ମା'କୁ ଉଡ଼ାଜାହାଜରେ ବସାଇବା ପାଇଁ। ସତରେ ସ୍ୱପ୍ନ ଦେଖିବାଟା ମଣିଷର ଅଧିକାର। ଆକାଶକୁ ଛୁଇଁବାର ଇଚ୍ଛା ସମସ୍ତଙ୍କର ଥାଏ।

ରଜନୀ ଦାଶର ସୁପାରିଶରେ ରିମା ମା'କୁ ନେଇ ଉଡ଼ାଜାହାଜରେ ଭୁବନେଶ୍ୱର ଫେରିଲା। ତା ମା' ମୁହଁରେ ଖୁସି ଆଉ ଖୁସିର ଝଲକ ସେ ଦେଖିପାରିଥିଲା ସେଦିନ। ରଜନୀ ଦାଶ ପ୍ରତି ରିମାର କୃତଜ୍ଞତାର ସୀମା ନଥିଲା।

ଘରକୁ ଫେରିବା ପରେ ପତ୍ନୀ ଚାନ୍ଦ କହିଲା, ପୁଅ ଖବର ଦେଇଛି। ଆର ଉଇକ୍‌ରେ ଆମକୁ ମୁମ୍ବାଇ ଯିବାକୁ ପଡ଼ିବ। ଅଫିସରୁ ଛୁଟି ନେଇଯାଇଛି। ବୋହୂ ବି ଜିଦ୍ କରୁଛି। ଏଥର ଆମେ ସାଇ ଦର୍ଶନ କରିବା। ମୁମ୍ବାଇ ବୁଲିବା। ରଜନୀ ଦାଶ ଆଦୌ ପ୍ରସ୍ତୁତ ନଥିଲା ମାନସିକ ସ୍ତରରେ, ଚାନ୍ଦର ଏ ପ୍ରସ୍ତାବରେ। ଟ୍ରେନ୍ ଜର୍ଣ୍ଣି। ତା' ଛଡ଼ା କଲେଜ ଆଉ ଫିଲ୍ମର ଟେନସନ ଭିତରେ କୁଆଡ଼େ ଯିବାକୁ ଇଚ୍ଛା ନଥିଲା ତାର।

"ଆମେ ଫ୍ଲାଇଟରେ ଚାଲିଯିବା। ମୁମ୍ବାଇ କେତେ ଘଂଟାର ବାଟ କି?" ଚାନ୍ଦ କହିଲା। ରଜନୀ ଦାଶ କହିଲା, "ଫ୍ଲାଇଟ୍ ଟିକେଟ୍ କେତେ ପଡ଼ିବ ଜାଣିଛଟି?" ଚାନ୍ଦର ଅଭିମାନର ପାହାଡ଼ ଧସିପଡ଼ିଲା ଯେମିତି। ଦୀର୍ଘଦିନର ପୁଂଜିଭୂତ ଅଭିମାନର ବରଫଖଣ୍ଡ ସବୁ ତରଳିବାକୁ ଆରମ୍ଭ କଲା।

କଥାଗୁଡ଼ାକ କଟୁ ଲାଗିଲେ ବି ନିତାନ୍ତ ସତ୍ୟ। ବିବାହର ଏତେ ବର୍ଷପରେ ବି ଚାନ୍ଦ କୌଣସି କଥା ଭରସି କରି ଦାବି କରିନି। ମନେଅଛି ପ୍ରଥମ କରି ନିଜ ରୋଜଗାରରେ ରଜନୀ ଦାଶ ଯେତେବେଳେ ସ୍କୁଟରଟିଏ କିଣିଲା ସେଦିନ ଚାନ୍ଦ ମୁହଁରେ ଖୁସି ଉଛୁଳି ଉଠିଥିଲା। ଭୁବନେଶ୍ୱର ଟାଉନଟା ପିଲାଙ୍କୁ ନେଇ ବୁଲିଥିଲେ। ପାର୍କ ଯାଇଥିଲେ। ସାଉଥ୍ ଇଣ୍ଡିଆନରେ ଦୋସା ଖାଇ ଘରକୁ ଫେରିଥିଲେ। ସ୍କୁଟରଟା ମନପବନ ଘୋଡ଼ା ପାଲଟି ଯାଇଥିଲା ଯେମିତି। ସେଦିନ ତା ମୁହଁର ହସ ଏବେକାର ଦାମୀ କାର୍‌ରେ ବୁଲିଲାବେଳେ ବି ଚାନ୍ଦ ମୁହଁରେ ଲକ୍ଷ୍ୟ କରିପାରିନି ରଜନୀ ଦାଶ। ଗାଡ଼ି ଘୋଡ଼ାରେ ତା'ର ଆଗ୍ରହ ନଥିଲା କେବେ। ନିଜ ସଂସାର ନେଇ ସେ ସନ୍ତୁଷ୍ଟ ସବୁବେଳେ। ଆଜି ପ୍ରଥମଥର ରଜନୀ ଦାଶ ଆଗରେ ଦାବି କରୁଛି।

ରଜନୀ ଦାଶ ନିଜକୁ ଅସହାୟ ମନେକଲା। ପ୍ରଥମଥର ପାଇଁ ଉଡ଼ାଜାହାଜରେ ବସି ମୁମ୍ବାଇ ଯିବାକୁ ଅଳି କରୁଛି। ସତରେ ଆଜିଯାଏ ସେ ଚାନ୍ଦକୁ ଦେଇଛି କଣ ଯେ! ଏଇ ସାମାନ୍ୟ ଖୁସି ଟିକକ ସେ କ'ଣ ଚାନ୍ଦକୁ ଦେଇ ପାରିବନି !

"ଠିକ୍ ଅଛି ଆଜି ଟ୍ରାଭେଲ ଏଜେଣ୍ଟକୁ କହି ଦୁଇଟା ଟିକେଟ୍ କରିଦେଉଛି। ରିଟର୍ଣ୍ଣ ଟିକେଟ୍ ବି ବୁକ୍ କରିଦେବ। sudden ଟିକେଟ କଲେ ଚାର୍ଜ ଅଧିକ ପଡ଼ିବ। ପଡୁ, ନୋ ଟେନ୍‌ସନ। ଦାମ୍ଭିକ ସ୍ୱରରେ କହିଲା ରଜନୀ ଦାଶ।

"ତମର ଟେନସନ ନବା ଦରକାର ନାହିଁ। ଯିବା ଆସିବା ଫ୍ଲାଇଟ୍ ଟିକେଟ ପୁଅବୋହୂ କରିଦେଇଛନ୍ତି। ମୁମ୍ବାଇରେ ବି ଟଙ୍କାଟିଏ ତମ ପକେଟରୁ ଖର୍ଚ୍ଚ ହେବନି। ଅଯଥା ବ୍ଲଡ ପ୍ରେସର ବଢ଼ାଅନି। ମୋ ପିଲାମାନେ ପାରିଗଲେଣି।" ଚାନ୍ଦ ଏତକ କହି ଭିତରକୁ ଚାଲିଗଲା। ପୁଣିଥରେ ନିଜକୁ ଅସହାୟ ମନେକଲା ରଜନୀ ଦାଶ। ସବୁ ଦମ୍ଭ, ସବୁ ପାରିବା ପଣିଆ ଯେମିତି ମୂଲ୍ୟହୀନ ହୋଇପଡୁଥିଲା ଚାନ୍ଦର ଅଭିମାନ ଆଗରେ।

## କବିତା.... ଆମ ସମୟର

### ॥ ନୀରା ଲେଖୁଛି ॥



ଅକ୍ଷୟ ବେହେରା

ପ୍ରାର୍ଥନା ହିଁ ଏକ ଉପହାର
ପ୍ରିୟଜନ ପାଇଁ
ଯେ ମନର ଯତ୍ନ ନେଇଛି
ନିଜ ପାଇଁ ନୁହେଁ ଅନ୍ୟ ପାଇଁ
ପ୍ରାର୍ଥନା ସମର୍ପିଛି..

ମୁଁ କି ସେଇ ଭାଗ୍ୟବାନ
ଯା'ପାଇଁ ନୀରା
ପ୍ରେମର ଡେଣାରେ
ଉଡିଉଡି ଈଶ୍ୱରଙ୍କୁ ଗୁହାରି କରିଛି-
ମୋର ପ୍ରତ୍ୟେକ ଦିନ
ଆଶୀର୍ବାଦ ଯୁକ୍ତ ହେଉ..

ଆଜିକାଲି ନୀରା ପ୍ରେମକୁ କେତେ
ଯତ୍ନରେ ରଖିଛି !
ସେ କଣ ବୁଝି ଗଲାଣି
କଲ୍ୟାଣର ପ୍ରତି ମୁହୂର୍ତ୍ତରେ
ସେ ଯୋଡି ହୋଇ ଯାଇଛି ?

କିଏ କେତେ ଲୋଡ଼ିଥିବେ
ନିବିଡ଼ ସାନିଧ
କିଏ କେତେ କହିଥିବେ -
ଦିଅ ଟିକେ ଦୃଢ଼ ଆଲିଙ୍ଗନ
କିଏ କିଏ ବି ଚାହିଁଥିବେ -
ହୁଅନ୍ତନି ପ୍ରଣୟିନୀ ମୋର

ଜାଣେ,
ରୂପସୀ ହୃଦୟବତୀକୁ
ଚାହିଁବାର ଆଖି ସବୁ
ପାଇବାର ମନ ସବୁ
ବଢ଼ି ବଢ଼ି ଯାଏ...

ମୋର କିନ୍ତୁ ନୀରାକୁ କେବଳ
ଦେବାକୁ ଥାଏ...


ଏମ୍ଆଇଜି-II, ୬୫/୫,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର- ୧୬
(ମୋ)୭୦୭୭୪୬୮୮୭୦


### ॥ ପୋଷାକ ॥



ଅନ୍ନପୂର୍ଣ୍ଣା ମହାନ୍ତି

ଏ ପୋଷାକ ବେଶ୍ ମାନୁଚି ତୁମକୁ ।
କମେଇ ଦେଉଛି ବୟସ
ବାରିହୋଇ ପଡ଼
ଅନେକ ଭିତରେ ନିଆରା ।

ଚନ୍ଦ୍ର ତୁମେ
ତୁମ ଚାରିପାଖ ତାରା ଆଉ ତାରା ।
ଏ ପୋଷାକ ସତ ?
ନା ମିଛର ପୋଷାକ !
ନା ନା, ରାଗନି
ମିଠା ମିଠା ମିଛରେ ବଞ୍ଚିବା
ସ୍ୱପ୍ନ ଦେଖିବା, ନଅର ଗଢ଼ିବା
ହାତେଇ ନେବା ସବୁ ସୁଖ ସୁବିଧା,
ଯାହା ମିଛ ମାୟାରେ ଗଢ଼ା ।

ସତ ଭାରି ନିଦା
ବିଷ୍ଣୁ ପରି, ଶାଳଗ୍ରାମ ପରି,
ସବୁକାଳେ ଏକା, ଓଜନିଆ,
ତେଣୁ ତ ତଳକୁ ଦବେ ସବୁବେଳେ ।
ସୁନ୍ଦର ଭସାମେଘ ପରି
ମିଛରେ ଭାସିବାର ଥାଏ ମଜା
କେତେ ରଂଗ, ରକମ
ଭଳି ଭଳି ପୋଷାକ ଖୋଳ
ତଳେ ଲଂଗଳା ସଭିଏଁ
ଏ ସତ ନା ?

ମିଛରେ ସଜାଇ ନିଜର ଦୁନିଆଁ
ପାରିବାପଣର ଅହଂ ରଂଗ ମାଖି
ବଞ୍ଚିବାରେ ଆନନ୍ଦ
ଆଉ କେଉଁଠି କାହିଁ ?
ମିଛ ଗଢେ, ବିଗାଡ଼େ
ସଜାଡ଼େ ବି'
ଆଶା ବଢ଼ାଏ, ଆକାଶ ଛୁଆଁଏ
ପାତାଳେ ବୁଡ଼ାଏ ତ ସ୍ୱର୍ଗକୁ ନିଶୁଣି କରେ
ସଚରାଚର ମିଛ ବ୍ୟାପି ଯାଏ
ଭୂମିଠୁ ଭୂମା !
ହସ, ବାସ, ଠାଣି, ବାଣୀ
କଥା କଥନିକାରେ
ମିଠା ପ୍ରଲେପ ମାଖି ଦିଗଜିତା ହସେ ମିଛ
ସତ ନା ?
ସତ କାଳକାଳ ନିରୀହ ନିରିମାଖି
ବିଫଳ ବିବଶ, ଏକା ବି ।
ଉତାରି ଦେଲେ ଏ ପୋଷାକ
ତମେ ମୋର ଖାଲି ନୁହଁ
ଅନେକଙ୍କର ଆପଣାର ।


ମାଧପୁର, କେନ୍ଦ୍ରାପଡ଼ା-୭୫୪୨୧୧
ମୋ: ୯୪୩୮୮୦୫୩୪୪


### ॥ ପ୍ରାଚୀନ କବିତା ॥





ଶ୍ରୀନିବାସ ସେଠୀ

କାଳି ଦୁଆତ ପରି
ଭିତରକୁ ପଶିଯାଇଥିବା
ଗହୀରା ଗହୀରା ଆଖି କୋରଡ ।
ଟଳମଳ ଲୁହର
କାଳି,
ଦୁଇ ଡୋଳା
ବୁଡି ରହିଥାଏ
ସେହି ପ୍ରାଚୀନ କାଳି ବଟିକା ପରି
ଆଉ ଧୀରେ ଧୀରେ
ଦ୍ରବୀଭୂତ ହେଉଥାଏ ।

କାଠ କଲମ ପରି
ହାଡ଼ ଦିଶୁଥିବା ସରୁ ସରୁ ଆଙ୍ଗୁଳି,
ଲମ୍ବା ଲମ୍ବା କଟା ହୋଇନଥିବା ନଖ
କାଠ କଲମର ନିବ୍ ପରି,
ମଝିରେ ମଝିରେ ବୁଡାଇ ଦେଉଥାଏ
ଆଖିରେ..
ପୋଛି ଆଣୁଥାଏ ଲୁହ,
ଯେମିତି ଦୁଆତରେ ବୁଡାଇ
କାଳି ନେଇ ଆସେ କାଠ କଲମ ।

ଲୁଚା କୁଚା ପୁରୁଣା କାଗଜର
ଫର୍ଦ୍ଦ ପରି ସାଙ୍କୁଡି ଯାଇଥିବା
ତା ହାତର ଚେପ୍‌ଟା ଥାଳି,
ଠନ୍ ଠନ୍ ଶବ୍ଦ କରି ସେଥିରେ
ଖସି ପଡୁଥାଏ
ଟଙ୍କାକିଆ କଏନ୍ ପରି
ଝଣ ଝଣ
କବିତାର ଅକ୍ଷର ।

କାଗଜ ଫର୍ଦ୍ଦରେ ଚାରିପାଖ ଫାଙ୍କା
ମଝିରେ କେବଳ
ଦରପୋଡ଼ା ଜୀବନର
ପଦଟିଏ ଅଛି,
ଖୋଜୁଥିଲ ନା
କବିତା ପଢିବ ବୋଲି..
ଦେଖ ! ଗୋଟିଏ ପ୍ରାଚୀନ କବିତା
ଏବେ ବି ଜୀଇଁ ରହିଛି ।


ରେଲ୍ ମିନାର , ଆଲିପୁର,
କଲିକତା - ୨୭
(ମୋ)୯୦୦୨୦୨୦୬୦୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୨୧ ଫେବୃଆରୀ, ୨୦୨୧



## ମନେପଡେ....(୫୩)

# ସାଧୁଆ ବିଲ ବିକ୍ରି କରିବା ଦିନର ଦୁଃଖ



ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ଆମ ଘରକୁ ଲାଗି ତିନୋଟି ପ୍ଲଟର ତିନି ଏକର ପାଖାପାଖି ପୌତ୍ରିକ ଚାଷ ଜମି ଥିଲା । ତିନୋଟି ପ୍ଲଟ ବି ଚାହିଁଲେ ଏକତ୍ର ଘେରଦ କରିହେବ । ତିନୋଟି ପ୍ଲଟ ନାଁ ଥିଲା ଗୁହାଳ ଡ଼ିହ, ବୁଧୀ କିଆରୀ ଓ ସାଧୁଆ ବିଲ । ସାଧୁଆ ବିଲ ପ୍ଲଟଟା ସବୁଠୁଁ ଉର୍ବର ବୟାଅସି ଡ଼ିସିମିଲ ଥିଲା । ଏତିକି ଜମି ଆମ ଘର ପାଇଁ ଥିଲା ଭାତ ହାଣ୍ଡି । ପିଲାଦିନେ ବାପା ଏଇଠି ଚାଷ କାମରେ ବ୍ୟସ୍ତ ଥିଲାବେଳେ ମୁଁ ପଖାଳ ଭାତର ବେଲା ଓ ଆଳୁ ଚକଟା ସହ ପିଆଜ ଗୋଟେ ଗାମୁଛାରେ ବାନ୍ଧି ତାଙ୍କ ପାଖକୁ ନେଇଯାଉଥିଲି ।

ସାଧୁଆ ବିଲ ହିଡ଼ରେ ବର୍ଷାଦିନେ କଲରା ଗଛରେ କଲରା ତୋଳି ବାପା ମୋ ହାତରେ ଦେଉଥିଲେ । ବାପା ହିଡ଼ରେ ବସି ଖାଇଲା ବେଳେ ମୁଁ ଲଙ୍ଗଳ ଧରି ହଳ କରୁଥିଲି । ବାପା କହୁଥିଲେ, 'ହଳ ନ ଶିଖିଲେ ବଡ଼ ହେଲେ ଏସବୁ ଦାୟିତ୍ୱ ସମ୍ଭାଳିବ କିଏ ?'

ଆଶିଣ ମାସରେ ବାପାଙ୍କ ସହ ମୁଁ ସାଧୁଆ ବିଲକୁ ଯାଉଥିଲି । ବାପା ବାଲୁଙ୍ଗା କାଟୁଥିଲେ । ସାଧୁଆ ବିଲ ଗହିରିଆ ହେଇଥିବାରୁ ଚର୍ତୁମାସିଆ ମାଛ ସବୁ ଛଟପଟ ହେଉଥାନ୍ତି । ବାପା କଉ, ଗଡିଶ, ଚେଙ୍ଗ, କରାଣ୍ଡି ମାଛ ଧରି ମୋତେ ବଢାଇ ଦେଉଥିଲେ । ମୁଁ ସେସବୁକୁ ଗୋଟେ ଗାମୁଛାରେ ବାନ୍ଧୁଥିଲି । କଉ ମାଛ ଗୁଡ଼ା ବେଶୀ ଫଡ଼ ଫଡ଼ ହେଉଥିଲେ ଗାମୁଛା ଭିତରେ । ବିଲରୁ ସେଇ ମାଛ ଧରାର ଅପୂର୍ବ ଆନନ୍ଦ ଏ ଯାଏଁ ମୋ ସ୍ମୃତିରୁ ଯାଇନାହିଁ ।

ମୋର ଇଚ୍ଛା ଥିଲା ମୁଁ ପାଠ ପଢି ଚାକିରୀ କଲେ ଗୁହାଳ ଡ଼ିହ, ବୁଧୀ କିଆରି ଓ ସାଧୁଆ ବିଲକୁ ଘେରଦ କରି ଗୋଟେ ସେଲୋ ପକାଇବି ଓ ସେଇ ଜମିରୁ ତିନି ଫସଲି ଧାନ କରି ଆମ ଘରର ସବୁ ଅନଟନ କୁ ଦୂରେଇ ଦେବି ।

କିନ୍ତୁ ଚାକିରୀ କଲା ପରେ ମୁଁ ସେ କଥାକୁ ଆଉ କେବେବି ମନେ ପକାଇ ପାରିନଥିଲି । ବାପା ବି ତାଙ୍କ ଜୀବିତ ଅବସ୍ଥାରେ ମୋତେ ସେ ବିଷୟରେ କିଛି କହି ନଥିଲେ । ଅବଶ୍ୟ ଚାକିରୀ କରିଥିବା ସମୟରେ କେତେ ଥର ଗାଁକୁ ଗଲେ ସାଧୁଆ ବିଲକୁ ଯାଇ ସେଠିକାର ସବୁଜ ଚାଷକୁ ଦେଖିଛି । କିନ୍ତୁ ମୋ ମନ କଥା ମନରେ ରହି ଯାଇଥିଲା । ବେଳେ ବେଳେ ମନେ ପଡିଲେ ମୁଁ ସ୍ଥିର କରୁଥିଲି ମୋର ଚାକିରୀ ସରିଲେ ମୁଁ ପ୍ରଥମେ ସେହି ସେଲୋ ପକାଇବା ଓ ଜମି ଘେରଦ କାମ ଟି କରି ତିନି ଫସଲି କରାଇବି ସେ ଜମିକୁ । ସେସବୁ କଲେ ଅଜ (ସାନ ଭାଇ)ର ଆଉ କିଛି ଅଭାବ ରହିବ ନାହିଁ । ଗାଁରେ ସେ ଆରାମରେ ରହିବ ।

କିନ୍ତୁ ଦୁର୍ଭାଗ୍ୟ ଦେଖ ସେଦିନ ମୁଁ ଅଫିସରେ କାମ କରୁଥିଲା ବେଳେ ଅଜ ଆସି ପହଞ୍ଚିଲା । ତା ସଂଗରେ ଆଉ ତିନି ଚାରି ଜଣ ଗାଁ ଲୋକ । ମୋତେ କହିଲା, 'ଭାଇ, ମୁଁ ଠକରା ଭାଇଙ୍କ ଠୁଁ ଆଡଭାନସ୍ ଟଙ୍କା ନେଇଥିଲି ସାଧୁଆ ବିଲ ବିକିଦେବା ପାଇଁ । ଆଜି ରେଜେଷ୍ଟ୍ରି ହେବ । ସେ ଟଙ୍କାରେ ଝିଅ ବାହାଘର ପାଇଁ ସବୁ ଜିନିଷ କିଣି ନେଇଛି ।'

ଏକଥା ଶୁଣିଲା ମାତ୍ରେ ମୁଁ ସ୍ତମ୍ଭିଭୂତ ହୋଇଯାଇଥିଲି । ମୁଁ ପ୍ରଥମେ ବୁଝି ପାରିଲି ନାହିଁ ସେ କଣ କହୁଛି । ଘରର ସମସ୍ତ ଖର୍ଚ୍ଚ ତ ମୁଁ ବୁଝୁଥିଲି । ପୁଣି ମୋତେ ନ ଜଣାଇ ଇଏ କାହିଁକି ଏ ଜମି ବିକିବା କଥା ଚିନ୍ତା କଲା ? ଝିଅ ବାହାଘର ପାଇଁ ଟଙ୍କା କଥା ମୋତେ କହି ପାରି ଥାଆନ୍ତା । ଏ ବେଳରେ ମୋର କଣ ଜମି ବିକି ଦେବାକୁ ସମ୍ମତି ଦେବା ଠିକ୍ ହେବ ? ନ ଦେଲେ ଠକରା ମଳିକ ଭଳି ଗୁଣ୍ଡା ଲୋକ ଅଜକୁ ଏଇଠି ବେଇଜ୍ଜତ କରିଦେବ ।

ମୁଁ ଭିତରେ ଭିତରେ ବହୁତ କଷ୍ଟ ଓ ଦ୍ୱନ୍ଦ ପାଇଲି । ଶେଷକୁ ରେଜେଷ୍ଟ୍ରି କରିବାକୁ ରାଜି ହେଲି । ଦଲିଲରେ ଦସ୍ତଖତ କଲାବେଳେ ମୋ ଆଖି ଲୁହରେ ଓଦା ହେଇ ଯାଉଥିଲା । ସେ ଲୁହ ଭିତରେ ମୁଁ ମୋ ବାପା ଓ ବୋଉଙ୍କ କାନ୍ଦ କାନ୍ଦ ମୁହଁ ଦେଖି ପାରିଥିଲି ।

ମୁଁ ଜାଣି ଯାଇଥିଲି ଅଜ କେତେ ତଳକୁ ଚାଲି ଯାଇଛି ବାପା ବୋଉ ଚାଲିଗଲା ପରେ । ସେ ଏବେ ତାର ଓ ମୋର ଭାବି ସାରିଲାଣି । ସେ ସ୍ତ୍ରୀ ବୁଦ୍ଧିରେ ପଡି ମୋତେ ଆଉ ତାର ବୋଲି ଭାବିପାରୁ ନାହିଁ ।

ମୋର ଘର ପ୍ରତି ମାୟା ସେଇଦିନ ଅଧେ ଚାଲି ଯାଇଥିଲା । କିନ୍ତୁ ସାଧୁଆ ବିଲକୁ ହରାଇଲା ବେଳେ ଲାଗୁଥିଲା ମୁଁ ଯେମିତି ମୋ ଗୋଡ଼ ତଳର ବସୁଧା ବା ଆମ ଘରର ଲକ୍ଷ୍ମୀକୁ ଘଉଡ଼ାଇ ଦେଇ ମୁଁ ବେସାହାରା ହେଇଯାଉଛି ।

ମୁଁ ରେଜିଷ୍ଟ୍ରି କରି ଫେରିଲା ପରେ ଅଜ ମୁହଁକୁ ଆଉ ଚାହିଁ ନଥିଲି । ସେ କେତେ ଟଙ୍କା ଠକରା ମଳିକ ଠୁଁ ନେଲା ବା ଆଉ କଣ ସବୁ କଥା ହେଲା ମୋର ସେସବୁ ଶୁଣିବାର ଆଉ ଧୈର୍ଯ୍ୟ ନଥିଲା । ମୋତେ ଲାଗୁଥିଲା ଯେମିତି ଗାଁର ମୋ ସ୍ମୃତି ଭାଙ୍ଗି ଯାଉଛି ଧିରେ ଧିରେ । (ଆଗଥରକୁ)

## ଧାରାବାହିକ ଉପନ୍ୟାସ

# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨





ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଚ୍ଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ଭାଗ-୧୬

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଫିଟସ୍ ଅର୍ଥ ମୂର୍ଚ୍ଛା ହେବା । ସଂପୂର୍ଣ୍ଣ ନିସ୍ପନ୍ଦ ହୋଇଯିବା । ପ୍ରିୟନାଥ ପାଖରୁ କଥାଟିକୁ ଶୁଣି କିଛି କହିଲେ ନାହିଁ ଦୀନନାଥ ।

କିଛିକ୍ଷଣପରେ ହଠାତ୍ କ'ଣ ଭାବିଲେ କେଜାଣି, ଉଠିଗଲେ ଏସ୍.ଏନ୍.ସି.ୟୁ. ଭିତରକୁ । ସକାଳେ ଡ଼ିଉଟିରେ ଥିବା ନର୍ସଟି ବଦଳିଯାଇଛି । ଏବେ ଆଉ ଜଣେ ନର୍ସ ନୂଆ ଆସିଛି । ସେ ଭିତରପଟୁ ଲକ୍ କରିଦେଇ ଡ୍ୟୁଟି କରୁଛି, ଉଦ୍ଦେଶ୍ୟ ବାହାର ଲୋକଙ୍କୁ ଆଦୌ ପ୍ରବେଶ ନ କରାଇ ଦେବା । ତାହା ହିଁ ନିୟମ ।

ସେଠାରୁ ସିଧା ଫେରି ଆସିଲେ ଦୀନନାଥ ଏବଂ ଡାକ୍ତର ନୀଳମାଧବଙ୍କ ଚେମ୍ବର୍‌କୁ ଦୌଡ଼ିଲେ । ଆଉ ଭବେଶ ଏବଂ ପ୍ରିୟନାଥକୁ ସେଇଠାରେ ଅପେକ୍ଷା କରିବାକୁ କହିଗଲେ ।

ସେତେବେଳେ ଡାକ୍ତର ନୀଳମାଧବ ଡ୍ୟୁଟିରେ ଥିଲେ । ସକାଳେ ତାଙ୍କୁ ନର୍ସିଂହୋମ୍‌ରେ ପେଡ଼ିଆଟ୍ରିକ୍ ଭାବେ ନାତି ଜନ୍ମବେଳେ ଦେଖିଥିଲେ । ତାଙ୍କ ପରାମର୍ଶରେ ଏଠିକୁ ସ୍ଥାନାନ୍ତର କରାଯାଇଥିଲା ନାତିକୁ । ସଠିକ୍ କଥାଟା ତାଙ୍କରି ପାଖରୁ ବୁଝିହେବ ବୋଲି ସେ ଆଶାୟୀ ହୋଇପଡ଼ିଲେ ।

କିନ୍ତୁ ଡାକ୍ତର ନୀଳମାଧବ ଯାହା କହିଲେ, ସେଥିରେ ଆଦୌ ସନ୍ତୁଷ୍ଟ ହେଲେ ନାହିଁ ଦୀନନାଥ । ପ୍ରିୟନାଥ ତାଙ୍କୁ ଯାହା ଶୁଣେଇଥିଲା, ଠିକ୍ ସେଇକଥା ହିଁ କହିଲେ ଡାକ୍ତର । ସବୁ ଶୁଣିସାରି ଦୀନନାଥ ପଚାରିଲେ -

"ଆପଣଙ୍କ ପୂର୍ବରୁ ଯେ ଡ୍ୟୁଟିରେ ଥିଲେ, ସେ କେମିତି କହିଲେ ଯେ ପିଲାର ଭଲ ଅଗ୍ରଗତି ହେଉଛି, ଆଉ କିଛି ସମୟ ରଖି ଡିସ୍‌ଚାର୍ଜ କରି ଦିଆଯିବ ?" - ଟିକେ ସନ୍ଦେହ ଚକ୍ଷୁରେ ଉତ୍ତରକୁ ଅପେକ୍ଷା କରି ଛିଡ଼ା ହେଲେ ଦୀନନାଥ ।

ଡାକ୍ତର ନୀଳମାଧବ ବୟସରେ ଯଥେଷ୍ଟ ସାନ ହେବେ, ନିଜ ପୁଅ ବୟସର । ସକାଳ ପରିଚୟ, ପୁଣି ଗୁରୁଜନ ସ୍ଥାନୀୟ ଲୋକ ଭାବି ହଠାତ୍ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ ଡାକ୍ତର । ଅଳ୍ପକ୍ଷଣ ଦୀନନାଥଙ୍କ ମୁହଁକୁ ଚାହିଁଲେ ଏବଂ ତାଙ୍କ ମୁହଁର ଅବସ୍ଥା ଲକ୍ଷ୍ୟ କରି ବୁଝେଇବାକୁ ଚେଷ୍ଟା କଲେ -

"ସେ ଡାକ୍ତର ଯାହା ଅନୁଧ୍ୟାନ କରିଥିବେ, ତାହା ହିଁ କହିଥିବେ । ଏବେ ମୁଁ ଆସି ଯାହା ଲକ୍ଷ୍ୟ କଲି, ପିଲାର ସେମିତି କିଛି ଅଗ୍ରଗତି ହୋଇନାହିଁ । ଚାରିଟାରେ ନର୍ସ ପିଲାର ଡାଏରୀରେ ଟିପ୍‌ପଣୀ କରିଛି କନ୍‌ଭଲସନ୍ ବୋଲି । ତେଣୁ ତାଙ୍କ ରିପୋର୍ଟକୁ ଆଧାର କରି ଏବଂ ମୋର ଅନୁଧ୍ୟାନକୁ ମିଶେଇ କହୁଛି କି ପିଲା ଭଲ ନାହିଁ । ଆପଣଙ୍କ ପୁଅ ଏବଂ ଜ୍ୱାଇଁ ଉଭୟେ ଡାକ୍ତର ବୋଲି ମୁଁ ଜାଣିଛି । ଜଣେ ଡାକ୍ତରର ପୁଅ ଓ ଡାକ୍ତରର ଭଣଜା ବୋଲି ମୋର ତା' ଉପରେ ସ୍ୱତନ୍ତ୍ର ଧ୍ୟାନ ରହିଛି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ବରଂ ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ କଟକ ସ୍ଥାନାନ୍ତର କରିବା ପାଇଁ ।

ଦୀନନାଥଙ୍କର ଆଉ କିଛି ଅଧିକ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ନ ଥିଲେ ଡାକ୍ତର ନୀଳମାଧବ । ସେତେବେଳକୁ ତାଙ୍କ ଚେମ୍ବର୍ ଲୋକାରଣ୍ୟ ହୋଇଗଲାଣି । ଭିନ୍ନ ଭିନ୍ନ ପିଲାମାନଙ୍କର ଭିନ୍ନ ଭିନ୍ନ ଲୋକ ଭିନ୍ନ ଭିନ୍ନ ପ୍ରଶ୍ନ ନେଇ ଅପେକ୍ଷା କରିଛନ୍ତି । ଏଣୁ ଆଉ କିଛି ପଚାରିବାର ଇଚ୍ଛା ଥିଲେ ବି ଦୀନନାଥ ଚେମ୍ବର୍ ବାହାରକୁ ଚାଲି ଆସିଲେ ।

କିନ୍ତୁ ବାରମ୍ବାର ତାଙ୍କ ମୁଣ୍ଡକୁ ଆକ୍ରାନ୍ତ କରୁଥିଲା ଗୋଟିଏ କଥା ! ହୁଏତ ଏସ୍.ଏନ୍.ସି.ୟୁ. ଭିତରେ ପିଲାଟା କାନ୍ଦି କାନ୍ଦି, କିଛି ନ ଖାଇ ନପିଇ ନିସ୍ତେଜ ହୋଇ ଯାଇଥିବ ଏବଂ ଡ୍ୟୁଟିରେ ଥିବା ନର୍ସ କିଛି କଥା ପରୀକ୍ଷା ନ କରି ଟିପ୍‌ପଣୀରେ ଏମିତି ଲେଖି ଦେଇ ପାରିଥିବେ, "କନ୍‌ଭଲ୍‌ସନ୍ ଏଟ୍ ଫୋର ଥାର୍ଟି ପି.ଏମ୍ ?"

ଡାକ୍ତରଙ୍କୁ ତାଙ୍କର ଦ୍ୱିତୀୟ ପ୍ରଶ୍ନ ପଚାରିବାର ଥିଲା, ଆପଣ କେତେବେଳେ ୱାର୍ଡ଼ ପରିଦର୍ଶନରେ ଯାଇଥିଲେ ? ଯେତେବେଳେ ଯାଇଥିଲେ ସେତେବେଳେ ପିଲା ଗୋଡ଼ହାତ ହଲେଇବା କିମ୍ବା କାନ୍ଦିବା ପରି ସ୍ୱାଭାବିକ ସକ୍ରିୟ ଥିଲା କି ? ଯଦିଥିଲା 'କନ୍‌ଭାଲସନ୍'ର କେତେ ସମୟ ପରେ ତାହା ସକ୍ରିୟ ହେଲା ? କିନ୍ତୁ ଯଥାର୍ଥତଃ ଯାହାକୁ ଆପଣ 'କନ୍‌ଭଲସନ୍' କହୁଛନ୍ତି, ତାହା ପ୍ରକୃତ କନ୍‌ଭଲସନ୍ ନା ଉପବାସ ଏବଂ କ୍ଳାନ୍ତିଜନିତ ଶୋଇଯିବା ? ଡାକ୍ତର ! କହି ପାରିବ ସେ ପିଲାର କନ୍‌ଭଲସନ୍‌ର ସଠିକ୍ କାରଣ କ'ଣ ଥିଲା ? ମାନବ ଜୀବନରେ ସେ ଶିଶୁ ହେଉ ବା ବୟସ୍କ, କନ୍‌ଭଲସନ୍ କେଉଁ କେଉଁ କାରଣରୁ ହୋଇଥାଏ ? କେଉଁ କେଉଁ ଉପଚାରରେ ତାହା ଭଲ ହୁଏ ? ଇତ୍ୟାଦି ଅନେକ ପ୍ରଶ୍ନର ଜଟିଳ ଅଡୁଆ ସୂତା ଭିତରେ ଦୀନନାଥ ଆନ୍ଦୋଳିତ ହେବାକୁ ଲାଗିଲେ ଏବଂ ତାଙ୍କ ମନ ଆଦୌ ବୁଝୁ ନଥିଲା ଡାକ୍ତରଙ୍କ ଦୁର୍ବଳ ମନ୍ତବ୍ୟରେ । ତାଙ୍କର ମନେହେଲା କେବଳ ନର୍ସ କିମ୍ବା ଡାକ୍ତର ନୁହନ୍ତି, ସମସ୍ତେ ଏକପ୍ରକାର ଉପରଠାଉରିଆ ରୋଗରେ ଆକ୍ରାନ୍ତ । ଏଣୁ ଏହି ପ୍ରକାର ଉପରଠାଉରିଆ ରୋଗରୁ ସମାଜ ଆଗ ମୁକ୍ତ ହେବା ଦରକାର ।

ଭୀଷଣ ଅସନ୍ତୋଷ ଓ ବିଷଣ୍ଣ ମନନେଇ ଦୀନନାଥ ଫେରିଆସିଲେ ମୂଳ ସ୍ଥାନକୁ । ଡାକ୍ତର କ'ଣ କହିଲେ ବୋଲି ଉତ୍ସୁକରେ ଚାହିଁ ରହିଲେ ପ୍ରିୟନାଥ ଆଉ ଭବେଶ । ହେଲେ ସେମାନଙ୍କୁ କିଛି ନକହି ସିଧା ସେ ପଶିଗଲେ ଏସ୍.ଏନ୍.ସି.ୟୁ. ଭିତରକୁ । କାଚଦରଜାର ଏ ପାଖେ ଛିଡ଼ା ହୋଇ ହାତଠାରି ଡାକିଲେ ଡ୍ୟୁଟିରେ ଥିବା ନର୍ସକୁ ଏବଂ ବିନତି ହୋଇ ଭିତରକୁ ଗଲେ । ଦୂରରୁ ଦେଖଣାହାରୀ ସଭିଏଁ ଭାବୁଥିଲେ ଦୀନନାଥଙ୍କୁ ଜଣେ ଡାକ୍ତର ବୋଲି । ତାଙ୍କ ଚାଲିଚରଣ ଓ ହାବଭାବରୁ ତାହା ହିଁ ବୁଝା ପଡୁଥିଲା ।

ଏକାବେଳକେ ଗୋଟିଏ ଦମ୍‌ରେ ଦୀନନାଥ ଯାଇ ଛିଡ଼ା ହେଲେ ନାତି ପାଖରେ । ଦେଖିଲେ ନାତି ହାତ ଗୋଡ଼ ହଲଉଛି । ନିଜ ଓଠକୁ ନିଜେ ଚମୁଛି । ମଝିରେ ମଝିରେ ଅଳ୍ପ ଅଳ୍ପ କାନ୍ଦୁଛି । ଯେମିତି ସକାଳେ ଦେଖିଥିଲେ, ଠିକ୍ ସେମିତି ଅଛି । ସେଇ ମୁହୂର୍ତ୍ତରେ ତାଙ୍କର ଇଚ୍ଛାହେଲା, ବେଡ଼୍‌ରୁ ନାତିକୁ ଉଠେଇନେଇ ପଳେଇ ଆସିବାକୁ । କିନ୍ତୁ ତାହା ସେ କରିପାରିଲେ ନାହିଁ । ଦୀନନାଥ ଏତିକି ବୁଝିଥିଲେ, ଭବିଷ୍ୟତର ବିରାଟକାୟ ବୃକ୍ଷର କ୍ଷୁଦ୍ର ମଂଜିଟି ହେଉଛି ବର୍ତ୍ତମାନ । ଏଣୁ ସେ ପ୍ରକାର ଇଚ୍ଛାରୁ ସେ ତୁରନ୍ତ ନିବୃତ୍ତ ରହିଲେ ଏବଂ ଫେରିଆସିଲେ । ନିୟତିର ନିର୍ଦ୍ଦେଶକୁ ଅନ୍ତତଃ ତାଙ୍କୁ ମାନିବାକୁ ହେବ । ଆସନ୍ତା କାଲି ଦିନ ଦଶଟା ବେଳକୁ ଚବିଶ ଘଣ୍ଟା ପୂର୍ଣ୍ଣ ହୋଇଯିବ । ସେତେବେଳ ପର୍ଯ୍ୟନ୍ତ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିବ ।

କ୍ରମେ ସନ୍ଧ୍ୟା ନଇଁ ଆସୁଥିଲା ଡାକ୍ତରଖାନା ପରିସରରେ । ଚଢ଼େଇଗୁଡ଼ିକର କିଚିରିମିଚିରି ଶବ୍ଦ, ଲୋକମାନଙ୍କର ଗହଳି ଚହଳି, ଗାଡ଼ି ମୋଟରର ପେଁ ପାଁ ଶବ୍ଦ ପରିବେଶକୁ ଆହୁରି ମୁଖରିତ ଓ ଚଳଚଞ୍ଚଳ କରି ଦେଇଥିଲା । ହେଲେ ଚୁପ୍‌ଚାପ୍ ବସି ରହିଥିଲେ ଦୀନନାଥ, ସାନଭାଇ ପ୍ରିୟନାଥ ଏବଂ ଜ୍ୱାଇଁ ଭବେଶ । ସମସ୍ତଙ୍କୁ ବିଷର୍ଣ୍ଣତା ପ୍ରାୟ ଆଚ୍ଛନ୍ନ କରି ରଖିଥିଲା । ସେଥିପାଇଁ କାହାରି ପାଟିରୁ ଶବ୍ଦଟିଏ ବି ବାହାରୁ ନଥିଲା । ମଣିଷର ଭିତରଟା ଯେତେବେଳେ ପ୍ରଚଣ୍ଡ କୋଳାହଳରେ ମୁଖରିତ ହୋଇପଡ଼େ, ସେତେବେଳେ ମୁହଁର ଭାଷା ଲିଭିଯାଏ ।

"ପିଲାକୁ ବୋଧହୁଏ କାଲି କଟକ ରେଫର୍ କରିଦେବେ ? ଯାଇଥିଲ ପରା ! ଡାକ୍ତର କ'ଣ କହିଲେ ?" - ପ୍ରିୟନାଥ ପଚାରୁଥିଲା ବଡ଼ଭାଇ ଦୀନନାଥଙ୍କୁ ।

"ଡାକ୍ତରଙ୍କର ତାହା ହିଁ ଅନ୍ତିମ ଇଚ୍ଛା ।" - କହିଲେ ଦୀନନାଥ ।

"ବରଂ ବାପା ! କଟକ ସିଫ୍‌ଟ କରିଦେବା ଉତ୍ତମ ହେବ । ମୋର ଯାହା ଅନୁଭବ, ଏମାନେ ସଠିକ କିଛି ଜାଣିପାରୁ ନାହାନ୍ତି !" - କହିଲେ ଡାକ୍ତର ଜ୍ୱାଇଁ ଭବେଶ ।

ତଥାପି କାହିଁକି କେଜାଣି, ଦୀନନାଥ ସେମିତି ନିଷ୍ଫଳ ହୋଇ ବସି ରହିଥିଲେ । ତାଙ୍କ ଚେତନାରେ ଭାସି ବୁଲୁଥିଲା ନର୍ସିଂହୋମ୍‌ର ସେହି ସ୍ତ୍ରୀ ଲୋକଟି କଥା ; ଯିଏ ଏକପ୍ରକାର ମାନସିକ ବିକୃତିରେ ଏବେ ସୁଦ୍ଧା ରୋଗଶଯ୍ୟାରେ ଅପେକ୍ଷା କରିଛି ଏକ ମିଥ୍ୟା ପ୍ରତିଶ୍ରୁତିକୁ ବିଶ୍ୱାସ କରି । ନୀରବ ରହିବା ଦେଖି ପୁନରାୟ ଭବେଶ କହିଲା -

"ଆପଣ କ'ଣ ଭାବୁଛନ୍ତି ବାପା, ପୁଅକୁ ଏଇଠି ରଖିବା ?"

ମୁହଁ ଖୋଲିଲେ ଦୀନନାଥ, କହିଲେ -

"ଡାକ୍ତରଙ୍କ ସିଦ୍ଧାନ୍ତ ଉପରେ ମୋର ଆପତ୍ତି କରିବାର ଲେଶମାତ୍ର ହେତୁ ନାହିଁ । କିନ୍ତୁ ଶୁଭଦା ପାଇଁ ଏହା ଏକ ପ୍ରଚଣ୍ଡ ମାନସିକ ଆଘାତର କାରଣ ହୋଇପାରେ !"

ଦୀନନାଥଙ୍କ କଥାରେ ସଭିଏଁ ଗମ୍ଭୀର ହୋଇ ପଡ଼ିଲେ । କିଛିକ୍ଷଣ ଉତ୍ତାରେ ପ୍ରିୟନାଥ ଅନ୍ୟପ୍ରକାରେ କଥାଟାକୁ ବୁଲେଇ ଦେଲା । କହିଲା -

"କଟକ ଯିବାକଥା ଡାକ୍ତର ସେମିତି କିଛି ଦୃଢ଼ୋକ୍ତି କରି ନାହାନ୍ତି । ଚବିଶ ଘଣ୍ଟା ପରେ ଆବଶ୍ୟକ ପଡ଼ିଲେ କଟକ ଯାଇପାରେ ବୋଲି କହିଛନ୍ତି । ନତୁବା ଆଉ ଚବିଶ ଘଣ୍ଟା ବଢ଼େଇ ଦେଇପାରନ୍ତି । ଯଦି କଟକ ନେବା ସ୍ଥିର ହୁଏ, ତେବେ ଶୁଭଦାକୁ ଏ ଖବର ଦିଆଯିବ ନାହିଁ । ଯଥାସମ୍ଭବ ସତର୍କ ରହି ପାରିଲେ, ମୁଁ ଭାବୁଛି କିଛି ଅସୁବିଧା ହେବନାହିଁ ।"

"ତାହା ହିଁ କରାଯିବା ଠିକ୍ ହେବ ।" - ଦାଦାଶୁରଙ୍କ କଥାକୁ ପୂର୍ଣ୍ଣ ସମର୍ଥନ କଲେ ଜ୍ୱାଇଁ ଭବେଶ ।

ଅଦୂରରେ ଛିଡ଼ା ହୋଇ ଏମାନଙ୍କ କଥାକୁ ଶୁଣୁଥିବା ଲୋକଟିଏ ପାଖକୁ ଲାଗି ଆସି କହିଲା -

"ଆଜ୍ଞା, ଆପଣ ପିଲାକୁ କଟକ ନେଇଯିବା ଯଥାର୍ଥ ହେବ । ମୋର ଠିକ୍ ସେହି ସମାନ କେସ୍ । ମୋ ପିଲାଟିର ଏଠାରେ ଦୁଇଦିନ ପର୍ଯ୍ୟନ୍ତ କିଛି ଅଗ୍ରଗତି ହେଲା ନାହିଁ । ଡାକ୍ତରଙ୍କୁ କହି କଟକ ରେଫ୍‌ର କରି ନେଇଗଲି । ସେଠାରେ ଭେଣ୍ଟିଲେଟର୍ ଭିତରେ ମାତ୍ର ଦୁଇଦିନ ରହିଲା । ଏସ୍.ଏନ୍.ସି.ୟୁ. ଅପେକ୍ଷା ଭେଣ୍ଟିଲେଟର୍ ଅଧିକ କାମ କରୁଛି । ବାସ୍, ଏହାପରେ ସବୁ ଠିକ୍‌ଠାକ୍ ହୋଇଗଲା । ଗତକାଲି ନେଇ ଆସିଲି । ଏଇ ମେଡ଼ିକାଲ୍‌ରେ ତା'ର ମା' ରହିଲା । ଅବଶ୍ୟ ସେ ଜାଣିଥିଲେ ଯେ, ପୁଅ ତା'ର କଟକ ଯାଉଛି ଭଲ ହେବା ପାଇଁ । ଏବେ ସବୁ ଠିକ୍ ଠାକ୍ ହୋଇଗଲାଣି । ଆସନ୍ତାକାଲି ମା' ପୁଅ ଘରକୁ ଯିବେ ।"

ଦୀନନାଥଙ୍କର ମନେହେଲା ବୋଧହୁଏ ସାରା ପୃଥିବୀରେ ଏବେ ଯେତେ ପିଲା ଜନ୍ମ ହେଉଛନ୍ତି, ସମସ୍ତେ ଏମିତି ଅବସ୍ଥା ନେଇ ଜନ୍ମ ହେଉଛନ୍ତି । କିମ୍ବା ସଂପ୍ରତି ଅଧିକାଂଶ ପିଲାଙ୍କର ଏଇ ଅବସ୍ଥା ଲାଗି ରହୁଛି । ନହେଲେ ପ୍ରତ୍ୟହ ଏତେ ପିଲା କିପରି ଏସ୍.ଏନ୍.ସି.ୟୁ. କିମ୍ବା ଭେଣ୍ଟିଲେଟର୍ ଭିତରକୁ ଆସନ୍ତେ ! ପୁଣି ସମାଜରେ ମାନସିକ ବିକଳାଙ୍ଗ ପିଲା, ମାନସିକ ଅନଗ୍ରସର କିମ୍ବା ଅର୍ଟିଷ୍ଟିକ୍ ପିଲା, ଜଣ୍ଡିସ୍ ଆକ୍ରାନ୍ତ ପିଲା ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ଶିଶୁ ମୃତ୍ୟୁହାର ବି ସ୍ୱାସ୍ଥ୍ୟ ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ କମିବାର ନାଁ ଧରୁନି । ସହରାଞ୍ଚଳମାନଙ୍କରେ ଏ ସମସ୍ୟା ଅଧିକ ଲାଗି ରହୁଛି । ସ୍ୱାସ୍ଥ୍ୟ ସଂପର୍କରେ ମଣିଷ ଯେତେ ସଚେତନ ହେଉଛି, ସେତେବେଶି ଅଡୁଆ ଜାଲରେ ଛନ୍ଦି ହୋଇ ଯାଉଛି । ଅଥଚ ବଣ, ପାହାଡ଼ଘେରା ଆଦିବାସୀ ଅଞ୍ଚଳମାନଙ୍କରେ ଏ ପ୍ରକାର ସମସ୍ୟା ଅତ୍ୟନ୍ତ ନଗଣ୍ୟ । ପ୍ରକୃତିଠାରୁ ମଣିଷ ଯେତେ ଦୂରେଇ ଆସୁଚି, ସେତେ ବେଶି ସମସ୍ୟା ଘେରରେ ସନ୍ତୁଳି ହେଉଛି । ଭ୍ରୁଣ ଅବସ୍ଥାରୁ ହଜାରେ ପରୀକ୍ଷା ନିରୀକ୍ଷା ଓ ଚିକିତ୍ସା ସତ୍ତ୍ୱେ ବି ଯେମିତି ଏଥିରୁ ମୁକ୍ତି ନାହିଁ !

(କ୍ରମଶଃ)

## ଗଳ୍ପ:



# ମନୁଆ ବସନ୍ତ

ଶୈବଳିନୀ ସାହୁ

ସନ୍ଧ୍ୟା ଆଗତ ପ୍ରାୟ । ଫେବୃଆରୀ ମାସର ତୃତୀୟ ସୋମବାର । ଶୀତର ହାଲୁକା ପ୍ରଭାବରୁ ତଥାପି ମୁକ୍ତ ହୋଇ ନ ଥିଲା ଗାଆଁର ଆକାଶ, ପାଣି ଆଉ ପବନ , ବିଲ, ପୋଖରୀ, ନଈ, ନାଳ, ଇନ୍ଦିରା ଆବାସ, ନୁଆଁଣିଆ ଆଜବେସ୍ଟ ଘର ଓ ହାତଗଣତି କୋଠା ଘରର ଭିତର ଓ ବାହାର ପରିବେଶ ଓ ପରିସର । ବୟସ୍କମାନେ ବିଚାର କରୁଥିଲେ, ଆଉ ଦିନ କେଇଟା ପରେ ମାଡି ଆସିବ ଗ୍ରୀଷ୍ମର ପ୍ରକୋପ । ଜଳ, ଥଳ ଆଉ ଅନୀଳରେ ଚାଲିବ ଗ୍ରୀଷ୍ମର ରାଜୁତି । ହେଲେ ଏବେ ତ ବସନ୍ତ ଋତୁ । ବସନ୍ତ ଋତୁର ସଂଧ୍ୟାଟାରେ ବି ଶିଶିରପାତର ସାଇଁ ସାଇଁ ଲହରୀ । ରାମ୍ ରାମ୍ । କି ବେତାଳ ପାଗ ଯୋଗରେ ବାବା ।

ମୁହଁକୁ ମୁହଁ ଯୋଡି ଦୁଇ ଦୁଇ ହାତ ଦୂରତାରେ ତିନୋଟି ଯୁବକ ଏକାଠି ବସିଥିଲେ ଠିକ୍ ଗୋଟେ ଅତଏବ ଚିହ୍ନ ଭଳିଆ । ଗତ ସପ୍ତାହରେ ବିତିଗଲା ବସନ୍ତ ପଞ୍ଚମୀ । ହେଲେ ବସନ୍ତ ଋତୁର ପ୍ରଭାବ କ'ଣ ଏ ଦେଶରେ ଅନୁଭବ କରିହୁଏ । ଏଠି ତ ଋତୁ କହିଲେ ତିନୋଟି ଋତୁକୁ ବୁଝାଏ । ଗ୍ରୀଷ୍ମ ,ବର୍ଷା ଆଉ ଶୀତ । ଶରତ, ହେମନ୍ତ ଆଉ ବସନ୍ତ ଋତୁର ଉପସ୍ଥିତି ଆମ ମାଟିରେ କେତେ ବା ଅନୁଭୂତ ହୁଏ । ଠିକ୍ ଆମ ଭଳି । ସତରେ ଦୂରାଗତ ଦୁଇ ଦିନିଆ ଅତିଥି ଭଳିଆ ନୁହଁ ତ ଆଉ କଣ ! କିଏ ଜଣେ ଏତକ କହିଲା ବେଳକୁ ହୋ ହୋ ହୋଇ ହସି ଉଠିଲେ ତିନି ବନ୍ଧୁ ଶରତ ମଲ୍ଲିକ, ହେମନ୍ତ ରାଉତ ଆଉ ବସନ୍ତ ବେହେରା । କୋଭିଡ କଟକଣା ଏବେ ଟିକିଏ କୋହଳ ହୋଇଗଲାଣି । ଗୋଟିଏ ଗାଆଁରେ ଆଗ ପଛ ହୋଇ ଜନ୍ମିଥିବା ତିନୋଟି ଯାକ ପିଲା । ଏବେ ସେମାନେ ବାଇଶି ଚବିଶ ବର୍ଷୀୟ ଯୁବକ । ଗୋଟିଏ ସାହିରେ ଘର । ପିଲାଦିନେ କାହାରି ବି ପାଠ ଭଲ ହେଉ ନଥିଲା । ଖେଳ ଛୁଟି ପରେ ପେଟେ ଭାତ ଖାଇ ପୁଣି ଥରେ ଶ୍ରେଣୀ ଗୃହକୁ ଫେରିଲା ବେଳକୁ ଶ୍ରେଣୀର ପଞ୍ଚମ ପିରିୟଡ଼ । ଭୂଗୋଳ କ୍ଲାସ୍ । ପଛ ବେଞ୍ଚରେ ବସି ଦେଶ ମହାଦେଶ, ସାଗର, ନଦ ନଦୀ, ଜଙ୍ଗଲ, ପାହାଡ଼ ପର୍ବତ କଥା ଶୁଣି ଶୁଣି ବୋର ହୋଇ ଢୁଳାଉ ଢୁଳାଉ ଆଗ ପଛ ହୋଇ ପଛ ଦ୍ୱାର ଦେଇ ଶ୍ରେଣୀରୁ ଛୁ ମାରିବା ଏଇ ତିନୋଟି ବନ୍ଧୁଙ୍କୁ ବେଶ ମାଲୁମ ଥିଲା । କି କଷ୍ଟ ମ ସେ ଭୂଗୋଳ ପାଠରୁ ଦେଶ ବିଦେଶ ବାବଦରେ ଜ୍ଞାନ ଅର୍ଜିବା । ହେହୋ ! ସେ ମଧ୍ୟପ୍ରଦେଶର ଖଣି ଖାଦାନ କଥାରୁ ଆମର ମିଳିବ କଣ ? ସେ ଚେରାପୁଞ୍ଜିର ଜଳବାୟୁ ବାବଦରେ ଆମେ ଏତେକଥା ମନେ ରଖିବାକୁ କଅଣ ବାଧ ? ଅଥଚ ଦେଖ ତ ? ସମୟର କି ଅଦ୍ଭୁତ ବିଚାର । ପେଟପାଟଣାର ଖାତିରିରେ ଆମ ତିନି ସାଙ୍ଗଙ୍କୁ କେମିତି ବେଙ୍ଗାଲୁରୁ, ମହାରାଷ୍ଟ୍ର ଆଉ ଚେନ୍ନାଇ ଭଳି ଅଲଗା ଅଲଗା ଭୂଗୋଳ ଭିତରକୁ ଚାଲି ଯିବାକୁ ପଡିଲା । କୋଭିଡ ପରିସ୍ଥିତିରେ ଜୀବନ ବଞ୍ଚାଇ ନିଜ ଭିଟାମାଟିକୁ ଫେରି ଆସିଥିଲେ ତିନିହେଁ । କୋଭିଡ କଟକଣା କୋହଳ ହେଲାଣି ଏବେ । ଏଥର ପୁଣି ଛାଡିବାକୁ ହେବ ଆପଣା ମୁଲକ । ଆଚ୍ଛା ଗୋଟେ କରୋନା ପାଲା ଆଇଲା । ବିନା ରକ୍ତପାତରେ କେତେ ଜୀବନ ନେଇ ନ ଗଲା ସେ । ପୁଣି । ପୁଣି କୁଆଡେ ବିନା ଔଷଧରେ ଫୁସୁକି ଗଲା ସୁତୁଲି ବାଣ ଭଳିଆ । ହେଃ, ଡକାୟତ । ବେଖାତିର ଢଂଗରେ ଗପୁଥାଏ ହେମନ୍ତ । ଏତିକି ବେଳେ ବସନ୍ତ ନିଜର ଜ୍ୟାମିତି ବାକ୍ସ ଭଳିଆ ଆଣ୍ଡ୍ରୋଏଡ଼ ଫୋନ୍‌ଟି ବାହାର କରି ଆସନ୍ତା ରବିବାର ଦିନ ସେ ଗାଆଁ ଛାଡୁଛି ବୋଲି କାହାକୁ ଗୋଟେ ଫୋନ୍‌ରେ ସୂଚନା ଦେଲା । ହେଲେ କାହାକୁ ? ତାର ଦୁଇ ପିଲା ଦିନର ସାଙ୍ଗ ଶରତ ଆଉ ହେମନ୍ତ ବି କିଛି ଠଉରେଇ ପାରିଲେ ନାହିଁ ଏ ମନୁଆ ବସନ୍ତଟା ଏମିତି ଗମ୍ଭୀର ଗଳାରେ ରବିବାର ଦିନ ଗାଆଁ ଛାଡୁଚି ବୋଲି କାହାକୁ ସୂଚନା ଦେଲା । କାହାକୁ ?

ଦୂର ତାଳବଣରୁ ମଝିରେ ମଝିରେ ଶୁଭୁଥାଏ ବିଲୁଆର କୁହାଟ । ଆକାଶରେ କେତେବେଳୁ ଉଇଁ ସାରିଥିଲେ ଗୋଠ ଗୋଠ ତାରା । ସପନି ପଧାନ ତାର ଧଡ଼ଧଡ଼ିଆ ଏଭୋନ୍ ସାଇକଲରେ ପାଖ ଗାଆଁର ସାପ୍ତାହିକ ହାଟରୁ ଶୁଖୁଆ ବେପାର ସାରି ଫେରୁ ଫେରୁ ସେଇ ପାଖାପାଖି ଗାଁ ମୁଣ୍ଡ କାଲଭାର୍ଟ ପୋଲ ପାଖରେ ଅଟକିଲା । ବୋଧେ ଖସିଗଲା ସପନିର ସାଇକଲ ଚେନ୍ କି କଣ ? ହୋ' ସପନି ଦାଦି । ପତଳା ଗଳାରେ ସୁର ଲମ୍ୱେଇ ହେମନ୍ତ ଆଉ ଗୋଟେ କୋକି ଶିଆଳ ଭଳି ଏମିତି କୁହାଟି ଉଠିଲା ଯେ ତାଳ ବଣରୁ କୁହାଟୁ ଥିବା ଶିଆଳ ନିରବି ଗଲେ । ସପନି ଆଡୁ କିଛି ଜବାବ ଆସିଲା ନାହିଁ । ଓହ । ହୋଉ ହୋଉ ଯାଅ । ସେଇ ଆଡକୁ ବିଲ ହୁଡାରେ ବସିଥିବା ତିନି ସାଙ୍ଗ ଭିତରୁ ବୋଧେ ଶରତ ହାଲୁକା ମାଟି ଟେକାଟାଏ ବେପରୁଆ ଭାବେ ଫିଙ୍ଗୁ ଫିଙ୍ଗୁ ହେମନ୍ତ ସ୍ୱର ସହ ସ୍ୱର ଯୋଗ କଲା । ପାଞ୍ଚ ସାତ ମିନିଟ ନୀରବରେ ବିତିଗଲା ପରେ ପୁଣି ଥରେ ବସନ୍ତ ମୋବାଇଲକୁ ଫୋନ୍ କଲଟେ ଆସିଲା ଆଉ ଦୁଇ ସେକେଣ୍ଡର ରିଂ ପରେ ପରେ କଲଟିକୁ ନିଶବ୍ଦରେ କାଟିଦେଇ ଫୋନକୁ ପକେଟରେ ରଖିଦେଲା ବସନ୍ତ ।

ଏଣିକି ବସନ୍ତର ଅତ୍ୟଧିକ ଗୁମସୁମ୍ ପରିସ୍ଥିତି ଆଉ ଦୁଇ ଜଣଙ୍କୁ ହଜମ ହେଲାନାହିଁ । କଣ ହୋଇଛିରେ , ହେମନ୍ତ ତା ପାଖକୁ ଟିକିଏ ଭିଡ଼ିଆସି ଦୃଢ଼ ଭାବେ ପଚାରିଲା ।

-ତୁମ ଦୁହିଁଙ୍କର ବାସନ୍ତୀ କଥା ମନେ ଅଛି ?

- କୋଉ ବାସନ୍ତୀ ? ଶରତ ବୋକାଟେ ଭଳି ପଚାରୁ ପଚାରୁ ବୁଦ୍ଧିଆ ଭଳିଆ ହେମନ୍ତ କହିଲା, ଏଇ ସପନି ଦାଦିର ସବା ସାନ ଝିଅ ତ ? ହେଲେ ସେ ତ କୋଉ କାଳୁ ମରି ସାରିଛି । ଆମ ତଳ କ୍ଲାସରେ ପଢୁଥିଲା । ଭଲ ଗୀତ ବୋଲୁଥିଲା । ଆମର ନବମ । ତାର ଅଷ୍ଟମ । ବିଚାରୀ । ବ୍ରେନ ମେଲେରିଆ ଜ୍ୱରରେ ପଡିଲା ଯେ କୋଉ ଡାକତର ବି ତାକୁ ଭଲ କରି ପାରିଲେନି । ଦୂର ସହରର ବଡ଼ ଡ଼ାକ୍ତରଖାନାକୁ ନେଇ ସପନି ଦାଦିଟା ତାର ଚିକିତ୍ସା ପାଇଁ କମ୍ ହନ୍ତସନ୍ତ ହୋଇନାହିଁ । ହେଲେ ଝିଅଟା କଣ ବଞ୍ଚିଲା ? ଗାଆଁକୁ ଶେଷରେ ଫେରିଲା ବାସନ୍ତୀର ମଲା ଦେହ । ଆମେ ସବୁ ବାସନ୍ତୀକୁ ଦେଖିବାକୁ ଯାଇଥିଲୁ । କାଇଁ , ତୁ ତ ସେଦିନ ଆମ ସହ ତାକୁ ଦେଖିବାକୁ ଯାଇ ନ ଥିଲୁ ?

- ବାସନ୍ତୀ ମରିନାହିଁ । ସେ ବଞ୍ଚିଛି । ଦୁଇ ଦିନ ପୂର୍ବରୁ ମୋର ଏଇଠି ଏଇ ସମୟରେ ତା' ସହ ଦେଖା ହୋଇଥିଲା । ଏଇ ଫେବୃଆରୀ ମାସ ଆମେ ଗୋଟିଏ ସପ୍ତାହ ଫରକରେ ଜନମିଥିଲୁ ବୋଲି ଆମ ଘର ଲୋକ ମୋ ନାଆଁ ବସନ୍ତ ଆଉ ତା ଘର ଲୋକ ତା ନାଁ ବାସନ୍ତୀ ରଖିଥିଲେ ନିଶ୍ଚୟ । ସେ ମୋତେ ଦେଖି ଚିହ୍ନିନେଲା । ହେଲେ ବହୁ ଦିନ ଫରକରେ ବାସନ୍ତୀକୁ ଦେଖି ମୁଁ ତ ଆଦୌ ଚିହ୍ନି ପାରୁ ନ ଥିଲି । ଗାଆଁ ଛାଡି କୋଉଠି ରହୁଛି, କଣ କରୁଛି , ଏମିତି କେତେ କଥା ପଚାରୁ ପଚାରୁ ପୋଖରୀ ପାଣି ପାଇଁ ଆସିଥିଲି, ଯାଉଛି ବୋଲି କହି ଡ଼ଗ ଡ଼ଗ ଏକ ମୁହାଁ ହୋଇ ଚାଲିଗଲା ବେଳେ କହିଗଲା ତୋ ସହ ମୋର ବାହାଘର ହେବ ବୋଲି ଆମ ଘରେ ଆଲୋଚନା ଚାଲିଛି । ଏଇ କିଛି ସମୟ ପୂର୍ବରୁ ସପନି ଦାଦିର ସ୍ତ୍ରୀ କଇଁ ଖୁଡୀ ମୋତେ ଫୋନ କଲ କରି ମୋତେ ସେ ବିଷୟରେ ପଚାରୁଥିଲା । ମୁଁ ରବିବାର ଦିନ ପୁଣି କାମକୁ ଚାଲିଯିବି ଶୁଣି ବ୍ୟସ୍ତ ହୋଇ ବାସନ୍ତୀର ମାଆ ବାର ବାର ଫୋନ କରୁଛି ମୋତେ । ଏକା ନିଶ୍ୱାସରେ ଏତକ କହି ଟିକିଏ ଦମ୍ ନେଲା ବସନ୍ତ ଆଉ ଟିକିଏ ଦୂରକୁ ଘୁଂଚିଯାଇ ମୁହଁ ବୁଲାଇ ବସିଲା ।

ପୁଣି ନୀରବତା ଭିତରେ ବେଶ କେଇ ମିନିଟ ବିତିଗଲା । ବିଲ ହୁଡା ତଳ ସଂକୀର୍ଣ୍ଣ ଜଳାଶୟ ଭିତରେ ବୁଡ଼ ମାରୁଥିବା ଚେଙ୍ଗ ଗଡ଼ିଶ ଭଳିଆ ମାଛ କେତୁଟା ପାଣିର ପଙ୍କୁଆ ଭୂଇଁରେ ଥ ମାରି ରହିଯାଇଥିଲେ । ଜଳାଶୟ ସ୍ଥିର । ପବନ ସ୍ଥିର । ଆକାଶ ସ୍ଥିର । ଶରତ ସହ ଫୁସୁରୁ ଫୁସୁରୁ ଗପିବା ପୁଣି ଆରଂଭ କଲା ହେମନ୍ତ । ହେମନ୍ତ ଆଉ ଶରତକୁ ଦିଶିଯାସୁଥିଲା ସେଦିନର ଦୃଶ୍ୟ । ହୁ ହୁ ଜାଳି ଯାଉଥିବା ବାସନ୍ତୀର ଜୁଇ । ବାସନ୍ତୀର ଅକାଳ ମୃତ୍ୟୁରେ ଗାଆଁଟା ଯାକ ସ୍ତବ୍ଧ ହୋଇଯାଇଥିଲା ବେଳେ ସେଦିନ ବସନ୍ତ କଣ ଗାଆଁରେ ନ ଥିଲା ! ସେତେବେଳେ ବି ବିତୁଥିଲା ଏଇମିତି ଗୋଟେ ବସନ୍ତ ଋତୁ । ଫଗୁ ପୂର୍ଣ୍ଣିମାର ପରଦିନ । ସମୟ ପାଖାପଖି ଦିନ ବାରଟା । ମାର୍ଚ୍ଚ ମାସ । ମାତ୍ର ଚଉଦ କି ପନ୍ଦରଟି ବସନ୍ତ ବିତାଇ ଥିବା ବାସନ୍ତୀର ମଲା ଦେହଟା ଜାଳି ଯାଉଥିଲା ରଡ଼ ନିଆଁରେ ସେଦିନ ।

-ସେ ତ ଝିଅ ନଥିଲା । ଥିଲା ଗୋଟେ ବସନ୍ତ ଋତୁର ପଞ୍ଚମାଳାପ । ବିଚାରୀ । କୋଇଲି ଭଳି ଗୀତ ଗାଇ ପାରୁଥିଲା ।

ହେଲେ ଗୋଟେ ଋତୁର ବି କଣ ମୃତ୍ୟୁ ଘଟିପାରେ ? ଗୋଟେ ଋତୁ ବି କଣ ଜଳି ଯାଇପାରେ ? କିଛି ମାସ ହେବ ନୂଆ ନୂଆ କବିତା ଲେଖିବା ଆରମ୍ଭ କରିଥିବା ଶରତ ବାଉଳା ଭଳି ନିମ୍ନ ସ୍ୱରରେ ହେମନ୍ତକୁ ପ୍ରଶ୍ନ କଲା ।

- ହଁ ରେ । ଆଉ ଯାକୁ ଦେଖ । ଏଇଟା ତ ଗୋଟେ ମନୁଆ ବସନ୍ତ । ପିଲାଦିନୁ ଏମିତିକା । କଣ ଯେ ବସି ବସି ଏକୁଟିଆ ଭାବୁଥିବ ତ ଭାବୁଥିବ । ଶହେ ପ୍ରଶ୍ନକୁ ଗୋଟେ ଉତ୍ତର । କିଏ ବା ବୁଝିବ ୟା ମନତଳ କଥା ।

ଏ ସବୁ ଅସଂଲଗ୍ନ କଥା ବସନ୍ତ କାନଯାଏଁ ପହଂଚୁ ନ ଥିଲା ପ୍ରାୟତଃ । କିମ୍ବା ଏ ସବୁ କଥା ବସନ୍ତ ପାଇଁ ଥିଲା ବିଲକୁଲ ଅର୍ଥହୀନ । ବିଲ ହୁଡାର ଉତ୍ତର କୋଣକୁ ଅନେଇ କଣ କଣ ସବୁ ଭାବୁଥିଲା ନୀରବରେ ସେ । ପୁଣି ଥରେ ନୀରବରେ ବିତିଲା ଦଶମିନିଟ । ଏଥର କିନ୍ତୁ ନୀରବତା ଭାଙ୍ଗିଲା ବସନ୍ତର ଆଉ ଗୋଟେ ଫୋନ କଲ । ବସନ୍ତ ଫୋନ ରିସିଭ କରି ଏଥର ଲାଉଡ଼ ସ୍ପିକର ଅନ କରି ଗପିବା ଆରମ୍ଭ କଲା । ଦୁଇ ବନ୍ଧୁ ଶରତ ଆଉ ହେମନ୍ତ ପରିଷ୍କାର ଶୁଣୁଥିଲେ ଫୋନରେ ସେପଟୁ ଭାସି ଆସୁଥିବା ବାସନ୍ତୀର ସ୍ୱର ।

ରାତି ସେତେବେଳକୁ ମନେ ହେଉଥିଲା ରହସ୍ୟମୟ । ଶରତ ଆଉ ହେମନ୍ତର ଦେହ ଫୁଲି ଫୁଲି ଉଠୁଥିଲା । ବିଲ ହୁଡ଼ାରୁ ଉଠିବାକୁ ଦୁହେଁ ଆଉ ବଳ ପାଉ ନ ଥିଲେ । ଖଣ୍ଡିଜହ୍ନର ଛବିଟିଏ ପାଖ ଜଳାଶୟରେ ପଡି ଦିଶୁଥିଲା ଛିଡି ଯାଇ ଖସି ପଡିଥିବା ପଟେ ରୂପା ପାଉଁଜି ପରି । ହେଲେ ତେଣେ ଫୋନରେ ମନୁଆ ବସନ୍ତ ନିସଙ୍କୋଚରେ ପ୍ରଗଳ୍ଭ ହୋଇ ଆହୁରି କେତେ କଥା ଗପି ଚାଲିଥିଲା । କିଛି ଦିନ ପରେ ଅତିଥି ଋତୁ ପରି ଗାଁ ଛାଡିବାକୁ ମନେ ମନେ ପ୍ରସ୍ତୁତ ହେଉଥିବା ଶରତ ଆଉ ହେମନ୍ତ ବି ଏଣିକି ଅନୁଭବ କରୁଥିଲେ ବସନ୍ତ ଋତୁଟା କେମିତି ଗାଆଁର ଆକାଶ , ପାଣି , ପବନକୁ ଅକ୍ତିଆର କରି ସାରିଛି ।

+ ପ୍ଲଟ -୯୪, ସେ -ଏ ,
ମେଟ୍ରୋ ପଲିଟାନ୍ କୋପାରେଟିଭ୍
ସୋସାଇଟି, କୋଲକତା - ୭୦୦୧୦୫

# ଦିବ୍ୟ ଜନନୀ ଶ୍ରୀମା

ପ୍ରଃ ଡାକ୍ତର ମଦନ ମୋହନ ସାହୁ



୧୮୭୮, ଫେବୃୟାରୀ ୨୧ରେ ଶ୍ରୀମା ପ୍ୟାରିସ୍ ସହରରେ ଜନ୍ମଗ୍ରହଣ କରିଥିଲେ । ଏକ ଧନାଢ଼୍ୟ ପରିବାରରେ ଜନ୍ମଗ୍ରହଣ କରିଲେ ମଧ ତାଙ୍କ ମନରେ କେବେ ଗର୍ବ, ଅହଂକାର ବସାବାନ୍ଧି ପାରିନଥିଲା । ତୁଳସୀ ଦୁଇପତ୍ରରୁ ବାସିବା ପରି ସେ ନିଜ ଜ୍ଞାନ ବୁଦ୍ଧି ବଳରେ ସାରା ସଂସାରକୁ ଆଲୋକ ଦେଖାଇଛନ୍ତି । ହେଲେ ମା'ଙ୍କ ପୂର୍ବ ଜନ୍ମର ଇତିହାସ କହିବା ସହଜ ନୁହେଁ । ସେ ନିଜେ କହିଥିବା କଥାରୁ କେତୋଟି ଜନମୁଖରେ ଶୁଣାଯାଏ । ୭ବର୍ଷ ପର୍ଯ୍ୟନ୍ତ ସେ ଲେଖା ପଢ଼ା ଶିଖିନଥିଲେ । ହେଲେ ୪ ବର୍ଷରୁ ସେ ଯୋଗ ସାଧନା ଆରମ୍ଭ କରିଥିଲେ । ଦିନେ ହଠାତ୍ ଏକ ବିରାଟ ଆଲୋକ ରଶ୍ମି ଆସି ତାଙ୍କ ମସ୍ତିଷ୍କରେ ପ୍ରବେଶ କରି ଓଲଟ ପାଲଟ ହେଉଥାଏ । ସେତେବେଳେ ସେ କିଛି ଜାଣିପାରୁନଥିଲେ । ତଥାପି ତାଙ୍କର ହୃଦ୍‌ବୋଧ ହେଉଥିଲା ଭବିଷ୍ୟତରେ ଏକ ବଡ଼ କାମ ତାଙ୍କ ଦ୍ୱାରା ହେବାର ଅଛି । ୧୯୨୦ ସାଲରେ ମା'ଙ୍କୁ କେହି ଜଣେ ପ୍ରଶ୍ନ କରିଥିଲେ ସେ ଭାରତକୁ ଆସିଲେ କାହିଁକି ? ଶ୍ରୀ ଅରବିନ୍ଦଙ୍କୁ ଜାଣିଲେ କିପରି ? ମା' ତାହାର ଉତ୍ତର ଖଣ୍ଡିଏ ପତ୍ରରେ ଦେଇଥିଲେ । ସେଥିରେ ମା' ଉଲ୍ଲେଖ କରିଥିଲେ ଯେ ସେ କୌଣସି ବିଶେଷ ଭଗବତ୍ କର୍ମ ସମ୍ପାଦନ ଉଦ୍ଦେଶ୍ୟରେ ପ୍ରେରିତ ହୋଇଛନ୍ତି । ତାଙ୍କ ଉଦ୍ଦିଷ୍ଟ କର୍ମ ସମ୍ବନ୍ଧରେ ପ୍ରଥମ ଜ୍ଞାନ କେବେ ଆସିଲା ସେ ବିଷୟରେ ମା' କହିପାରିନଥିଲେ । ହେଲେ ମନ ଓ ମସ୍ତିଷ୍କର ପରିପକ୍ୱତା ସହ ସେହି ଚେତନା କ୍ରମଶଃ ପରିସ୍ଫୁଟ ଓ ପ୍ରତିଫଳିତ ହୋଇଥିଲା । ୧୧ରୁ ୧୩ ବର୍ଷ ମଧରେ ଶ୍ରୀମା'ଙ୍କ ମଧରେ ଆପେ ଆପେ ଆଧ୍ୟାତ୍ମିକ ଅନୁଭୂତି ଆସିଲା । ଏହାଫଳରେ ସେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ମିଳନ ସମ୍ଭବ ନିଶ୍ଚିତ ବୋଲି ଜାଣିଲେ । ଦିବ୍ୟଜୀବନ ଲାଭ ଦ୍ୱାରା ଜଗତରେ ତାଙ୍କୁ ଅଭିବ୍ୟକ୍ତ କରିପାରିବା ମଧ ସମ୍ଭବ ହେବ । ଏହି ଅନୁଭୂତିକୁ କିପରି ସାର୍ଥକ ଓ କାର୍ଯ୍ୟକାରୀ କରିହେବ, ତାହା ସେ ଶୋଇବା ଅବସ୍ଥାରେ ଶିକ୍ଷା କରୁଥିଲେ । ୧୯୧୪, ମାର୍ଚ୍ଚ ୨୯ରେ ଶ୍ରୀମା ପଣ୍ଡିଚେରୀରେ ପଦାର୍ପଣ କରୁଥିଲେ । ସେଦିନ ଶ୍ରୀମା ଶ୍ରୀଅରିବନ୍ଦଙ୍କ ପ୍ରଥମ ଦର୍ଶନ ଲାଭ କରିଥିଲେ । ଶ୍ରୀମା କହିଥିଲେ ଶ୍ରୀ ଅରବିନ୍ଦ ହେଉଛନ୍ତି ପ୍ରତ୍ୟକ୍ଷ ଦିବ୍ୟସତ୍ତା ସମ୍ପନ୍ନ ଠାକୁର । ସେ ସଂସାରରେ ଜନ୍ମ ନେଇଛନ୍ତି ମାନବର ଦୁଃଖ-ସୁଖ, ଭଲ-ମନ୍ଦ ବୁଝିବା ପାଇଁ । ଶ୍ରୀମା ମଧ ବହୁବାର ଶ୍ରୀ ଅରବିନ୍ଦଙ୍କର ଭଗବତ୍ ସତ୍ତାର ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି । ୧୯୨୦ରେ ଶ୍ରୀମା ପଣ୍ଡିଚେରୀ ଆଶ୍ରମର ସମସ୍ତ ଦାୟିତ୍ୱ ନେଲେ । ୪୨ ବର୍ଷ ବୟସରୁ ମା' ପଣ୍ଡିଚେରୀରେ ସ୍ଥାୟୀଭାବେ ବସବାସ କରିଲେ । ସେଠାରେ ମା' ଯେଉଁ ଶିକ୍ଷା ଦେଉଥିଲେ, ତାହାଥିଲା ସ୍ୱତନ୍ତ୍ର । ମା' କହୁଥିଲେ ଦେହ, ମନ, ପ୍ରାଣ, ଆତ୍ମା ଏବଂ ଆଧ୍ୟାତ୍ମିକ ଦିଗ ପ୍ରତି ଦୃଷ୍ଟି ଦେଲେ ଜଣେ ଶିକ୍ଷାକୁ ପୂର୍ଣ୍ଣାଙ୍ଗ ରୂପ ଦେଇପାରିବ । ତାଙ୍କ ମତରେ ଫୁଲ ହିଁ ମଣିଷର ପ୍ରକୃତ ମାର୍ଗଦର୍ଶକ । ମା'ଙ୍କ ପାଖରେ କେହି ଫୁଲ ଅର୍ଘ୍ୟ ଦେଲେ ମା' ମଧ ଅନୁରୂପକ ଭାବେ ତାଙ୍କୁ ଫୁଲରେ ଆଶୀର୍ବାଦ ଦେଉଥିଲେ । ମନୁଷ୍ୟ ଯେପରି ପୁରୁଣା ବସ୍ତ୍ର ତ୍ୟାଗ କରି ନୂଆ ବସ୍ତ୍ର ଗ୍ରହଣ କରେ, ଜୀବାତ୍ମା ଠିକ୍ ସେପରି ଗୋଟିଏ ଘଟକୁ ତ୍ୟାଗ କରି ଅନ୍ୟ ଏକ ନୂତନ ଘଟରେ ପ୍ରବେଶ କରେ । ସେ ଦିନ ୧୯୭୩, ନଭେମ୍ବର ୧୭ ତାରିଖ । ସେତବେଳକୁ ବୟସ ତାଙ୍କୁ ୯୬ ବର୍ଷ । ମା'ଙ୍କ ସ୍ଥୁଳ ଦେହ ଧୀରେ ଧୀରେ କ୍ଷୀଣ ହେବାକୁ ଲାଗିଲା । ମା'ସବୁ ଦିନ ପାଇଁ ଆରପାରିକୁ ବାଟ କାଟିଲେ । ମା'ଙ୍କ ଅନ୍ତର୍ଦ୍ଧାନ ଖବର ଶୁଣି ବିଶ୍ୱର ଚାରିଆଡ଼େ ଶୋକର ଛାୟା ଖେଳିଗଲା । ହେଲେ ଶ୍ରୀମା ଆଧ୍ୟାତ୍ମିକବାଦୀ ମଣିଷ ପାଇଁ ଯେଉଁ ଦିଶା ଦେଖାଇଛନ୍ତି, ତାହା ଅବିସ୍ମରଣୀୟ ।



+ ଅସ୍ଥିଶଲ୍ୟ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ
E-mail : drmadanmohan111sahoo@gmail.com

# ମାତୃଭାଷାରେ ପ୍ରାଥମିକ ଶିକ୍ଷାର ମହତ୍ତ୍ୱ

ଡ. ସମନ୍ୱୟ ନନ୍ଦ



ଆଜି ହେଉଛି ଆନ୍ତର୍ଜାତିକ ମାତୃଭାଷା ଦିବସ । ଏହି ଅବସରରେ ମାତୃଭାଷାରେ ପ୍ରାଥମିକ ଶିକ୍ଷାର ମହତ୍ୱ କଣ ରହିଛି ସେ ବିଷୟରେ ଆଲୋଚନା କରିବା । ଅନେକ ବୈଜ୍ଞାନିକ ଅନୁସନ୍ଧାନରୁ ସ୍ପଷ୍ଟ ହୋଇଛି ଯେ ଛୋଟ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେଲେ ସେମାନଙ୍କର ସଠିକ ବୌଦ୍ଧିକ ବିକାଶ ହୋଇଥାଏ ଓ ସେମାନଙ୍କର ବିଚାର- ଚିନ୍ତନ କରିବାର କ୍ଷମତା ବୃଦ୍ଧି ହୋଇଥାଏ । କୌଣସି ପ୍ରତିଷ୍ଠିତ ବୈଜ୍ଞାନିକ ହୁଅନ୍ତୁ ବା ଅନ୍ୟ କେହି ବ୍ୟକ୍ତି ଯିଏ କୌଣସି ପ୍ରକାର ମୌଳିକ କାମ କରିଥାନ୍ତି ସେମାନେ ନିଜର ମାତୃଭାଷାରେ ହିଁ ପ୍ରାଥମିକ ଶିକ୍ଷା ହାସଲ କରିଥିବାର ଦେଖିବାକୁ ମିଳେ । ବିଦେଶୀ ଭାଷାରେ ପ୍ରାଥମିକ ଶ୍ରେଣୀରୁ ପଢିଲେ ପିଲା ମାନଙ୍କର ଭାବିବାର କ୍ଷମତା ଶେଷ ହୋଇ ଯାଏ ଓ ସେମାନେ ଘୋଷା ହୋଇ ଯାଇଥାନ୍ତି । ଏହା ଦ୍ୱାରା ସେମାନଙ୍କର ଚିନ୍ତନ କରିବାର କ୍ଷମତା ଶେଷ ହୋଇ ଯାଇଥାଏ । ଫଳରେ ସେମାନେ ପରୀକ୍ଷାରେ ଅଧିକ ନମ୍ବର ତ ଆଣି ପାରନ୍ତି ହେଲେ କୌଣସି ପ୍ରକାର ମୌଳିକ କାମ କରିବା ତାଙ୍କ ଦ୍ୱାରା ସମ୍ଭବ ହୁଏ ନାହିଁ ।

ଦେଶର ଅନ୍ୟତମ ମନିଷୀ ମହାତ୍ମା ଗାନ୍ଧୀ କହିଥିଲ ଯେ – ମୋର ସୁବିଚାରିତ ମତ ହେଉଛି ଯେ ଯେଭଳି ଭାବେ ଇଂରାଜୀ ଭାଷାର ଶିକ୍ଷା ଆମ ଦେଶରେ ଦିଆଯାଉଛି, ତାହା ଇଂରାଜୀ ପଢି ଲେଖି ପାରୁଥିବା ଭାରତୀୟ ମାନଙ୍କର ଦୁର୍ବଳୀକରଣ କରିଛି । ଏହା ଭାରତୀୟ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ସ୍ୱାୟବିକ ଶକ୍ତି ଉପରେ ଜବରଦସ୍ତ ପ୍ରଭାବ ପକାଇଛି । ଏହା ଆମକୁ ନକଲ କରୁଥିବା ବ୍ୟକ୍ତିରେ ପରିଣତ କରି ଦେଇଛି । ..... ଅନୁବାଦକ ମାନଙ୍କର ସମୁହ ଉତ୍ପନ୍ନ କରି କୌଣସି ଦେଶ ରାଷ୍ଟ୍ର ହୋଇପାରିବ ନାହିଁ ।

## ଆନ୍ତର୍ଜାତିକ ମାତୃଭାଷା ଦିବସ (୨୧ ଫେବୃଆରୀ ଉପଲକ୍ଷେ)

(ୟଙ୍ଗ ଇଣ୍ଡିଆ, ୨୭-୪.୧୯୨୧ )

୧୯୨୧ ମସିହାରେ ମହାତ୍ମା ଗାନ୍ଧୀ ଏହା କହିଥିଲେ । ୧୯୪୬ ମସିହାରେ ମହାତ୍ମା ଗାନ୍ଧୀ କଣ କହିଥିଲେ ତାହା ଉପରେ ନଜର ପକାଇବା ଆବଶ୍ୟକ । ସେ କହିଥିଲେ – ଆଜି ଇଂରାଜୀ ନିର୍ବିବାଦୀୟ ଭାବେ ବିଶ୍ୱ ଭାଷା ଅଟେ । ତେଣୁ ମୁଁ ଏହାକୁ ବିଦ୍ୟାଳୟ ସ୍ତରରେ ନୁହେଁ ବରଂ ବିଶ୍ୱ ବିଦ୍ୟାଳୟ ସ୍ତରର ପାଠ୍ୟକ୍ରମରେ ବୈକଳ୍ପିକ ଭାଷା ଭାବେ ଦ୍ୱିତୀୟ ସ୍ଥାନରେ ରଖିବି । ଏହି ଭାଷା କିଛି ବଛା ବଛା ଲୋକଙ୍କ ପାଇଁ ତ ହୋଇପାରେ ହେଲେ ଲକ୍ଷ ଲକ୍ଷ ଲୋକଙ୍କର ପାଇଁ ନୁହେଁ । ..... ଏହା ଆମର ମାନସିକ ଦାସତା ଯେ ଆମେ ଭାବୁଛୁ ଇଂରାଜୀ ବିନା ଆମର କାମ ଚଳି ପାରିବ ନାହିଁ । ଏହି ପରାଜୟବାଦର ମୁଁ କଦାପି ସମର୍ଥନ କରି ପାରିବି ନାହିଁ । (ୟଙ୍ଗ ଇଣ୍ଡିଆ, ୨୫-୮.୧୯୪୬ )

ମହାତ୍ମା ଗାନ୍ଧୀ ଭାରତୀୟତାର ପ୍ରବଳ ସମର୍ଥକ ଥିଲେ । ତାଙ୍କର ସ୍ପଷ୍ଟ ମତ ଥିଲା ଯେ ପିଲା ମାନଙ୍କୁ ତାଙ୍କର ମାତୃଭାଷାରେ ପଢାଇଲେ ତାଙ୍କର ସଠିକ ବ୍ୟକ୍ତିତ୍ୱ ବିକାଶ ହୋଇ ପାରିବ । ସେମାନଙ୍କ ମଧ୍ୟରେ ଥିବା ସୃଜନଶୀଳତାର ସଠିକ ବିକାଶ ହୋଇ ପାରିବ । ଯଦି ସେମାନଙ୍କୁ ମାତୃଭାଷାରେ ପଢା ନ ଯାଇ କୌଣସି ବିଦେଶୀ ଭାଷାରେ ପାଠ ପଢାଯାଏ ତେବେ ସେମାନଙ୍କର ସମସ୍ତ ଶକ୍ତି ବିଦେଶୀ ଅକ୍ଷର, ବିଦେଶୀ ଶବ୍ଦ, ଭାଷା ଆଦିରେ ଲାଗିବ । ସେମାନଙ୍କ ମଧ୍ୟରେ ଥିବା ସୃଜନଶୀଳତାର ବିକାଶ ଦିଗରେ ତାଙ୍କର ଶକ୍ତିର ବ୍ୟବହାର ହେବ ନାହିଁ । ସେମାନଙ୍କର ଚିନ୍ତା କରିବାର ଶକ୍ତି ଶେଷ ହୋଇ ଯିବ ।

ମହାତ୍ମା ଗାନ୍ଧୀ କାହିଁକି ଅନେକ ମହାପୁରୁଷ ମଧ ଏହି କଥାକୁ କହିଛନ୍ତି । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ପ୍ରାଥମିକ ସ୍ତରରେ ପିଲା ମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ପରିବର୍ତ୍ତେ ବିଦେଶୀ ଇଂରାଜୀ ଭାଷାରେ ଶିକ୍ଷା ଦାନ କରିବାର ପ୍ରଚଳନ ବଢ଼ିବାରେ ଲାଗିଛି । ଏହାର କାରଣ ହେଲା ସରକାରଙ୍କ ଦ୍ୱାରା ଇଂରାଜୀ ଭାଷାରେ କାମ - ଦାମ କରିବା । ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ । ସରକାରଙ୍କୁ ମଧ ବିଭିନ୍ନ କାମ ଭାରତୀୟ ଭାଷା ମାନଙ୍କରେ କରିବା ଉଚିତ । ଦେଶରେ କାମ କରୁଥିବା ଅନେକ ସଂଗଠନ ମଧ୍ୟ ଦୀର୍ଘ ଦିନ ଧରି ମାତୃଭାଷାରେ ପିଲା ମାନଙ୍କୁ ଶିକ୍ଷା ଦେବା ପାଇଁ ଦାବି କରି ଆସୁଛନ୍ତି । ୨୦୧୫ ମସିହାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନାଗପୁର ଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ପ୍ରତିନିଧି ସଭାରେ ଏ ସମ୍ପର୍କରେ ବିଚାର ଆଲୋଚନା କରାଯାଇ ପ୍ରାଥମିକ ଶିକ୍ଷା ମାତୃଭାଷାରେ ଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇ ସରକାରଙ୍କ ନିକଟରେ ଦାବି କରା ଯାଇଥିଲା ।

ଏହି ପ୍ରସ୍ତାବରେ କୁହା ଯାଇଥିଲା ଯେ ସ୍ୱାଭାବିକ ଶିକ୍ଷଣ ଓ ସାଂସ୍କୃତିକ ପୋଷଣ ପାଇଁ ଶିକ୍ଷା ବିଶେଷ ରୂପେ ପ୍ରାଥମିକ ଶିକ୍ଷା ମାତୃଭାଷା ଅଥବା ସମ୍ବିଧାନ ସ୍ୱୀକୃତ ପ୍ରାଦେଶିକ ଭାଷା ମାଧ୍ୟମରେ ହେବା ଉଚିତ । ଭାଷା କେବଳ ବାର୍ତାର ନୁହଁ ବରଂ ସଂସ୍କୃତି ଓ ସଂସ୍କାରର ମଧ ସମ୍ବାହିକା ଅଟେ । ଭାରତ ଏକ ବହୁଭାଷୀ ଦେଶ । ସମସ୍ତ ଭାରତୀୟ ଭାଷା ସମାନ ରୂପରେ ଆମର ରାଷ୍ଟ୍ରୀୟ ଏବଂ ସାଂସ୍କୃତିକ ଅସ୍ମିତାକୁ ଅଭିବ୍ୟକ୍ତ କରିଥାଏ । ଯଦିଓ ବହୁଭାଷୀ ହେବା ଏକ ଗୁଣ କିନ୍ତୁ ମାତୃଭାଷାରେ ଶିକ୍ଷଣ ବୈଜ୍ଞାନିକ ଦୃଷ୍ଟିରୁ ବ୍ୟକ୍ତିତ୍ୱ ବିକାଶ ପାଇଁ ଆବଶ୍ୟକ ହୋଇଥାଏ । ମାତୃଭାଷାରେ ଶିକ୍ଷିତ ବିଦ୍ୟାର୍ଥୀ ଅନ୍ୟ ଭାଷାକୁ ମଧ ସହଜ ରୂପେ ଗ୍ରହଣ କରି ପାରିଥାଏ । ପ୍ରାରମ୍ଭିକ ଶିକ୍ଷଣ କୌଣସି ବିଦେଶୀ ଭାଷାରେ କରିବା ଦ୍ୱାରା ବ୍ୟକ୍ତି ନିଜର ପରିବେଶ, ପରମ୍ପରା,

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)



# ରଜନୀଙ୍କ ରାଜଧାନୀ ଗୁଗୁଲ୍

## ।। ନିମାପଡ଼ା ଜମିଦାରଙ୍କ ଯଜ୍ଞ ପ୍ରସଙ୍ଗ ।।

ପୁରୀ ଜିଲ୍ଲା ନିମାପଡ଼ାର ରାଏ ସିଂ ଜମିଦାର ବଂଶ ପ୍ରତିପତ୍ତି ତଥା ସୌଖୀନ୍ ଜୀବନଶୈଳୀ ପାଇଁ ତତ୍କାଳୀନ ସମୟରେ ବେଶ୍ ପରିଚିତ ଥିଲେ । ପ୍ରାସାଦର କଂସାକବାଟକୁ ନେଇ ବହୁ ଲୋକକଥା ପ୍ରଚଳିତ । ଥରେ ଜମିଦାର ରାଏ ସିଂ ଭୋଜନ ସମୟରେ ଅନ୍ନରୁ ଏକ କୋଳଥ ପାଇଲେ । ଅସାବଧାନତା ହେତୁ ବୋଧହୁଏ ଚାଉଳ ସହ କୋଳଥ କଣିକାଟି ମିଶି ଯାଇଥିଲା । ତେବେ ଏ କଥାକୁ ନିଆରା ଢ଼ଙ୍ଗରେ ନେଲେ ଜମିଦାର । ଇଏ ଯେ' ଆଶୁ ବିପଦର ସୂଚନା ବୋଲି ପ୍ରତିକାର ନିମନ୍ତେ ବ୍ରାହ୍ମଣ ପଣ୍ଡିତମାନଙ୍କର ପରାମର୍ଶ ଲୋଡ଼ାଗଲା । ଏକ ମାସ ବ୍ୟାପି ବିରାଟ ଯଜ୍ଞ ଆୟୋଜନ କରାଗଲା । ରାୟ ସିଂଙ୍କ ଜମିଦାରୀ ଅଂଚଳର ପ୍ରାୟ ପ୍ରତ୍ୟେକ ପ୍ରଜା ଏଥିରେ ଅଂଶଗ୍ରହଣ କରିଥିଲେ । ଧୂମ୍‌ଧାମରେ ଯଜ୍ଞ କାର୍ଯ୍ୟ ଚାଲିଲା । କିନ୍ତୁ ଜମିଦାର ଯଜ୍ଞରେ ଘୃତ ଆହୁତି ଦେଉଥିଲାବେଳେ ଜମିଦାରୀ ନିଲାମ ହୋଇଗଲା, ଠିକ୍ ସମୟରେ ଇଂରେଜ ଦରବାରରେ ହଜାର ନହେବା ଯୋଗୁ । ଏବେ କୋଟିଆ ଅଂଚଳର ଅବସ୍ଥା ସେଇଆ । ରାଜ୍ୟ ସରକାର ଯୋଜନା ପରେ ଯୋଜନାର ଶୁଭାରମ୍ଭ କରୁଥିଲାବେଳେ ପଡ଼ୋଶୀ ରାଜ୍ୟ ଓଡ଼ିଶା ସୀମାନ୍ତରେ ମୂଲ୍ୟବାନ ଅଂଚଳକୁ ଅକ୍ତିଆରକୁ ନେଇ ସାରିଲାଣି । ସେଠାକାର ଅଧିବାସୀଙ୍କୁ ଲୋଭନୀୟ ଯୋଜନା ମାଧ୍ୟମରେ ନିଜ ପଟକୁ ଆକର୍ଷିତ କରିଚାଲିଛି । ଅଥଚ ଆମ ନେତା କି ଅଧକାରୀ ଏ ଖବର ଢେରଦିନ ଯାଏ ପାଇଲେନି । ଖବର ମିଳିଲା ବେଳକୁ ଘରବୁଡ଼ି ପାଣି ଆଣ୍ଠୁଏ । ଯାହା ଜଣାପଡୁଛି ସେ ଅଂଚଳ ଗୁଡ଼ାକ ଆନ୍ଧ୍ର ହାତକୁ ଚାଲିଯିବାଟା ନିଶ୍ଚିତ । ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟକୁ ଅପେକ୍ଷା । ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଲା ଆନ୍ଧ୍ରର ମାନ୍ୟବର ରାଜ୍ୟପାଳ ଜଣେ ଓଡ଼ିଆ । ନିକଟରେ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ରାୟଗଡ଼ାର ପୂର୍ବତନ ଜିଲ୍ଲାପାଳ ଯେଉଁ ଚାଂଚଲ୍ୟକର ତଥ୍ୟଟି ପ୍ରକାଶ କରିଛନ୍ତି ତାହା ସତ୍ୟ ହେଲେ ସାଂଘାତିକ । ପଡ଼ୋଶୀ ରାଜ୍ୟର କେତେକ ପ୍ରଶାସନିକ ଅଧିକାରୀ ଏଥିପାଇଁ ଖୁବ୍ ଜୋରସୋରରେ ଆମ ରାଜ୍ୟରେ ଉଦ୍ୟମ ଜାରି ରଖିଛନ୍ତି । ତେବେ ଲୋକଙ୍କ ବିଶ୍ୱାସ ନବୀନ କିଛି ଗୋଟାଏ ଆଖିଦୃଶିଆ ପଦକ୍ଷେପ ନେବେ । ହେଲେ ସବୁ କଥା ତାଙ୍କ ପାଖକୁ ଗଲେ ହେଲା । ନହେଲେ ନିମାପଡ଼ା ଜମିଦାରଙ୍କ ଅବସ୍ଥା ହେବ ।

## ।। ଖଣ୍ଡଗିରି ଆଖଡ଼ା ମଂଚ ।।

ଏବେ ଖଣ୍ଡଗିରିରେ ବିଶ୍ୱପ୍ରସିଦ୍ଧ ମେଳା ଅନୁଷ୍ଠିତ ହେଉଛି । ଭାରତରୁ ବିଭିନ୍ନ ପ୍ରାନ୍ତରରୁ ହରେକ ରକମର ବାବାଙ୍କର ଆବିର୍ଭାବ ଘଟୁଛି । ହେଲେ ମେଳାର ମୁଖ୍ୟ ଆକର୍ଷଣ ଆଖଡ଼ା ମଂଚ ସବୁ ଖାଲି ପଡ଼ିଛି ଖାସ୍ ସରକାରୀ ଅନୁମତି ବିନା । ଯାହାକି ଯାତ୍ରା କଳାକାର ତଥା ମନୋରଂଜନ ପ୍ରିୟ ଦର୍ଶକଙ୍କୁ ଢ଼େର ଅସନ୍ତୋଷ ଦେଇଛି । କଳାକାରମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଧମକ ଦେଇ ସାରିଲେଣି । କୋଭିଡକୁ ନେଇ ସରକାର ଏଭଳି ପରସ୍ପର ବିରୋଧୀ ପଦକ୍ଷେପ ବେଳେବେଳେ ବୁଝାପଡୁନି । କେଉଁଠି ମହୋତ୍ସବକୁ ନା ତ କେଉଁଠି ହଁ । ସବୁଆଡ଼େ ଖୋଲା ମେଳା । କଟକଣା ପୁରା ହୁଗୁଳା । ସଭା, ସମିତି ନୃତ୍ୟ ମହୋତ୍ସବ ପାଇଁ ଯୋଉ କଟକଣା ଆଖଡ଼ା ମଂଚରେ ସେଇ କଟକଣା ଲଗାଇ ଅନୁମତି ଦେଲେ କ୍ଷତି କ'ଣ ? ଟ୍ରାନ୍ସପେରାନ୍ସି ସବୁ କ୍ଷେତ୍ରରେ ରହିବା ଆବଶ୍ୟକ ।




# ।। ଦୂରଲୋକ ।।

ଶୀଲଭଦ୍ର ସାନ୍ୟାଲ

ସବୁ ମଣିଷ ସ୍ୱାର୍ଥପର ନୁହଁନ୍ତି । ଏମିତି ବି କିଛି ଥାଆନ୍ତି ଯେଉଁମାନେ ଜୀବନ ତମାମ୍ କୌଣସି ପ୍ରକାରର ସମ୍ପର୍କ ନଥାଇ ସୁଦ୍ଧା କାନ୍ଧେଇ ଚାଲିଥାନ୍ତି ବୋଝ । ଦେଶ ବିଭାଜନ ହେତୁ ନିଜ ଘରଦ୍ୱାର ସବୁକିଛି ଛାଡ଼ି ପଳାଇ ଆସି ପଶ୍ଚିମବଙ୍ଗରେ ବାସ କରୁଥିବା ଗୋଟିଏ ସାଧାରଣ ପରିବାରର ବଞ୍ଚିରହିବାର ସଂଗ୍ରାମର କାହାଣୀକୁ ଅସାମାନ୍ୟ ଭାବେ ତୋଳି ଧରିଛନ୍ତି ଗାଳ୍ପିକ ଶୀଲଭଦ୍ର ସାନ୍ୟାଲ୍ ତାଙ୍କ ଗଳ୍ପ 'ଦୂରଲୋକ'ରେ । ମାନବିକ ସମ୍ପର୍କବୋଧ ଓ ଆଦର୍ଶର ଶୁଚିଶୁଭ୍ରସ୍ନିଗ୍ଧତା ଗଳ୍ପଟିକୁ ପ୍ରଦାନ କରିଛି ଏକ ଅପରୂପ ହୀରକ ଉଜ୍ଜ୍ୱଳ ଆଭା ।

ବାପାଙ୍କ ଦେହାନ୍ତ ଖବର ପାଇ ମୁଁ କଲିକତାରୁ ଟ୍ରେନ୍ ଚଢ଼ି ଯାଉଥାଏ ଗାଁକୁ । ମାନସ ଚାଟାର୍ଜୀଙ୍କୁ ଭେଟେ । ଖବର କ'ଣ ବୋଲି ପଚାରିବାରୁ ଅନିଚ୍ଛା ସତ୍ତ୍ୱେ ମୁହଁ ଶୁଖାଇ କହିବାକୁ ପଡ଼େ ଗତ ରାତିରେ ବାପାଙ୍କ ମୃତ୍ୟୁର କଥା । ଅଫିସ୍‌ର ଅନ୍ୟ ଲୋକଙ୍କ ଭଳି ସେ ବି ବେଶ୍ ନିପୁଣ ଦକ୍ଷତାର ସହ ଦୁଃଖ ପ୍ରକାଶ କରି କହନ୍ତି, "ବୁଝିଲେ ଆଜ୍ଞା, ପରିବାର ପାଇଁ ବାପା ହେଲେ ଛତା ଭଳି ଜିନିଷଟିଏ । ପୁରୁଣା କି ତଳିପକା ହେଉନା କାହିଁକି ଯେତେଦିନ ରହିଛି ଅନ୍ତତଃ ଖରା ବର୍ଷା ଦାଉରୁ କିଛିଟା ଆଢୁଆଳ କରିବ ହିଁ କରିବ । ସେ ଥିଲାବେଳେ ଏତେଟା ଅନୁଭବ କରି ପାରୁନା ସିନା କିନ୍ତୁ ଅବର୍ତ୍ତମାନରେ ବୁଝିପାରୁ ତାଙ୍କ ଗୁରୁତ୍ୱ ।" ତାଙ୍କ କଥା ଶୁଣିଲା ବେଳେ ମୋର ମନେ ପଡୁଥାଏ କଲେଜରେ ପଢ଼ିଥିବା ଫିଗର ଅଫ୍ ସ୍ପିଚ୍ କଥା । ବାପାଙ୍କ ସହ ଛତାର ତୁଳନା, ଏହାକୁ ସିମିଲି କୁହାଯିବ ନା ମେଟାଫର ? ଅଳ୍ପ ସମୟ ମଧ୍ୟରେ ମାନସବାବୁଙ୍କ ଷ୍ଟେସନ୍ ଆସିଯିବାରୁ ରକ୍ଷା ମିଳେ । ଲୋକଙ୍କ ସମବେଦନା ଶୁଣି ଶୁଣି ଥକି ପଡ଼ିଥିଲିଣି ଯେ । ଘରେ ପହଞ୍ଚୁ ପହଞ୍ଚୁ ବେଳ ଗଡ଼ିଯିବ । ବାପା କାଲି ରାତିରୁ ମରିଛନ୍ତି । ଏଯାଏଁ ଦାହକାର୍ଯ୍ୟ ହୋଇନି । ସମସ୍ତେ ମୋତେ ଅପେକ୍ଷା କରି ରହିଛନ୍ତି । ଅନେକ ଦିନ ପରେ ଆଜି ଗାଁକୁ ଯାଉଛି । ସହରର କାର୍ଯ୍ୟବ୍ୟସ୍ତ ଜୀବନରେ ଫୁରସତ୍ ଆଉ କାହିଁ । ବଡ଼ଭାଇ ଘରେ ଫୋନ୍ ଲଗେଇଲା ଦିନଠୁଁ ଯାତାୟାତର ପ୍ରୟୋଜନ ଅନେକ କମି ଯାଇଛି । ଭାବେ ବାପାମାନଙ୍କ ମୃତ୍ୟୁ ଖବର ପାଇ କେମିତି ପ୍ରତିକ୍ରିୟା ସୃଷ୍ଟି ହେଉଥିବ ଅନ୍ୟମାନଙ୍କ ମନରେ । କ'ଣ ସତରେ ଦୁଃଖୀ ଦୁଃଖୀ ଲାଗେ ? ମୁଣ୍ଡ ଉପରୁ ଛତା ଉଡ଼ିଯିବାର ଅନୁଭବ ? ଏସବୁ ଡାହା ମିଛ । ମୋର ତ କାହିଁ ସେମିତି କିଛି ଅନୁଭବ ହେଉନି । ବରଂ ପାଖରେ ବସିଥିବା ସହଯାତ୍ରୀଙ୍କ ଟ୍ୱେଣ୍ଟିନାଇନ୍ ଖେଳ ଆଡ଼କୁ ମନ ଚାଲିଯାଉଛି । ଗୋଟେ କୋଣରେ ଜାକିଜୁକି ହୋଇ ବସିଥିବା ସଦ୍ୟ ବିବାହିତା ବରକନ୍ୟାଙ୍କ ଆଡ଼କୁ ବି । ଅବଶ୍ୟ କିଛିଟା ତ ମନେ ପଡ଼ିଥିଲା । ଏଇ ଯେମିତି ଆମେ ତିନି ଭାଇଭଉଣୀ ବାପାଙ୍କ ପାଖରୁ କିଛି ବି ପାଇଲୁନି । ଏମିତି କି ତାଙ୍କ ଭଳି ସୁନ୍ଦର ଖଣ୍ଡାଧାରର ନାକ ଖଣ୍ଡକ ବି ନୁହେଁ । ଆମ ତିନିଜଣଙ୍କ ନାକ ମା'ଙ୍କ ଭଳି ଚେପ୍‌ଟା, ସେଥିରେ ପୁଣି ସୁଡ଼ଙ୍ଗ ଭଳି ଦୁଇଟି ବିରାଟ ନାସାରନ୍ଧ୍ର । ଦେଖିବାକୁ ଭାରି ଅସୁନ୍ଦର । ଥରେ ବାପାଙ୍କ ସହ ବଜାର ଯାଇଥିବା ବେଳେ ଖେଳଣା ଗାଡ଼ିଟିଏ କିଣିବାକୁ ଜିଦ୍ ଧରିଥିଲି । ବାପା ଭୁଲେଇ ଭାଲେଇ ରବର ତିଆରି ଶୁଆପକ୍ଷୀଟିଏ କିଣି ଦେଇଥିଲେ । ବାସ୍, ସେତିକି ମାତ୍ର । ନା କେବେ ତେଲ ଲଗେଇ ଗାଧେଇ ଦେଇଛନ୍ତି ନା ପାଠ ପଢ଼େଇଛନ୍ତି ପାଖରେ ବସେଇ, ନା ଦିନେ ସାଇକେଲରେ ବୁଲେଇ ନେଇଛନ୍ତି କୁଆଡ଼େ । ଅଧିକ କଥାବାର୍ତ୍ତା ବି କରନ୍ତିନି । ଯେମିତି କଥା ପଦେକୁ ତାଙ୍କର ପଇସା ପଡ଼େ । ଥରେ କ୍ଲାସ୍‌ରେ ପ୍ରଥମ ହୋଇଥିବା ପ୍ରୋଗ୍ରେସ କାର୍ଡ଼ ଦେଖାଇବାରୁ 'ହୁଁ'ଟିଏ କେବଳ କରିଥିଲେ । ମୋର ସଫଳତାରେ ତାଙ୍କର ଏମିତି ବ୍ୟବହାର ଖୁବ୍ କଷ୍ଟ ଦେଇଥିଲା ମନରେ । ଦୁଇପଦ ସ୍ନେହବୋଳା ଉତ୍ସାହପ୍ରଦ କଥା କହିଥିଲେ କ'ଣ ତାଙ୍କର ହାନି ହେଉଥିଲା । କେବଳ ଆମ ସହ ନୁହେଁ ଏଇ ବ୍ୟବହାର ମା'ଙ୍କ ସହ ମଧ୍ୟ । ବିନା ବାକ୍ୟ ବିନିମୟରେ ମାସ ମାସ ବିତୁଥିଲା ତାଙ୍କ ଦାମ୍ପତ୍ୟ ଜୀବନ । ଦୋକାନରେ ବି ଗରାଖଙ୍କ ସହ ସେଇଭଳି ବ୍ୟବହାର । ପ୍ରାୟ ଅନ୍ୟମନସ୍କ ଓ ଉଦାସୀନ କାହିଁକି ରହୁଥିଲେ କେଜାଣି ? ସଂସାର ପ୍ରତି ଯଦି ଏତେ ବେଶି ଅନାଗ୍ରହ ତେବେ ବିବାହ କରୁଥିଲ କାହିଁକି ହୋ ? ଏଭଳି ବ୍ୟବହାର ଯୋଗୁଁ ଦୋକାନ ଶେଷକୁ ବନ୍ଦ ହୋଇଯାଏ । ବାପା ନରସିଂହ ସାହୁର ଗୁମାସ୍ତା ବନିଯାଆନ୍ତି । ସେଠ୍‌ଙ୍କର କିନ୍ତୁ ସେ ଖୁବ୍ ବିଶ୍ୱାସଭାଜନ ହୋଇ ପାରିଥିଲେ । ଲକ୍ଷ ଲକ୍ଷ ଟଙ୍କାର କାରବାର ସେ ନିଜେ ହିଁ ବୁଝୁଥିଲେ ।

ତେବେ ବାପାଙ୍କ ଦରମା କେତେ ଓ ଘରକରଣା ବାବଦକୁ କେତେ ଦେଉଥିଲେ ତାହା ଆମେ ଜାଣିନାହୁଁ । ପିଲାଦିନରୁ ଦେଖି ଆସିଛୁ ମା'ଙ୍କ ହାଡ଼ଭଙ୍ଗା ପରିଶ୍ରମ । ଦିନରାତି ବସିଥାନ୍ତି ସିଲେଇ ମେସିନ୍ ପାଖରେ, ସମ୍ଭାଳିଥାନ୍ତି ଆପଣା ଘରକରଣା, ପୁଣି ଆମ ତିନି ଭାଇଭଉଣୀଙ୍କ ଉପରେ ଚବିଶ ଘଣ୍ଟିଆ ପହରା । ଅପା ଓ ଭାଇ ଥିଲେ ଯାଆଁଳା । ମୁଁ ତାଙ୍କଠୁଁ ଦୁଇବର୍ଷ ଚାରିମାସର ସାନ । ବିଭାଜନ ସମୟରେ ମା' ପୂର୍ବବଙ୍ଗ ଛାଡ଼ି ଏଇ ଦେଶକୁ ଚାଲି ଆସିବା ବେଳେ ମୁଁ ଥିଲି ତାଙ୍କ ପେଟରେ । ସପ୍ତମ ଶ୍ରେଣୀରେ ପଢ଼ିବା ଦିନଠୁ ଅପା ଓ ଭାଇ ମା'ଙ୍କୁ ସାହାଯ୍ୟ କରିବା ଆରମ୍ଭ କରି ଦିଅନ୍ତି । ଭାଇ ଦୋକାନ ଦୋକାନ ବୁଲି ଅର୍ଡ଼ର ଆଣିବା, ମାଲ୍ ପହଞ୍ଚାଇବା ଓ ଟଙ୍କା ଆଦାୟ କରିବା କଥା ବୁଝିଲା ବେଳେ ଅପା ମା'ଙ୍କୁ ସାହାଯ୍ୟ କରେ ସିଲେଇ କାମରେ । ମୁହଁପୋତି ସିଲେଇ କରି କରି ମା' କୁଜା ହୋଇଯାଆନ୍ତି । ଦୃଷ୍ଟିଶକ୍ତି ବି କମିଯାଏ । ଅପାର ଅବସ୍ଥା ବି ସେମିତି ହୋଇଥାନ୍ତା ଯଦି ଭାଇ ଲାଗିପାଟି ତା' ବାହାଘର କରେଇ ନଥାନ୍ତା । ଅପାର ବାହା ବେଳକୁ ବାପା କିଛି ସୁନା ଗହଣା ଦେଇଥିଲେ ତାକୁ । ସେଗୁଡ଼ା ସେ ପୂର୍ବବଙ୍ଗରୁ କପଡ଼ା ଭିତରେ ଲୁଚାଇ କରି ଆଣିଥିଲେ ପରା । ଭାଇ ସମ୍ଭାଳିଛି ବାପାଙ୍କ ଦୋକାନ । ଭଲ ଚାଲିଛି ତା ବେପାର । ଯୋଉ କାମ ବି ମନଦେଇ କଲେ କାହିଁକି ହେବନି ଯେ ।

ଘରେ ପହଞ୍ଚିଲା ବେଳେ ବେଶ୍ କିଛି ଲୋକଙ୍କ ସମାଗମ । ସମସ୍ତେ ଗୁମ୍‌ସୁମ୍, ଚାରିଆଡ଼େ ଶୋକାକୁଳ ପରିବେଶ । ଭିତରେ ବାପାଙ୍କ ମୃତଦେହଟା ବରଫଖଣ୍ଡ ଉପରେ ରଖା ହୋଇଥାଏ । ଛାତି ଉପରେ ହାତ ଦୁଇଟି ଛନ୍ଦି ହୋଇଥିବା ବେଳେ ପାଟିଟି ଅଳ୍ପ ମେଲା । ଯେମିତି ଶେଷ ମୁହୂର୍ତ୍ତରେ କିଛି ସଫେଇ କିମ୍ବା କୈଫିୟତ୍ ଦେବାକୁ ଚେଷ୍ଟା କରି ସମୟ ନପାଇ ଚୁପ୍ ହୋଇଯାଇଛନ୍ତି । ଏଇ କୋଠରୀଟି ତାଙ୍କର ଏକାନ୍ତ ବ୍ୟକ୍ତିଗତ । ଏଇଠି ସେ ରହିବା, ଲେଖାପଢ଼ା କରିବା ସହ ନିଜେ ଅଲଗା ରୋଷେଇ କରି ଖାଉଥିଲେ ମଧ୍ୟ । ସେ ଥିଲେ ସମ୍ପୂର୍ଣ୍ଣ ନିରାମିଷାସୀ । ଖଟତଳେ ପ୍ରାଣଭୟରେ ନିଶ୍ଚୁପ ହୋଇ ଲୁଚିଥାଏ ତାଙ୍କ ହାରମୋନିୟମ, ଆମ ଛାତ୍ର ଜୀବନର ଚରମ ଶତ୍ରୁ । ପ୍ରତିଦିନ ସନ୍ଧ୍ୟାରୁ ରାତି ଦଶଟାଯାଏ ପେଁ ପେଁ ହେଉଥିଲା ଇଏ । ଭାରି ବିରକ୍ତିକର ଶବ୍ଦ । ସେତେବେଳେ ଇଚ୍ଛା ହେଉଥିଲା ଗୋଇଠା ମାରି ତାକୁ ଚୂରମାର୍ କରିଦେବାକୁ । ପଢ଼ାପଢ଼ିରେ ବ୍ୟାଘାତ ଘଟୁଛି ବୋଲି କହି ବି ପାରୁ ନଥିଲୁ ବାପାଙ୍କୁ । ସେ ଅଧିକାର ଆମକୁ ବାପା ଦେଇ ନଥିଲେ । ମା'ଙ୍କ ଆଗରେ ଫେରାଦ୍ ଦେଲେ ସେ କହନ୍ତି, "ଖୁବ୍ ଭଲ ତ; ସେ ନିଜ ଗୀତ କଥା ଚିନ୍ତା କରି ସବୁ ଭୁଲିଯାଉଛନ୍ତି - ତାଙ୍କୁ ସେମିତି ଭାବରେ ରହିବାକୁ ଦିଅ ।" ଯେମିତି ବାପା ସଂସାରର ସବୁ ଅଭାବ ଅସୁବିଧା ଭୁଲିଗଲେ ସବୁଠୁ ଖୁସୀ ମା' !!

ବାରଣ୍ଡାରେ ବସିଥାଏ ରାନ୍ଧୁଣୀ ଆଈ । ସବୁଦିନ ସେ 'କିରେ ବାଙ୍ଗାଲ ବଚ୍ଚା' ବା 'ରିଫିଉଜି ଟୋକା' ବୋଲି ଡାକେ । ଅନ୍ୟ କୌଣସି ନାଁରେ ଡାକିନାହିଁ କେବେ । ଏ ଡାକ ଥିଲା ଖୁବ୍ ଅପମାନ ଜନକ । ଏଥର ଦେଖି "ସବୁ ଠାକୁରଙ୍କ ଇଚ୍ଛା" ବୋଲି କହି ସକେଇ ହୁଏ । ନିଜ ମୃତ୍ୟୁ ଭୟରେ ବୁଢ଼ୀ ଅଗ୍ରୀମ କାନ୍ଦି ପକାଉଛି ଭଳି ଲାଗେ ମୋତେ । ଇୟେ ଆମ ପଡ଼ୋଶୀ ମଲ୍ଲୀ ମାଉସୀଙ୍କ ଘର ରାନ୍ଧୁଣୀ । ମଲ୍ଲୀ ମାଉସୀଙ୍କର ଖୁବ୍ ଖାନ୍‌ଦାନୀ ପରିବାର । ମା'ଙ୍କୁ ଘରକୁ ଡାକିନେଇ ବ୍ଲାଉଜ୍, ରେଜେଇ, ତକିଆଖୋଳ ଓ କନ୍ଥା ସିଲାଇବାକୁ ଦେଉଥିଲେ । ସେଥିପାଇଁ ମା'ଙ୍କର ତାଙ୍କ ଘରକୁ ଅବାଧ ଯାତାୟାତ । ମା'ଙ୍କ ପଣତ ଧରି ଦିନେ ଦିନେ ମୁଁ ବି ଯାଏ । କାହିଁକି କେଜାଣି ଏଇ ବୁଢ଼ୀର ଆମ ଉପରେ ଥାଏ ଭୀଷଣ କ୍ରୋଧ । ହୁଏତ ଆମେ ରିଫିଉଜି ବୋଲି ତା'ର ଏତେ ହତାଦର ଓ ଅବଜ୍ଞା । ଅପମାନିତ ହେଲେ ସୁଦ୍ଧା ମୁଁ ଯାଉଥିଲି ପେଟପୂରା ଗଣ୍ଡେ ଖାଇବା ଲୋଭରେ । ଥରକର ଘଟଣା ହୃଦୟରେ ଗାର ହୋଇ ରହିଯାଇଛି । ମଲ୍ଲୀ ମାଉସୀଙ୍କ ବଡ଼ଭଉଣୀ ତାଙ୍କର ବିଛାହାରଟି ଖୋଜି ପାଉନଥାନ୍ତି । ଏଇ ରାନ୍ଧୁଣୀ ଆଈ ସନ୍ଦେହର ବିଷମଖା ତୀରଟିଏ ବିନ୍ଧିଦିଏ ମୋ ଗରିବ ମା'ଆଡ଼କୁ । ପଲେ ମାଇକିନାଙ୍କ ସାମ୍ନାରେ ସମ୍ପୂର୍ଣ୍ଣ ଶାଢ଼ି ସାୟା ଖୋଲି ନିଜ ନିର୍ଦ୍ଦୋଷ ପଣିଆର ପ୍ରମାଣ ଦେବାକୁ ବାଧ୍ୟ କରାହୁଏ ମା'ଙ୍କୁ । ଏତିକିରେ ବି ବିଶ୍ୱାସ ହୋଇ ନଥାନ୍ତା ଯଦି ହଜିଥିବା ଜିନିଷଟି ଯାହାଙ୍କର, ତାଙ୍କରି ବେଗ୍ ଭିତରୁ ସେଇଟା ମିଳି ନଥାନ୍ତା । ଖୁବ୍ ଅପମାନିତ ବୋଧ କରନ୍ତି ମା' । ଚଟାଣ ଉପରେ ସିଲେଇ ପାଇଁ ମେଲା ହୋଇଥିବା କନ୍ଥାଟିକୁ ଫିଙ୍ଗିଦେଇ ଚାଲିଆସନ୍ତି ଘରକୁ । ଏ ବିଷୟ ଜାଣି ଭାଇ ଖୁବ୍ ରାଗି ଯାଇଥିଲା ସେଦିନ । ହେଲେ ଗରିବ ମାଇପ ପରା ସଭିଙ୍କ ଶାଳୀ । ପ୍ରତିବାଦର ସବୁ ତୁମ୍ଫିତୋଫାନ୍ ସୀମାବଦ୍ଧ ହୋଇ ରହିଥିଲା ଆମ ଘରର ଚାରିକାନ୍ଥ ଭିତରେ । ଶ୍ଳେଷ, ବିଦ୍ରୂପ, ଘୃଣା ଓ ଅଭିଯୋଗର ବାଣ ଗୁଡ଼ିକ ସବୁ ନିକ୍ଷେପ ହୋଇଥିଲା ବାପାଙ୍କ ଆଡ଼କୁ । ଯଦିଚ ସେଦିନ ବାପା ଥା'ନ୍ତି ଅନୁପସ୍ଥିତ । ଥିଲେ ହେଲେ କ'ଣ ଉଖାଡ଼ି ପକାଇଥାନ୍ତେ ଯେ । ସାଜିଥାନ୍ତେ ନିରବ ଶ୍ରୋତା । ମା' ପ୍ରବଳ ବିରକ୍ତ ହୋଇ ଭାଇକୁ କହନ୍ତି, "ସବୁ କଥାରେ ତୁ ତାଙ୍କୁ ଏମିତି ଭାବେ ଜଡ଼ିତ କରୁଛୁ କାହିଁକି ? ତାଙ୍କୁ ତାଙ୍କ ନିଜ ଭଲପଣରେ ରହିବାକୁ ଦେ ।" ମା'ଙ୍କ କାନ୍ଦ ଦେଖି ଭାଇ କେବଳ ପଦେ କହି ଚୁପ୍ ରହିଯାଏ,- "କାହାରି ସ୍ୱାମୀ ବା ପିତା ଯଦି ଅକର୍ମଣ୍ୟ, ସ୍ୱାର୍ଥପର ଆଉ ଅଳସୁଆ ହୁଏ, ତାକୁ ତେବେ ଏମିତି ଅନେକ ଅପମାନ ସହ୍ୟ କରିବାକୁ ପଡ଼ିଥାଏ ଜୀବନରେ ।"

ଘଟଣାର ସାତ ଆଠଦିନ ପରେ ମଲ୍ଲୀ ମାଉସୀ ଆମ ଘରକୁ ଆସନ୍ତି । ତାଙ୍କ ମନରେ ଥାଏ ସେଦିନର ଭୁଲ ପାଇଁ ଖୁବ୍ ପଶ୍ଚାତ୍ତାପ । କେତେ ସମୟ ମା'ଙ୍କ ସହ ବସି ସୁଖଦୁଃଖ ହୁଅନ୍ତି । ବାପାଙ୍କ ସାନ୍ଧ୍ୟ ରିୱାଜ୍ ଶୁଣି ସେ ହତଭମ୍ବ ହୋଇଯାଇ କହନ୍ତି, "ଭାଇନାଙ୍କର ଏତେ ସୁନ୍ଦର କଣ୍ଠ ! କାହିଁ ଦିନେ ତ ଏ କଥା ତୁମେ ଆମକୁ କହିନ ଭଉଣୀ ?" ମୁଁ ବାପାଙ୍କର ଏଇ ରିୱାଜ୍ ଯୋଗୁଁ ପଢ଼ାପଢ଼ିରେ ଖୁବ୍ ଅସୁବିଧା ହେଉଥିବା କଥା କହେ । ସବୁ ଶୁଣିବା ପରେ ମାଉସୀ ତାଙ୍କ ଘରର ଗୋଟେ କୋଠରୀ ମୋର ପଢ଼ାପଢ଼ି ତଥା ରହିବା ପାଇଁ ଛାଡ଼ି ଦିଅନ୍ତି । ଖାଇବା ବ୍ୟବସ୍ଥା ବି କରିଦିଅନ୍ତି ତାଙ୍କ ଘରେ । ମେଟ୍ରିକ୍ ପାଶ୍ କରିବା ପରେ ତାଙ୍କ ଭାଇ କଲିକତାର ଗୋଟେ ଝୋଟ ମିଲ୍‌ରେ ଛୋଟ ଚାକିରିଟାଏ ଖୋଜି ଦିଅନ୍ତି । ସେଠି ଚାକିରି କରିବା ସହ ନାଇଟ୍ କଲେଜ୍‌ରେ ପଢ଼ି ମୁଁ ଗ୍ରାଜୁଏସନ୍ ସାରେ । ବୀମା କମ୍ପାନୀରେ କିରାଣୀ ଚାକିରି ପାଏ । କୌଣସିମତେ ଗୁଜୁରାଣ ମେଣ୍ଟୁଛି । ମଲ୍ଲୀ ମାଉସୀଙ୍କ ଏହି ଅବଦାନ ସାରା ଜୀବନ ପାଇଁ ଅଭୁଲା ରହିବ ।

ଅପାର ଆସିବାରେ ବିଳମ୍ବ ହେଉଥିବାରୁ ମାଲଭାଇମାନେ ମଡ଼ା ଉଠାଇବାକୁ ନିଷ୍ପତ୍ତି ନିଅନ୍ତି । ଦାହ ସାରି ଫେରୁ ଫେରୁ ମଧ୍ୟରାତ୍ରୀ । ମା' ଆମକୁ ଦେଖି ଡକା ପାରି ଆରମ୍ଭ କରନ୍ତି କାନ୍ଦିବା, "ତୁମ ବାପା ଦେବତା ଥିଲେ ରେ । ତୁମେମାନେ କେହି ତାଙ୍କୁ ବୁଝି ପାରିଲନି । କେତେ ମହାନ୍ କେତେ ଉଦାର ଥିଲେ.... ।" ରାବିସ୍ । ଟିପିକାଲ ସେଣ୍ଟିମେଣ୍ଟାଲ ଏପିସୋଡ଼ । ଚିରାଚରିତ ମୃତ ବ୍ୟକ୍ତିଙ୍କର ବନ୍ଦନା-ଗୀତି, ଗୁଣ-କୀର୍ତ୍ତନ । ମା' ବାହୁନି ଚାଲିଥାନ୍ତି, "ନିଜର ସବୁ ସୁଖ, ସୌକ ଓ ସ୍ୱପ୍ନକୁ ବିସର୍ଜନ ଦେଇ ଆମ ମଥା ଉପରେ ଛତା ପରି ବିରାଜମାନ ଥିଲେ.... ।" ମିଥ୍ୟା ସ୍ତୁତି ଶୁଣି ବିରକ୍ତ ହୋଇ କହିପକାଏ, "ଏସବୁ ଫାଲ୍‌ତୁ ନାଟକ୍‌ବାଜି ବନ୍ଦ କର ତ ମା' । ସେ କେମିତି ଲୋକ ତାହା କ'ଣ ଆମକୁ ଅଛପା ଅଛି ।" ମା' କିନ୍ତୁ ଚୁପ୍ ରହିବା ପରିବର୍ତ୍ତେ ଆପଣା ସ୍ୱର ବଦଳାଇ କହନ୍ତି, "ତୁମେମାନେ ଜାଣିନାହଁରେ, ଦୁନିଆଁରେ ନିନ୍ଦା କରିବାଟା ଭାରି ସହଜ । ଭୀଷଣ ସହଜ ମଧ୍ୟ ଅଶ୍ରଦ୍ଧା ପ୍ରଦର୍ଶନ । ଅତୀତ ଉପରୁ ପରଦା ଉଠିବା ନିହାତି ଆବଶ୍ୟକ ମଣି କିଛି କହୁଛି ଶୁଣ ଦୁଇଭାଇ । ତୁମ ନିଜ ବାପା ଦେଶୋଦ୍ଧାର କରିବା ଉଦ୍ଦେଶ୍ୟରେ ଥାଆନ୍ତି ନିରୁଦ୍ଦିଷ୍ଟ । ଅନୀଲ ଓ ରମା ଛୋଟ ଛୋଟ ଆଉ ତୁ ଥାଉ ପେଟରେ । ଆରମ୍ଭ ହୁଏ ହାଣକାଟ, ପୋଡ଼ାଜଳା । ପ୍ରାଣ ବିକଳରେ ଦୁଇ ଛୁଆଙ୍କୁ ଧରି ମୁଁ ବାହାରିଆସେ ଘରୁ । ଖୁବ୍ ଲମ୍ବା ପଥ ଅତିକ୍ରମ କରିବାକୁ ଥାଏ । ସନ୍ଧ୍ୟା ପୂର୍ବରୁ ସୀମାରେଖା ଯେମିତି ହେଲେ ପାରି ହେବାକୁ ପଡ଼ିବ । ପେଡ଼ି ପୁଟୁଳି ସହ ଦୁଇଟା ଛୋଟ ଛୁଆଙ୍କୁ ନେଇ ମୋର ସେତେବେଳକୁ କାଇଲି ଅବସ୍ଥା । ଅଚିହ୍ନା, ଅଜଣା ଧୋତିପିନ୍ଧା ଭଦ୍ରଲୋକ ଜଣେ ଦୁଇ ହାତରେ କିଛି ଜିନିଷ ଧରି ଚାଲିଥାନ୍ତି ଆଗରେ । ବାରମ୍ବାର ପଛକୁ ଲେଉଟି ଆମକୁ ଦେଖୁଥାନ୍ତି । ହଠାତ୍ ଦେଖିଲି, ଭଦ୍ରଲୋକ ଜଣକ କିଛି କୁହାକୁହି ନକରି ଅନୀଲ ଓ ରମାକୁ ଉଠାଇନିଅନ୍ତି ନିଜର ଦୁଇ କାନ୍ଧ ଉପରକୁ । ସେଇ ଦିନଠୁଁ ଆଜିଯାଏଁ ସେ କେବଳ ଦାୟିତ୍ୱ ହିଁ ବହନ କରିଥିଲେ । ଭରାପୂରା ପରିବାର ନିଜ ଆଖି ଆଗରେ ହିଁ ଉଜୁଡ଼ି ଯାଇଥିଲା ତାଙ୍କର । କେବଳ ମନରେ ଆଶାଟିଏ, କଲିକତା ସହରରେ ରହି ସଙ୍ଗୀତ ଅଭ୍ୟାସ କରି ବଡ଼ ଗାୟକଟିଏ ହେବେ । କିନ୍ତୁ ସେଇ ସମସ୍ତ ପରିକଳ୍ପନାକୁ ବଳିଦେଇ ସେ ଚାଲି ଆସନ୍ତି ଏଇ ମଫସଲକୁ - ଯାହା ଫଳରେ ତାଙ୍କର ବା ଆମ ଚିହ୍ନା ଲୋକମାନେ, କେହି କେବେହେଲେ କିଛି ଜାଣି ପାରିବେନି । ଜୀବନ ତମାମ୍ କର୍ତ୍ତବ୍ୟ ହିଁ କରିଗଲେ, ବିନିମୟରେ କିଛି ବି ଗ୍ରହଣ କଲେନି ।" ଏତେବର୍ଷର ଦୁର୍ବ୍ୟବହାର ପାଇଁ ଲଜ୍ଜିତ ଅନୁଭବ କରି ଦୁଇଭାଇ ଏକାସାଙ୍ଗରେ ପଚାରୁ, "ତେବେ ଏତେଦିନ ହେଲା କାହିଁକି ଏସବୁ କଥା କହି ନଥିଲ ତୁମେ ଆମକୁ ?" ମା' କହନ୍ତି, "କାରଣ ସେ ଚାହୁଁ ନଥିଲେ ତାଙ୍କ ଜୀବିତାବସ୍ଥାରେ ଏସବୁ କେହି ଜାଣୁ । ପ୍ରକୃତରେ ସେ ଇଚ୍ଛା କରି ଏକ ଦୂରତ୍ୱ ରଖୁଥିଲେ । ଏହାର କାରଣ ମୁଁ ବାରମ୍ବାର ପଚାରିଛି । ସେ କେବଳ ନିରବ ରହିବା ବ୍ୟତୀତ କେବେହେଲେ କିଛି ଉତ୍ତର ଦେଉ ନଥିଲେ । ଶେଷରେ ଦିନେ ଜିଦ୍ ଧରି ମୁଁ ଅନେକ ଥର ପଚାରିବାରୁ ବାଧ୍ୟ ବାଧକତାରେ କହିଲେ, କଥା କହି କ'ଣ ଲାଭ ଯେ ? କଥାବାର୍ତ୍ତା କଲେ ହିଁ ମାୟା ଅଧିକ ବଢ଼ିବ । ହେଲେ, ପର-ସ୍ତ୍ରୀ ସାଙ୍ଗରେ ଖୁବ୍ ଘନିଷ୍ଠତା କ'ଣ ଭଲ ?" ତାଙ୍କ ଉତ୍ତର ଶୁଣି ସେଦିନ ମା' ନିର୍ବାକ୍ ରହିଯାଇଥିଲେ । ଆଉ ଏସବୁ ଜାଣିଲା ପରେ ଏବେ ଆମେ ଅନୁଭବ କରୁଥିଲୁ ମୁଣ୍ଡ ଉପରେ ଛତାଟିର ଅନୁପସ୍ଥିତି ଜନିତ ଭୀଷଣ ଯନ୍ତ୍ରଣା । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ଆଉଜା କବାଟ (୨୮)



# ଅପ୍ରାସଙ୍ଗିକ ଅନଳ୍ପ ଚର୍ଚ୍ଚା : ଏକ ପାଠକାର୍ପଣ ପର୍ବ

ଡ. ରାଧାରଂଜନ ପଟ୍ଟନାୟକ

ଏବେ ସାହିତ୍ୟିକ ହେବାର ନିଶା ସଭିଙ୍କୁ ପାଗଳ କରିଛି। ରାତି ପାହିଲା ବେଳକୁ ପୁସ୍ତକ ଉନ୍ମୋଚନ ପର୍ବର ଅନ୍‌ଲାଇନ୍ ଆମନ୍ତ୍ରଣ। ଲେଖକଟିଏ ନିଜ ପୁସ୍ତକ ପାଠକାର୍ପଣ କରିବା ପାଇଁ ଏମିତି କୁତ୍‌କୁତ୍ ହୋଇଯାଏ ଯେ, ଯେଉଁଥି ପାଇଁ ଅଜସ୍ର ଅର୍ଥବି ଖର୍ଚ୍ଚ କରେ। ଉନ୍ମୋଚକ, ସମୀକ୍ଷକ, ସାଧାରଣ ବକ୍ତା, ସମ୍ମାନିତ ବକ୍ତା ସର୍ବୋପରି ମୁଖ୍ୟ ବକ୍ତା ମାନଙ୍କର ଦୀର୍ଘ ତାଲିକା ପ୍ରକାଶ ପାଏ। ଉନ୍ମୋଚନ ପୂର୍ବରୁ ସାମ୍ବାଦିକମାନଙ୍କର ଭିଡ଼ ଜମେ। କ୍ୟାମେରା ବି ପ୍ରସ୍ତୁତ ହୋଇଯାଏ ଫଟୋ ଉଠାଇବା ପାଇଁ। କୌଣସି ନିର୍ଦ୍ଦିଷ୍ଟ ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପରେ ପ୍ୟାକେଟ୍‌ରେ ବନ୍ଧା ହୋଇଥିବା କେତୋଟି ପୁସ୍ତକକୁ ଉନ୍ମୋଚକ ଉଦ୍ଧାର କରି ଅତିଥିମାନଙ୍କ ହାତକୁ ବଢ଼ାଇ ଦିଅନ୍ତି। ଅତିଥିମାନେ ବି ଛାତି ଫୁଲାଇ ଖୁବ୍ ଉଲ୍ଲାସରେ ଜେଲ୍‌ର କଏଦୀ ମାନଙ୍କର ସ୍ଲେଟ୍ ଧରିବା ଭଳି ପୁସ୍ତକକୁ ପାଠକମାନଙ୍କ ସାମ୍ନାରେ ପ୍ରଦର୍ଶିତ କରନ୍ତି। ଫଟୋ ଉଠାହୁଏ । କିଛି ବେଧଡ଼କ୍ ସାମ୍ବାଦିକ ପୁସ୍ତକ ସମ୍ପର୍କରେ ଚର୍ଚ୍ଚା ହେବା ପୂର୍ବରୁ ଲେଖକଙ୍କୁ ସମ୍ବାଦ ମାଗିଥାନ୍ତି। କାରଣ, ପୁସ୍ତକ ଚର୍ଚ୍ଚା ଶୁଣିବା ପାଇଁ ସେମାନଙ୍କ ପାଖରେ ନା ଥାଏ ଧୈର୍ଯ୍ୟ ନା ଥାଏ ସମୟ। କିଛି ଲେଖକତ ପୂର୍ବାନୁମାନ କରି ବରାଦିଆ ସମ୍ବାଦ ଲେଖି ପକେଟ୍‌ରେ ରଖିଥାଆନ୍ତି। ଉନ୍ମୋଚନ ପର୍ବ ଶେଷ ନହେବା ପୂର୍ବରୁ ସମ୍ବାଦ ଫର୍ଦଟି ଚାଲିଯାଏ ଗଣ ମାଧମର ପ୍ରତିନିଧି ମାନଙ୍କର ହାତକୁ। ଏମିତି ବି ବେଳେବେଳେ କେବଳ ନିମନ୍ତ୍ରଣ ପତ୍ର ଦେଖି ଅନେକ ବହକିଆ ସାମ୍ବାଦିକ ମନଗଢ଼ା ସମ୍ବାଦ ବି ଛାପି ଦିଅନ୍ତି। ବିସ୍ମୟ ସେଇଠି ହେବାକୁ ହୁଏ, ଯେତେବେଳେ ଉନ୍ମୋଚନ ସଭାରେ ଅନୁପସ୍ଥିତ ଅତିଥିଙ୍କ ଭାଷଣ ଖୁବ୍ ଦୀର୍ଘ ଆକାରରେ ବିଭିନ୍ନ ସମ୍ବାଦପତ୍ରର ପୃଷ୍ଠାକୁ ମଣ୍ଡନ କରିଥାଏ।

ଗୋଟିଏ ପୁସ୍ତକ ଅନାବରଣ କାର୍ଯ୍ୟକ୍ରମରେ ସମୀକ୍ଷକର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। କାରଣ ରଚନାକାରର ସୃଜନଶୀଳତାକୁ ବିଚରା ସମୀକ୍ଷକଟି ତନ୍ନତନ୍ନ କରି ଅଧ୍ୟୟନ କରିଥାଏ ଏବଂ ତତ୍ତ୍ୱଭିତ୍ତିକ ଚର୍ଚ୍ଚା ବି କରିଥାଏ। ଏମିତିବି ସମୟ ସମୟରେ ଦେଖିବାକୁ ମିଳିଥାଏ ଯେ, ଆଲୋଚନା କରିବା ନାଁ ରେ କେତେକ ସମୀକ୍ଷକ ବିଦେଶୀ ସାହିତ୍ୟ ଲେଖକମାନଙ୍କ ସହ ସମ୍ପୃକ୍ତ ଲେଖକର ସାହିତ୍ୟକୁ ତୁଳନା କରିଥାନ୍ତି। ଯାହା ଅପ୍ରାସଙ୍ଗିକ ମନେ ହୋଇଥାଏ। ଶ୍ରୋତାମାନେ ବିମୁଗ୍ଧ ଚିତ୍ତରେ ଶୁଣନ୍ତି। ତାଳି ବି ମାରନ୍ତି। କେହି କେହି ଶ୍ରୋତା ମୋବାଇଲ୍‌ରେ ଆଙ୍ଗୁଳି ଘଷନ୍ତି। କେବଳ ଶ୍ରୋତାମାନେ ନୁହନ୍ତି, ମଞ୍ଚରେ ବସିଥିବା ଅତିଥିମାନେ ମଧ୍ୟ ଏଥିରୁ ବାଦ୍ ପଡ଼ନ୍ତି ନାହିଁ। ବକ୍ତାମାନଙ୍କର ଦୀର୍ଘ ଭାଷଣ ଶୁଣି ବୋର୍ ହେବାରୁ ମୁକୁଳିବା ପାଇଁ ଆୟୋଜକମାନେ ସଭା ମଝିରେ ଚା' ବିସ୍କୁଟ୍ ବାଣ୍ଟନ୍ତି। ବାଣ୍ଟିନ୍ତି ବି ପୁଡ଼ିଆ ବନ୍ଧା କିଛି ଜଳଖିଆ। କେହିକେହି ତଥାକଥିତ ସୃଜନସ୍ରଷ୍ଟା ଉନ୍ମୋଚନ ଶେଷରେ ଖାଦ୍ୟପେୟର ବ୍ୟବସ୍ଥା ବି କରିଥାନ୍ତି।

ଶ୍ରୋତାମାନଙ୍କୁ ଆକୃଷ୍ଟ କରିବାପାଇଁ କତିପୟ ଲେଖକ ପୁସ୍ତକ ଉନ୍ମୋଚନ ପର୍ବକୁ ବ୍ୟୟବହୁଳ କରିଦେଲେଣି। ସବୁକିଛି ନେପଥ୍ୟରେ ଅର୍ଥ ହିଁ କାମ କରୁଛି। ଅତିଥି ଏବଂ ଶ୍ରୋତା ବି ଅର୍ଥ ପାଖରେ ବନ୍ଧା। ସମ୍ଭବତଃ ଏଥିପାଇଁ ଏଭଳି ସମ୍ଭ୍ରାନ୍ତ ଅନାବରଣ ପର୍ବକୁ ଅଣଦେଖା କରିହେବ କିପରି ? ସମ୍ବାଦ ପତ୍ର ମାନଙ୍କରେ ସମୀକ୍ଷକର କଥା କିଛି ପ୍ରକାଶ ପାଏ ନାହିଁ। ଯଦିଓ ସମୀକ୍ଷକର ପ୍ରଧାନ ଭୂମିକା ଥାଏ। ଲେଖକ ସମ୍ପର୍କରେ ସମୀକ୍ଷକ ଯେଉଁ ଆଲୋଚନା କରିଥାନ୍ତି, ତାହା ସମୁଦାୟ ପାଠକ ଗୋଷ୍ଠୀ ସାମ୍ନାକୁ ଆସିବା ଦରକାର। ମାତ୍ର ବାସ୍ତବରେ ତାହା ଦେଖାଯାଏ ନାହିଁ। ବରଂ ମୁଖ୍ୟ ଅତିଥି ଏବଂ ଉନ୍ମୋଚକ ମାନଙ୍କର ଅପ୍ରାସଙ୍ଗିକ ଭାଷଣହିଁ ସମ୍ବାଦ ପୃଷ୍ଠାର ମୁଖ୍ୟ ସ୍ଥାନ ଅକ୍ତିଆର କରିଥାଏ। ଏହା ଏକ ପ୍ରହସନ ନୁହେଁ ତ ଆଉ କ'ଣ ହୋଇପାରେ ?

ବିଭିନ୍ନ ପତ୍ରପତ୍ରିକା ତଥା ପ୍ରକାଶକ ମାନଙ୍କ ଦ୍ୱାରା କଏଦ ହୋଇଥିବା ଗଳ୍ପ, କବିତା, ଉପନ୍ୟାସ ଏବଂ ପ୍ରବନ୍ଧାଲୋଚନାରୁ ସାଧାରଣ ପାଠକ ଅନେକ ସମୟରେ ହତପ୍ରଭ ହୋଇଥାନ୍ତି। କାରଣ ସାମ୍ପ୍ରତିକ ଲେଖକମାନେ ପାଠକ ମାନଙ୍କର ପସନ୍ଦ ଅଥବା ନାପସନ୍ଦ ଉପରେ ଗୁରୁତ୍ୱ ନଦେଇ ନିଜ ଚିନ୍ତା ଓ ଚେତନାକୁ ଜୋର ଜବରଦସ୍ତ ଅନ୍ୟଉପରେ ଲଦି ଦେଇଥାନ୍ତି। ସାମ୍ପ୍ରତିକ କାଳଖଣ୍ଡରେ ଲେଖକମାନେ ସାଧାରଣ ପାଠକ ମାନଙ୍କର ମନସ୍ତତ୍ତ୍ୱକୁ ବିଶ୍ଳେଷଣ ନକରି କେବଳ ଲେଖି ଚାଲିଥାନ୍ତି। ଏମିତି ଅବସ୍ଥା ଉପୁଜିଛି ଯେ, ପାଠକେ ପୁସ୍ତକ ଠାରୁ ମୁହଁ ଫେରାଇ ନେଉଛନ୍ତି। ଏଥିପ୍ରତି ଦାୟୀ କିଏ ? ଚର୍ଚ୍ଚାହେବା ଦର୍କାର। ବିଚାର ହେବା ଦର୍କାର । ଆଜିର ଅନେକ ରଚନାକୁ ପାଠକ ବୁଝିପାରୁ ନାହାନ୍ତି। ସେ କବିତା ହେଉ କିମ୍ବା ଗଳ୍ପ। ଲେଖକଙ୍କୁ ପଚାରିଲେ ସେମାନେ ଉତ୍ତର ଦିଅନ୍ତି, ତାଙ୍କ ଲେଖାଟି ଗ୍ଲୋବାଲଭ୍ୟୁଜ୍ ଉପରେ ଆଧାରିତ। ଏଇଠି ପ୍ରଶ୍ନ ଉଠେ ଲେଖକର ମେଦିନୀ ପ୍ରତି ଦୃଷ୍ଟି ନଥିଲେ ତାଙ୍କ ଲେଖାକୁ କ'ଣ ସହଜରେ ବୁଝି ହେବ ? ଏହା କ'ଣ ଶୂନ୍ୟାରୋହୀ ନା ପରିବ୍ୟାପ୍ତ ଭୂମିଦୃଷ୍ଟି ? ଭୂମି ନଥିଲେ ଭୂମାର କଳ୍ପନା କରିବା ଅସମ୍ଭବ। ଯେପରି ଶରୀର ନଥିଲେ ଆତ୍ମାର ସ୍ଥିତି ବି କଳ୍ପନାତୀତ। ତେଣୁ ମାଟିରେ ପାଦ ରଖି ଜାଗତିକ କଳ୍ପନାର ସ୍ୱପ୍ନ ଦେଖିବା ଆବଶ୍ୟକ। ହେନେରୀ ମିଲନ୍ କହନ୍ତି "ପୁସ୍ତକ ହିଁ ମୋର ଜୀବନ"। ଯେଉଁ ଲେଖକ ଜୀବନ ଓ ଜଗତକୁ ଖୁବ୍ ନିକଟରୁ ଦେଖେ, ସେ ହିଁ ଉତ୍କୃଷ୍ଟ ରଚନା କରିପାରେ।

ପାଠକୀୟ ଅଭିରୁଚି ହିଁ ସାହିତ୍ୟର ପ୍ରାଣସ୍ପନ୍ଦନ। ଏଭଳି ତଥ୍ୟ ଉପରେ ଗୁରୁତ୍ୱ ନଦେଇ ଆଜିର ଲେଖକ ନିଜ ସର୍ଜନାରେ ମଗ୍ନ ରହୁଛନ୍ତି। ଏହାର ପ୍ରଚ୍ଛଦରେ କେତେକ ବରଦିଆ ଆଲୋଚକଙ୍କର ହାତ ରହିଥିବାର ଅନୁମାନ କରାଯାଏ। ଏହି ଆଲୋକଚକମାନେ ଏକ ନିର୍ଦ୍ଧାରିତ ଛାଞ୍ଚରେ ପାଶ୍ଚାତ୍ୟଶିଳ୍ପ, ଯଥାର୍ଥବାଦ, ବିଶେଷ ବିଚାରଧାରା, ଦାର୍ଶନିକତା, ବିମର୍ଶବାଦ, ଦୃଶ୍ୟ ଚିତ୍ରଣ ଏବଂ ବିଭିନ୍ନ ତତ୍ତ୍ୱର ଏକ କାରଖାନା ତିଆରି କରିଥାନ୍ତି। ଯେମିତି ଗୋଟିଏ ନିର୍ଦ୍ଦିଷ୍ଟ ଛାଞ୍ଚରେ ଇଟା ତିଆରି ହୋଇଥାଏ, ଠିକ୍ ସେହିପରି କେତେକ ଆଲୋଚକ ଗୋଟିଏ ଢାଞ୍ଚାରେ ଆଲୋଚନା କରିଥାନ୍ତି। ପୁସ୍ତକ ଓ ଲେଖକଙ୍କ ସମ୍ପର୍କରେ ଅନେକ ସକାରାତ୍ମକ ବିବରଣୀ ଭାଷଣ କ୍ରମରେ ପ୍ରଦାନ କରିଥାଆନ୍ତି। ଲେଖକଟି କୃତ୍ୟକୃତ୍ୟ ହୁଏ। ଆଲୋଚକଙ୍କୁ ଧନ୍ୟବାଦ ଦିଏ। ତା'ର ଗୋଡ଼ ଆଉ ମାଟିରେ ଲାଗେ ନାହିଁ। ବିଭିନ୍ନ ପର୍ଯ୍ୟାୟର ଆଲୋଚକ ଅଛନ୍ତି - ୧. ସକାରାତ୍ମକ ଆଲୋଚକ ୨. ନକାରାତ୍ମକ ଆଲୋଚକ ୩. ବିଶ୍ଳେଷଣାତ୍ମକ ଆଲୋଚକ ୪. ପରିଚୟାତ୍ମକ ଆଲୋଚକ।

ସକାରାତ୍ମକ ଆଲୋଚନାରେ ୨୫ ପ୍ରତିଶତ ବାସ୍ତବ ଆଲୋଚନା ହୁଏ ଏବଂ ୭୫ ପ୍ରତିଶତ ମିତ୍ରପଣ ସୁହାଇବା ଭଳି ପ୍ରାୟୋଜିତ ଆଲୋଚନା କରାଯାଏ। ନକାରାତ୍ମକ ଆଲୋଚନାରେ ଆଲୋଚକ କେବଳ ନିଜ ଶୈଳୀରେ, ନିଜ ଇଚ୍ଛାରେ ଅନେକ କଥା କହିଥାଆନ୍ତି। ଯାହା ଲେଖକ ହୃଦୟକୁ ଶରବିଦ୍ଧ କରିଥାଏ। ବ୍ୟକ୍ତିଗତ ବିଦ୍ୱେଷ ହିଁ ଏହାର ମୁଖ୍ୟ କାରଣ ପାଲଟେ। ବିଶ୍ଳେଷାତ୍ମକ ଆଲୋଚନାହିଁ ନିରପେକ୍ଷ ହୋଇଥାଏ। ଯେଉଁ ଆଲୋଚକ ନିଜ ବିବେକ ଅନୁସାରେ ଲେଖକର ଗୁଣ ଏବଂ ଦୋଷର ମୂଲ୍ୟାଙ୍କନ କରିଥାଏ, ସେ ହିଁ ପ୍ରକୃତ ଆଲୋଚକ ସମ୍ମାନ ପାଇଥାଏ। ପରିଚାୟତ୍ମକ ଆଲୋଚନାରେ ଆଲୋଚକ ପୁସ୍ତକ ଏବଂ ଲେଖକର ବିଭିନ୍ନ ଦିଗକୁ ଆଲୋଚନା କରିଥାଏ। କିନ୍ତୁ ପୁସ୍ତକ ଭିତରକୁ ପ୍ରବେଶ କରିନଥାଏ। ଲେଖକଟିର ସାମାଜିକ, ରାଜନୀତିକ ଦାୟିତ୍ୱବୋଧ ସମ୍ପର୍କରେ ଆଲୋଚନା କରିଥାଏ ଯାହା ହାସାସ୍ପଦ। ସମ୍ପ୍ରତି ଅନେକ ଲେଖକ ଛାୟୋପଜୀବୀ (ଅନ୍ୟ ଲେଖକର ଭାବକୁ ଅନୁକରଣ), ପାଦୋପଜୀବୀ (ଅନ୍ୟ ଲେଖକ/କବିମାନଙ୍କର ପାଦ ଓ ପଦକୁ ଅନୁକରଣ କରିବା), ସକଳୋପଜୀବୀ (ଛନ୍ଦ, ଭାବ, ସମେତ ସାମଗ୍ରିକ ଭାବେ ଅନ୍ୟକୁ ଅନୁକରଣ କରିବା), ଭୁବନୋପଜୀବୀ (ସମଗ୍ର ପୃଥିବୀର ଅନୁଭବ୍ୟ ଭାବନାକୁ କଳାତ୍ମକ ରୂପ ଦେବା) ଭାବେ ପ୍ରତିଷ୍ଠିତ କରାଇଥାନ୍ତି। ଏଭଳି ସ୍ଥଳେ ବିମୁଗ୍ଧ ପାଠକଟି ନିରାଶ ହେଉଛି। ସୁତରାଂ ଏଥିପ୍ରତି ଲେଖକ ଏବଂ ଆଲୋଚକ ଧ୍ୟାନ ଦେବା ଆବଶ୍ୟକ। ଯଦି ଏପରି ନହୁଏ, ତେବେ କୌଣସି ଲେଖକର ପୁସ୍ତକ ପାଠକୀୟ ସ୍ୱୀକୃତି ପାଇବାରୁ ବଞ୍ଚିତ ହେବ। ଏଥିପାଇଁ ଶସ୍ତା ତଥା ଅପ୍ରାସଙ୍ଗିକ ଆଲୋଚନା ନୁହେଁ ବରଂ କାଳଜୟୀ ସାହିତ୍ୟ ସର୍ଜନା ହିଁ ପାଠକମାନଙ୍କୁ ଆକୃଷ୍ଟ କରିପାରିବ।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୩୪



# ॥ ମୋ ମା' ସୁନାମଣି ଦେବୀ-୩ ॥

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଗୋଟିଏ କବିର ପାରିପାର୍ଶ୍ୱିକ ଅବସ୍ଥା ବା' ପରିବେଶ, ଆଦୌ କାବ୍ୟମୟ ନ ହୋଇ ପାରେ, କିମ୍ବା ତା' ପାଇଁ ସବୁବେଳେ ଗୋଲାପଫୁଲର ସୁନ୍ଦର ଶେଯଟିଏ କି ଚମ୍ପାଫୁଲ ସୁଗନ୍ଧରେ ବାଟ ଭୁଲିବାର ନିଶା ନ ଥାଇପାରେ, ତା' ପାଖରେ ସବୁବେଳେ ଆଂଜୁଳାଏ ମଲ୍ଲୀଫୁଲର ସୁବାସ ଥାଏ, କବିର ପରିବେଶକୁ ସୁଗନ୍ଧିକ କରିଦେଇ ମୁଣ୍ଡ ଉପରର ଆକାଶକୁ ଶୁଭ୍ର କରିଦେବା ପାଇଁ । କବିର ଆଖିରେ ଓ କବିର ହାତଛୁଆଁରେ କାଳେ ଯାଦୁକରର ସ୍ପର୍ଶ ଥାଏ, ଯାହା ସବୁ ପରିସ୍ଥିତିକୁ ବଦଳାଇ ଦେଇ ସଂଗୀତ ଓ ଚିତ୍ରକଳ୍ପରେ ରୂପାନ୍ତରିତ କରିଦେଇଥାଏ । ସେମିତି ପିଲାଦିନରୁଁ କବି ହେବାର ଆଶାଟିଏ ଦାନା ବାନ୍ଧିଥାଏ ମୋ ମନରେ, ତେଣୁ ଭାବପ୍ରବଣତାର ମୋହରେ ମୁଁ ବେଳେବେଳେ ବିହ୍ୱଳ ହୋଇଯାଏ ।

ସତ କହିଲେ, ପିଲାଦିନେ ପ୍ରାକ୍ଟିକାଲ୍ ର ଧାର୍ ମୁଁ ଧାରୁ ନ ଥିଲି । ଅଧିକାଂଶ ସମୟ ଏ ମାଟି ଉପରେ ଗୋଡ଼ଥାପି ରହିଲେ, ପାଠପଢ଼ାପଢ଼ି ଏବଂ ପୃଥିବୀରୁ ଊର୍ଦ୍ଧ୍ୱକୁ ଉଠିଲେ, କଳ୍ପନା ଓ ସ୍ୱପ୍ନରାଜ୍ୟରେ ଘୁରିବୁଲିବା ପାଇଁ ମୋ ଦେହରେ ଲାଗିଯାଏ ଦୁଇଟି ଡେଣା । ସେଥିପାଇଁ ମା' ସର୍‌ଗିପାଲି ପାଖ ଭରତପୁର ଗାଁ କୁ ଚାଲିଗଲାପରେ ପ୍ରତ୍ୟେକ ଧାନକଟା ଛୁଟୀରେ ମୁଁ ଖୋଜିବସେ ଭରତପୁର କୁ ଯିବାର ଯେତେ ସବୁ ମିଛ ମିଛ ବାହାନା ।

ମୁଁ ଭରତପୁର ଯାଇ୧୦-୧୫ ଦିନ ମା' ପାଖରେ ରହି ପଳାଇ ଆସେ । ମୁଁ ଏକା ଏକା ଗଲେ ମୋର ଗୌରା ମାମୁଁ ବା' ଇନ୍ଦ୍ରା ମାମୁଁ ସାଇକେଲ୍‌ରେ ଆଗ ସିଟ୍‌ରେ ବସାଇ ନେଇଯା'ନ୍ତି । ବେଳେବେଳେ ମାଉସୀମାନଙ୍କର ପୁଅଝିଅଙ୍କ ସହ ଶଗଡ଼ଗାଡ଼ିରେ ବସି ସେଠିକିଯାଏ । ପାରମାଉସୀଙ୍କର ପୁଅ ଅସି, ଝିଅ ନମୀ ଓ କବି ତଥା ବସନ୍ତ ମାଉସୀଙ୍କର ପୁଅଝିଅ ଗୀତୁ, କୁନି, ବାବୁଲି ଆଦି ସମସ୍ତେ ମିଶି ଶଗଡ଼ଗାଡ଼ିରେ ଯାଉଁ । ଭରତପୁର ଗାଁ ପାଖ ଜଙ୍ଗଲର ଭୀମକାନ୍ତ ଦୃଶ୍ୟ ଓ ରାତିର ଛାତି ଥରା ବାଘର ହେଣ୍ଟାଳରେ ମତେ ଭୟ ଲାଗିଲେ ବି ମୁଁ ସବୁବେଳେ ଚାହିଁ ବସିଥାଏ ମା' ପାଖକୁ ଯିବାକୁ ।

ଖୁବ୍ ଖୁସି ଲାଗୁଥିଲା ଆମର ସେ ଶଗଡ଼ଯାତ୍ରା- ସୁନ୍ଦରଗଡ଼ରୁ ବାହାରି ଭରତପୁରରେ ପହଞ୍ଚୁ ପହଞ୍ଚୁ ସନ୍ଧ୍ୟା ହୋଇଯାଏ । ରାସ୍ତା ସାରା ହୋହଲ୍ଲା, ପାଟିତୁଣ୍ଡ ତଥା ବଡ଼ପାଟିରେ ଗୀତ ଗାଇବା ଆଦି ଚାଲିଥାଏ । ରାସ୍ତାରେ ମୁଢ଼ି, ଚେନାଚୁର, ଚିନାବାଦାମ, ଫଳ ଆଦି ଖାଇଥାଉଁ । ଯେତେ ସବୁ ଗୀତର ଝରଣା ଓ ଥଟ୍ଟାମଜାର ଲହରୀ ଆମ ସମସ୍ତଙ୍କୁ ରାସ୍ତାସାରା ଭିଜାଇ ଦିଏ । ସେଠି ପହଞ୍ଚିଲା ବେଳକୁ ମା' ଗରମଗରମ ଖାଇବା ତିଆରି କରିରଖିଥାଏ । ୩-୪ଦିନର ଫିଷ୍ଟ, ଜଙ୍ଗଲ ଧାନକ୍ଷେତ ଆଦି ବୁଲାବୁଲି କରି ଆମେ ଫେରି ଆସୁ । କିନ୍ତୁ ଆସିଲାବେଳକୁ ମା'କୁ ଛାଡ଼ି ଆସିବାକୁ ମୋର ଆଦୌ ମନ ହୁଏ ନାହିଁ ।

ମା'ର ଜୀବନଶୈଳୀ ମତେ ବିଶେଷଭାବରେ ପ୍ରଭାବିତ କରିଥିଲା । ତାର ଲମ୍ବା, ଡେଙ୍ଗା, ନାକ, ଗୋରା ମୁହଁ, ତଥା ଆକର୍ଷଣୀୟ ଚେହେରା ଭିତରେ ଗୋଟିଏ ଅପୂର୍ବ ତେଜସ୍ୱିନୀ ବ୍ୟକ୍ତିତ୍ୱର ପରିଚୟ ମୁଁ ପାଇଥିଲି । ଅଜା ତ' ଶିକ୍ଷାବିତ୍ ଥିଲେ ଓ ମା ମୋ ପାଠପଢ଼ାର ସଂପୂର୍ଣ୍ଣ ଦାୟିତ୍ୱ ନେଇଥିଲା କିନ୍ତୁ ଯେତେବେଳେ ଅଜା, ଅବସର ଗ୍ରହଣ ପରେ ସୁନ୍ଦରଗଡ଼ର ଭବାନୀଶଙ୍କର ହାଇସ୍କୁଲ ଓ ବଡ଼ଗାଁ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ ସେତେବେଳେ ଅନେକ ମ୍ୟାଟ୍ରିକୁଲେସନ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ବଡ଼ଗାଁରୁ ଆସି ଆମରି ଘରେ ପରୀକ୍ଷା ଦେବା ପାଇଁ ରହୁଥିଲେ ଏବଂ ମା' ତାଙ୍କୁ ଦୁଇଓଳି ରାନ୍ଧିବାଢ଼ି ଖାଇବାକୁ ଦେଉଥିଲା । ସେଥିପାଇଁ ତିଳେ ହେଲେ ତା'ର ଦ୍ୱିଧା ନଥିଲା । ତା' ମୁହଁ ବା ଦେହରେ କେତେବେଳେ ମଧ୍ୟ ବିରକ୍ତିର ଚିହ୍ନ ଦିଶିନଥାଏ ।

ମୋର ଦ୍ୱିତୀୟ ଓ ତୃତୀୟଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ଆସିଲା ପଞ୍ଚମ ଶ୍ରେଣୀ ବୃତ୍ତିପରୀକ୍ଷା, କିନ୍ତୁ ଅଜାଙ୍କର ସବୁବେଳେ ତାଗିଦ୍ ଥିଲା ପଢ଼ିବା ପାଇଁ ଏବଂ ସେ ସବୁବେଳେ ମତେ କହୁଥିଲେ "ମା'ତୋର ଲମ୍ବା ବେଣୀ ଆଦୌ ଦରକାର ନାହିଁ । ଚୁଟି କାଟି ଛୋଟ ଛୋଟ କରିଦେଲେ ପ୍ରତିଦିନ ମୁଣ୍ଡ ଧୋଇବୁ ଓ ତୋର ପୁଅମାନଙ୍କ ଭଳି ଭଲ ବୁଦ୍ଧି ହେବ ଓ ପାଠ ମନେ ରହିବ। ଆ' ତୋର ଲମ୍ବାବାଳକୁ କାଟି ଛୋଟ କରିଦେବି"। ମା ସବୁବେଳେ ମନା କରେ କାରଣ ନଡ଼ିଆତେଲ ଲଗାଇ, ଚିକ୍କଣ କରି ଚୁମୁଟି ଚାମୁଟି ସେ ମୋର ବେଣୀ ବାନ୍ଧି ଦେଇଥାଏ, - ଦିନେ ଅଜା କଇଁଚି ଆଣି ମୋର ଲମ୍ବାବାଳକୁ କାଟି ଛୋଟ ଛୋଟ କରିଦେଲେ - ମା' ଭାରିବ୍ୟସ୍ତ ହେଲା - ଅଜା ତାକୁ ବୁଝାଇ ଦେଲେ ଯେ, "ଏଥର ବୁଲୁ ଖୁବ୍ ଭଲ ପଢ଼ିବ ଓ ପୁଣି ସ୍କଲାରସିପ୍ ପାଇବ ।" ସତକୁ ସତ ପଂଚମ ଓ ସପ୍ତମ ଶ୍ରେଣୀ ସ୍କଲାର୍‌ସିପ୍ ପାଇଲି କିନ୍ତୁ ବୋଉ ଦେହ ଖରାପ ହେବାରୁ ସାନ ଭାଇ ଭଉଣୀଙ୍କ ପାଇଁ ମତେ ମୋ ନନା (ବାପା)ଙ୍କର କର୍ମସ୍ଥଳୀକୁ ଫେରି ଆସିବାକୁ ପଡ଼ିଲା । ମୋ ପାଇଁ ସବୁଠାରୁ କଷ୍ଟକର ଓ ଦୁଃଖମୟ ଦିନ ସେଇଦିନଟି ଥିଲା, ଯେତେବେଳେ ନନାଙ୍କ ସାଙ୍ଗରେ ସୁନ୍ଦରଗଡ଼ରୁ ମା' ଓ ଅଜାଙ୍କୁ ଛାଡ଼ି ବରହମପୁର କୁ ଆସିଲି । ମୁଁ ତ ରାସ୍ତାସାରା କାନ୍ଦୁଥିଲି । ମା' ମଧ୍ୟ ମତେ ଛାଡ଼ି ଅତି ବିକଳ ଭାବରେ କାନ୍ଦୁଥିଲା ।

ମୁଁ ନନା, ବୋଉ କି ଭାଇଭଉଣୀଙ୍କ ସାଙ୍ଗରେ ଏକାଠି ବଢ଼ି ନଥିଲି । ତେଣୁ ବୋଉକୁ 'ବୋଉ' ବୋଲି ଡାକିପାରୁନଥିଲି କି ଯେମିତି ମା' ପାଖରେ ମୋର ସବୁକଥାରେ ଜୋର୍‌ଥିଲା ଓ ମୁଁ ତାକୁ ସବୁକଥା କହୁଥିଲି, ସେ ଜୋର୍ ମୋର ବୋଉ ପାଖରେ ଶେଷ ପର୍ଯ୍ୟନ୍ତ ନଥିଲା ଏମିତିକି ମୁଁ କୌଣସି ଅଧିକାର କାହା ପାଖରେ ଜାହିର କରିପାରୁନଥିଲି । ସେଥିପାଇଁ ନନା, ବୋଉ କି ଭାଇଭଉଣୀ କିଛି କହିଲେ, ମୁଁ ସଂଗେ ସଂଗେ ମୋ ଛୋଟ ସୁଟ୍‌କେଶ୍‌ରେ ଜିନିଷରଖି ସୁନ୍ଦରଗଡ଼ ଯିବା ପାଇଁ ପ୍ରସ୍ତୁତ ହୋଇଯାଉଥିଲି' ଓ ପାଟିକରି କାନ୍ଦି କାନ୍ଦି କହୁଥିଲି - "ମତେ ଜଲ୍‌ଦି ମା' ପାଖକୁ ନେଇ ଯାଅ" ।

ମା' ସାଙ୍ଗରେ ପୁଣି ଦେଖାହେଲା ଗୌରା ମାମୁଁ (ଡଃ ଶରତଚନ୍ଦ୍ର ମିଶ୍ର)ଙ୍କର ବାହାଘରରେ । ବାସନ୍ତୀ ମାଇଁ ଆମର ଟିଚର ଥିଲେ ଏବଂ ଏମିତି ମଜାମଜାରେ ବାହାଘର ପ୍ରସ୍ତାବଟିଏ ମୁଁ ବୋଉ ଆଗରେ ପକାଇ ଦେଇଥିଲି ଆଉ ବୋଉ, ଅଜାଙ୍କ କାନରେ । ଅଜା କହିଲେ ମୋ ପ୍ରିୟ ନାତୁଣୀ ବୁଲୁର ନିରୀହ ଓଠରୁ ଏ ପ୍ରସ୍ତାବ ଆସିଛିମାନେ ନିଶ୍ଚୟ କାର୍ଯ୍ୟକାରୀ ହେବ । ବାହାଘର ପଲ୍ଲୀସାହି, ଶୁକ୍ଳେଶ୍ୱରରେ ହୋଇଥିଲା । ମୁଁ ମାମୁଁ ଓ ମାଇଁଙ୍କ ସାଙ୍ଗରେ ସୁନ୍ଦରଗଡ଼ ଯାଇଥିଲି । ଗାଡ଼ି ପହଞ୍ଚିଲା ରାତି ଅଧରେ । ମା' ବୋହୂକୁ ବନ୍ଦେଇନେଲା ପରେ ମତେ ଦେଖି ଅତି ଖୁସିରେ କୁଣ୍ଢେଇ ପକେଇଲା ।

ତା'ପରେ ପରେ ବୋଉର ଅତିରିକ୍ତ ଦେହଖରାପ ଏବଂ ଶେଷରେ ରାଉର୍‌କେଲରେ ଦେହାନ୍ତ ହେଲା । ସେତେବେଳେ ନନା ଓ ଆମେ ଭାଇଭଉଣୀ ମାନେ ବ୍ରହ୍ମପୁରରେ ଥିଲୁ । ନନା ଖୁବ୍ ଭାଙ୍ଗି ପଡ଼ିଥିଲେ । ତାଙ୍କର ବ୍ଲଡ଼୍‌ପ୍ରେସର ବଢ଼ିଯାଇଥିଲା ଓ ରାତି ରାତି ଧରି ନିଦ ହେଉନଥିଲା । ମା' ଓ ଅଜା ମଧ୍ୟ ଝିଅର ଆକସ୍ମିକ ବିୟୋଗରେ ଭାଙ୍ଗିପଡ଼ିଥିଲେ । ଏପଟେ ମୋର ପ୍ରିୟୁନିଭର୍ସିଟି ପରୀକ୍ଷା ଓ ସବୁ ସାନ ସାନ ଭାଇ ଭଉଣୀମାନଙ୍କ କଥା ବୁଝିବା ପାଇଁ ମୋ ମନରେ ଆତୁରତା । ଅଗତ୍ୟା ମୁଁ ମା'କୁ ଚିଠିଲେଖିଲି - "ମା ତୁ ଆ', ଅନ୍ତତଃ ପକ୍ଷେ ମାସକ ପାଇଁ," ମା' ତ ଆସିଲା ତା ପିଲାମାନଙ୍କ ପାଖକୁ, କିନ୍ତୁ ଯେଉଁ ଘରୁ ଏତେ ଅଳ୍ପ ବୟସର ଝିଅ ଚାଲିଯାଇଛି, ତା'ର ଚିଙ୍ଗୁଡ଼ିଭଳି ଛୁଆମାନଙ୍କୁ କିପରି ମା' ସାନ୍ତ୍ୱନା ଦେବ ? କିନ୍ତୁ ସେ ପୁରାପୁରି ଦାୟିତ୍ୱ ସମ୍ଭାଳିଲା - ଜୋଇଁଙ୍କ ଖାଇବା ପିଇବା ଓ ଔଷଧ କଥା ବୁଝିଲା ଏମିତିକି ନନାଙ୍କ ରକ୍ତଚାପ ପାଇଁ ସୁନୁସୁନିଆ ଶାଗ ଭଜା କରି, ମୁଣ୍ଡରେ ଘିକୁଆଁରି ଘସି ଦେଇଥିଲା । ମୋ ପଢ଼ାପଢ଼ି ତଥା ସାନସାନ ଭାଇ ଭାଇଭଉଣୀଙ୍କର ସବୁ ଯତ୍ନ ସେ ନେଇଥିଲା । ସେ ନ' ଆସିଥିଲେ ମୋର ପ୍ରିୟୁନିଭର୍ସିଟିରେ ଫାଷ୍ଟ ଡିଭିଜନ୍ ପାଇବା ସମ୍ଭବପର ହୋଇନଥାନ୍ତା । ଏତେ କାମ ସେ ଏତେ ବୟସରେ କରୁଥିଲା ଏବଂ ସମସ୍ତଙ୍କୁ ସାନ୍ତ୍ୱନା ଦେଉଥିଲା - ସେ କଥା ଭାବିଲେ ଏବେ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଛି । ସେ ଅଦ୍ଭୁତ ଭାବରେ ତା' ସ୍ନେହ ବୋଳା ହାତରେ ସମସ୍ତଙ୍କୁ ଆଉଁସି ଦେଇ ତା ପଣତକାନି କୁ ରକ୍ଷା କବଚ ଭଳି ସମସ୍ତଙ୍କ ଦେହରେ ଘୋଡ଼ାଇ ହୋଇଥିଲା । (କ୍ରମଶଃ)



## ପୁସ୍ତକ ସମୀକ୍ଷା

### ଏକା ଏକା ନିଶିକାନ୍ତ

କବି: ରତ୍ନାକର ରାଉତ

ପ୍ରକାଶକ : ପ୍ରବାହ, ଗୋବିନ୍ଦପୁର, ଜାହାନପୁର, ଦେବୀଦ୍ୱାର, ଯାଜପୁର-୭

ମୂଲ୍ୟ-୧୭୦/-



ଅକାତ କାତ ପାଣିରେ ଫୁଟିଛି ପଦ୍ମ । ହେଲେ ସେ କଳା ଭଅଁର ଅକାତ ଜଳରୁ ପଦ୍ମ ତୋଳିବାର ଯୁ କାହିଁ ? କାହିଁ କାହିଁରେ ପଦ୍ମ ? ପଦ୍ମ ନାହିଁ । ଭ୍ରମରେ ବୁଲୁଛି ଭ୍ରମର । ସୁତରାଂ ପଦ୍ମପତ୍ରରେ ଢ଼ଳଢ଼ଳ ଖେଳୁଛି ଜୀବନ । ଗଭୀର ଆତ୍ମଦର୍ଶନ, ପରିବର୍ତ୍ତିତ ସମୟର ଚିତ୍ର ଏବଂ ସାମାଜିକ ଅସଂଗତିକୁ ନେଇ ଶାଣିତ କାବ୍ୟ ଇଂଗିତରେ ଶବ୍ଦକୁ ଇନ୍ଧନ ପରି ଜାଳି ପାରିଲେ ତାହା ପାଲଟେ ସୁନା ସଳିତା, କବିତା ସଳିତା । ହୃଦୟର ହବନ କୁଣ୍ଡରୁ ଊର୍ଦ୍ଧ୍ୱକୁ ଶିଖା ଟେକି ଜଳୁଥିବା ସେହିପରି କବିତାର ଭାଷ୍ୟକାର ହେଲେ ବରିଷ୍ଠ କବି ରତ୍ନାକର ରାଉତ । ବିଷର୍ଣ୍ଣ ଫଗୁଣ, ଅବସନ୍ନ ଅପରାହ୍ନ, ସରୀସୃପ ଓ ଅନ୍ୟାନ୍ୟ କବିତା, ପୁନଷ୍ଟ ସମୁଦ୍ର, ଶବ୍ଦ, ତୁମ ତୁମ ଭାବ, ମିଛ ବିଶ୍ୱାସ, ଭେଦ ଏବଂ ନୂଆ କବିତା ପରି ନଅଗୋଟି କାବ୍ୟଗ୍ରନ୍ଥ ଭେଟି ଦେଇଥିବା ଏହି ବାଣୀ ଅର୍ପିତ କାବ୍ୟକାରଙ୍କର ଦଶମ କବିତା ସଂକଳନ 'ଏକା ଏକା ନିଶିକାନ୍ତ'ର ବହିର୍ଧ୍ୱନିରେ ନିଶିକାନ୍ତ ଏକ ନିସ୍ୱ ତଥା ନାଚାର ତ୍ରିଶଙ୍କୁ ପରି ସାମାଜିକ ବିଧି ବ୍ୟବସ୍ଥା ଭିତରେ ଝୁଲନ୍ତ ପିଣ୍ଡ ହେଲେ ବି କବିର ଅନ୍ତର୍ଧ୍ୱନିରେ କବି ସେଇ ନିଶିକାନ୍ତକୁ ଫେରାଇ ଆଣିବାକୁ ଚାହାଁନ୍ତି ମାଟିର ମାଧ୍ୟାକର୍ଷଣ ବଳୟ ଭିତରକୁ (କବିତା-ସତରେ କ'ଣ ତୁମେ ଆସିବ) । କାବ୍ୟକାର ଶ୍ରୀଯୁକ୍ତ ରାଉତଙ୍କର ପ୍ରତୀକାତ୍ମକ କାବ୍ୟଚରିତ୍ରର ନାମ ନିଶିକାନ୍ତ । ନିଶୀଥର ନିଃରନ୍ଧ୍ର ଅନ୍ଧାରରେ ପେଷି ହେଉଥିବା ସେଇ ନିଶିକାନ୍ତ ଏକ ଉପଲବ୍ଧି ଅଥବା କବି କଲମର ଉତ୍‌ଥାପିତ ବଂଚନା ଏବଂ ବେଦନାର ଶଂକାଗ୍ରସ୍ତ ସଂଧି । ସେ ଏକ ସନ୍ନାସୀ ଅଥବା ଆସକ୍ତ ସଂସାରୀ ? ସତରେ କ'ଣ ସେ ପୁଣି ଥରେ ବାହୁଡ଼ିବ ? କବି ରତ୍ନାକର ରାଉତ କବିତାରେ ନଷ୍ଟାଳଦିଆ ଆଢ଼େ ନଇଁଗଲେ ବୋଲି ଏପରି ବିକ୍ଷୁବ୍‌ଧ ବୈରାଗ୍ୟଯୁକ୍ତ ପ୍ରସଙ୍ଗମାନଙ୍କୁ ଆଶ୍ରୟ କଲେ ? କାରଣ 'ଭୂମିକା' କବିତାରେ କବି କେଶ ସଜାଡୁଥିବା ବାରିକର ପ୍ରଶ୍ନର ଉତ୍ତରକୁ କବିତାରେ ରଖିଛନ୍ତି ଏହିପରି । ଯଥା- "++++ ବୟସ କ'ଣ କେବେ ପଛକୁ ଫେରେ,/ ତାକୁ କ'ଣ କେବେ ବାନ୍ଧି ରଖିହୁଏ ?/ ବୋହୁଥିବା ପାଣି/ ତଳକୁ ତଳକୁ ହିଁ ଯାଇଥାଏ/ ଯେପରି ବୁଢ଼ିଗଲା ଗୋଡ଼/ ପ୍ରକୃତିର ନିୟମକୁ କିଏ ବଦଳାଇ ପାରିଲାଣି/ ନା ପାରିବ, ବୟସ ଓ ସମୟ ଉଭୟ ପ୍ରକୃତିର ଅଧୀନ/ ତୁମେ ଆହୁରି ବଡ଼ ହେଲେ ଏସବୁ ଆପେ ଆପେ ବୁଝିଯିବ ।" ପୁଣି ସେଇ କବିତାରେ କହିଛନ୍ତି ଆଉ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଧାଡ଼ି କେଶ କଳା କରିବାକୁ ପ୍ରସ୍ତୁତ ନ ଥିବା କବି । ଯଥା- "ନା ଦରକାର ନାହିଁ/ ମୁଁ ଚାହୁଁଛି ମୋ ବୟସ/ ଯେତିକି ହେଲାଣି/ ସେତିକି ଜଣାପଡୁ/ ବୟସ ଲୁଚାଇଲେ ତା'ର ଗୁରୁତ୍ୱ ରହିବ ?/ ପ୍ରତ୍ୟେକ ବୟସରେ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ଭୂମିକା/ ତାକୁ କାହିଁକି ନଷ୍ଟ କରିଦେବ ? (କବିତା- ଭୂମିକା, ପୃଷ୍ଠା-୨୬) ।

ଜୀବନର ଅସାର ତତ୍ତ୍ୱ ଏବଂ ଜୀବନର ମହାସତ୍ୟକୁ ନେଇ 'ଏକା ଏକା ନିଶିକାନ୍ତ' ସଂକଳନସ୍ଥ କବିତା ଗୁଡ଼ିକ ବହୁଭାଗରେ ଉପସ୍ଥାପିତ ହୋଇଥିଲେ ବି ବିବିଧ ମନନଶୀଳତାକୁ ଉପଜୀବ୍ୟ କରି କବି ଶ୍ରୀଯୁକ୍ତ ରାଉତ ଜୀବନର ଭିତ୍ତି ଏବଂ ଭୂତିକୁ ପରିଷ୍କାର କରିଛନ୍ତି ସ୍ୱକୀୟ କବିତା ମାନଙ୍କରେ । ଯେପରିକି ତାଙ୍କର ଅନ୍ୟତମ କବିତା "ମୋର ଯଦି ଜନ୍ମ ଅଛି ମୃତ୍ୟୁ ମଧ୍ୟ ଅଛି/ ମୁଁ ତ କେବେ ମରି ନାହିଁ ଜନ୍ମ ନେବି କିଆଁ/ ଜନ୍ମ ମୃତ୍ୟୁ ବଳୟର ଉର୍ଦ୍ଧ୍ୱେ/ ମୁଁ ଭିନ୍ନ ଏକ ଇଲାକାରେ ଠିଆ (କବିତା- ଜନ୍ମଦିନ) । 'ଏକା ଏକା ନିଶିକାନ୍ତ' ପୁସ୍ତକରେ ଏକାକୀତ୍ୱ ବା ମେଲାଙ୍କୋଲି ନାହିଁ । କିନ୍ତୁ ସେଦିନର ସାମନ୍ତବାଦୀ ଏବଂ ଆଜିର ସାମ୍ରାଜ୍ୟବାଦୀଙ୍କର ମର୍ଜି ଏବଂ ମିଂଜାସର ରେସକୋର୍ଟ ପରିସର ଭିତରକୁ ଯିବା ପାଇଁ ନିଶିକାନ୍ତମାନଙ୍କ ପାଇଁ ଟିକଟଟିଏ ବା ଗେଟ୍‌ପାସ୍‌ଟିଏ ଅଛି ତ ? ଅଥଚ ନିଶିକାନ୍ତମାନଙ୍କୁ ହିଁ ଏଠାରେ ରେସ କୋର୍ଟର ଘୋଡ଼ା ବନାଇ ପିଠିରେ ବସାଯାଏ ନିର୍ଘାତ୍ ଚାବୁକ ମାଡ଼ । କବିଙ୍କ କଲମରେ ଏସବୁ ଦୃଶ୍ୟ ଘଟଣା ଅଥବା ଦୁର୍ଘଟଣା ନୁହେଁ ।

ଏସବୁ ନିଶିକାଳର 'ଏକା ଏକା ନିଶିକାନ୍ତ'ର କପାଳ । କ୍ଷମତା ହାସଲ ପରେ କବି ରତ୍ନାକରଙ୍କ ଭାଷାରେ ସେମାନେ ପାଲଟିଲେ 'ପାତାଳକ ମେଘ' ଏବଂ ଆମେ ପାଲଟିଲୁ 'ନିଃସ୍ୱ ପଦାତିକ' । କାରେବିଆନ୍ କବି ଡେରେକ୍ ୱାଲକଟ ନୋବେଲ ବିଜେତା ହେଲାପରେ ମଧ୍ୟ କବିତାର ଅବୁଝପଣକୁ ବଖାଣିବାକୁ ଯାଇ କହିଥିଲେ- Poetry is very hard to describe because there are so many things that go into it in terns of reception of a poem. Poetry contains the truth of their society. It can not choose sides." ତଥାପି କବି ଶ୍ରୀଯୁକ୍ତ ରାଉତ ଆଧୁନିକ ଜୀବନକୁ ନେଇ ଯେତିକି ଉଦାସୀନ, ଉଚ୍ଚତର ଜୀବନକୁ ନେଇ ସେତିକି ଆଶାବାଦୀ । ଉଦାସୀନତା ବା ନଷ୍ଟାଲଜିଆ ପାଇଁ କବି ଉଚ୍ଚାରିଛନ୍ତି ଆତ୍ମ ପ୍ରବୋଧନର ସ୍ୱର । ଯଥା- "ନିଶିକାନ୍ତ ମରିନାହିଁ/ କିଛି କ୍ଷଣ ନେଇଛି ବିଶ୍ରାମ/ ପୁଣିଥରେ ଖୋଲିଯିବ ଦ୍ୱାର/ ଅନ୍ତଃପୁରୁ ଉଠିଆସି ଛିଡ଼ାହେବ/ ସାଙ୍ଗସାଥୀ ପରିଜନ ମେଳେ/ ଏଠାରେ ଚାଲିବ ସେଇ ମଉଚ୍ଛବ ଖେଳ/ ବରବାରୀ କାଇଦାରେ ଯେତେଯାହା/ ସଂଖୋଳା ସଂଖୋଳି । +++ ବିଶ୍ରାମର ଅନ୍ତେ ପୁଣି ଥରେ/ ବାହୁଡ଼ିବ ନିଶିକାନ୍ତ/ ଖେଳିବାକୁ ସସାଗରା ଏ ପୃଥ୍ୱୀର ବୁକେ/ ଆଉ ଥରେ ଖେଳିବାକୁ ଖେଳ/ ବାହୁଡ଼ିବ ନିଶିକାନ୍ତ ଏ ବିଶ୍ୱାସ ଅଛି" ଏହାହିଁ କବି ଶ୍ରୀଯୁକ୍ତ ରାଉତଙ୍କର ବୈଚିତ୍ର୍ୟମୟ ଉପଲବ୍‌ଧିର ଜୀବନକୁ ନେଇ ସାର୍ବଜନୀନ ଆବେଦନ ।

ପାଠକଙ୍କ ପାଇଁ ଶ୍ରୀଯୁକ୍ତ ରାଉତଙ୍କର କବିତା ଗୁଡ଼ିକ ପଂକ୍ତିର ପ୍ରଲମ୍ବିତ ଏକ ଏକ କପିଳାସ ପାହାଚ ମାଳା । ତଥାପି ବିଶ୍ୱାସ ଏବଂ ବଳୟର ଶିବ ସଂକଳ୍ପ ହିଁ କବି ରତ୍ନାକରଙ୍କର ଜୀବନୀୟ ଆତ୍ମଲିଗ୍ନ ଦର୍ଶନର ଶିଖର ଯାତ୍ରା । ଜେରୁ ଜେଲମ୍‌ର ଓଟ ପିଠିରେ ବସି ତୀର୍ଥ କରିବାକୁ ଆସିଥିବା ଯାତ୍ରୀ ପାଇଁ ମରୁ ଭିତରେ ବି କେଉଁଠି ନା କେଉଁଠି ଥାଏ ଏକ ବିଶ୍ୱାସର ତରୁ । କବି ଶ୍ରୀଯୁକ୍ତ ରାଉତ ରୂପକଳ୍ପର ସୌଦାଗର ନ ହେଲେ ବି ଶାନ୍ତକାନ୍ତ ଆରବ୍ୟ ରଜନୀର ରୂପକ ରୂପାଜହ୍ନର ଜ୍ୟୋତ୍ସ୍ନା । ବର୍ଣ୍ଣନାରେ ଏବଂ ଚିନ୍ତନରେ କୃତ୍ରିମତାକୁ ଅତିମାତ୍ରାରେ ସ୍ଥାନ ଦେଉ ଦେଉ 'ଦିଅଁ ଗଢ଼ୁ ଗଢ଼ୁ ମାଙ୍କଡ଼' ଗଢ଼ିବାର ନିଶାକୁ କ୍ଷାନ୍ତ ରହି ମୌଳିକ ଆବେଦନରେ କବି ଶ୍ରୀଯୁକ୍ତ ରାଉତ ସ୍ୱକୀୟ କବିତା କକ୍ଷକୁ କରିଛନ୍ତି ଅଧିକ ପ୍ରାଣବନ୍ତ ।

ଜୀବନଜିଜ୍ଞାସା ସହ ଯୁଗବୋଧ ହିଁ ଗ୍ଲୋବାଲ ଏଜ୍ ବା ବିଶ୍ୱସମ୍ପ୍ରୀତି । ଅନୁଭବସିଦ୍ଧ କାବ୍ୟକୁମ୍ଭକାର ଟିଏ ସମୟକୁ କୁମ୍ଭୀପାକରୁ ରକ୍ଷାକରିବା ପାଇଁ ଗଢ଼ିବା ଆବଶ୍ୟକ ଅନ୍ନ ଓ ଆୟୁଷର ଅକ୍ଷୟ ପାତ୍ରଟିଏ । ବସ୍ତୁଜଗତ ବା ଜଡ଼ଜଗତ ସହ ଭାବଜଗତର କମ୍ପନକୁ କବିତାର ଘଟ ପ୍ରଦାନ କଲାବେଳେ ଶ୍ରୀଯୁକ୍ତ ରାଉତଙ୍କର ଶାନ୍ତିର କପୋତଟି ଏକା ଏକା ବସି ଗୁମୁରି ଗୁମୁରି କାନ୍ଦୁଛି ଶାନ୍ତିର ସଂଦେଶ ବାହୀ ଓଲିଭ ଡାଳରେ । ସେଇ ଏକାକୀ କପୋତଟି କ'ଣ କବି ଶ୍ରୀଯୁକ୍ତ ରାଉତଙ୍କର 'ଏକା ଏକା ନିଶିକାନ୍ତ' ? ଯେପରିକି- "କେଉଁଠାରେ କାହିଁ/ ମଣିଷର ନିରାଜନା/ ଲମ୍ଫିଆସେ/ ସାହଚର୍ଯ୍ୟେ ହାତେ/ ସବୁଠି ଛଳନା/ ଚାଖଣ୍ଡେ ଜୀବନ ପାଇଁ ଦୁର୍ମୂଲ୍ୟ ଜୀବନ କେତେ ଆହୁତି ଚାଲିଛି/ ଧରଣୀର ବୁକେ ବହେ ଶୋଣିତର ଧାର/ ପାରୁଛି କି ଏହି ଦୁଃଖ ସହି ଶାନ୍ତିର କପୋତ ।"

ସାରା ଦେଶରେ ଛତୁ ପରି ଫୁଟିଚାଲିଛି ବିଗ୍ ବଜାର, ସପିଂମଲ । ଉଗ୍ର ଆଧୁନିକତା ଏବଂ ସ୍ୱେଚ୍ଛାଚାରିତା ଭିତରେ ଆମେମାନେ ହରାଇ ବସୁଛୁ ଆମର କୂଳ, କୌଳିନ୍ୟ, ବୁନିଆଦି, ପୋଷାକ, ସାଜସଜ୍ଜା ଓ ରୁଚି । କବି ଶ୍ରୀଯୁକ୍ତ ରାଉତ ଏହି ସଂକଳସ୍ଥ ଲାଭକ୍ଷତି, କା, ମାତୃତ୍ୱର ଉଲ୍ଲାସ, ଶବବାହକମାନେ, ରବିବାର, ସଂଧ୍ୟା ପରି କବିତାମାନଙ୍କରେ ସଂସ୍କାର ଭୁଲୁଥିବା ତଥାକଥିତ ସଭ୍ୟ ଏବଂ ଶିକ୍ଷିତ ମାନବଗୋଷ୍ଠୀ ପ୍ରତି ପ୍ରଚ୍ଛନ୍ନ ଭାବରେ ଆକ୍ଷେପ କରିବା ସହ ରୁଚିସଂପନ୍ନ ମାର୍ଜିତ ଜୀବନ ଆଡ଼କୁ ଇଂଗିତ କଲା ଭଳି ସରଳ, ସାବଲୀଳ, ଅର୍ଥବାହୀ କବିତା ମାନଙ୍କର ଅବତାରଣା ଘଟାଇଛନ୍ତି ।

ନାସାର ବୈଜ୍ଞାନିକ ମାଇକେଲ ରାମ୍ପିନ୍ ତ ସୌର ମଣ୍ଡଳର ମହାକର୍ଷଣୀୟ ସୂର୍ଯ୍ୟଦେବଙ୍କୁ Solitude Player ବା ନିଃସଙ୍ଗ ଖେଳାଳୀ ବୋଲି ବର୍ଣ୍ଣନା କରିଛନ୍ତି । 'ଏକା ଏକା ନିଶିକାନ୍ତ' କ'ଣ ସେହିଭଳି ନିଃସଙ୍ଗ ଖେଳାଳୀ ? 'ଏକ୍‌ଲା ଚଲୋରେ' ଆହ୍ୱାନ ଦେଇଥିବା ବିଶ୍ୱକବି ରବୀନ୍ଦ୍ର ନାଥ ପୁଣି ମଧ୍ୟ ଲେଖିଥିଲେ ମରିତେ ଚାଇନା ଆମି ସୁଖର ଭୁବନେ।' ଓଁ ସ୍ୱସ୍ତି ପ୍ରଜାଭ୍ୟଃ ପରିପାଳୟନ୍ତାମ୍/ ନ୍ୟାୟେନ ମାର୍ଗେଣ ମହୀଂ ମହୀଷା/ ଗୋ ବ୍ରହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟମ୍/ ଲୋକଃ ସମସ୍ତା ସୁଖୀନଃ ଭବନ୍ତୁ । ଏହିଭଳି ସ୍ୱସ୍ତିମନ୍ତ୍ରରେ ଲୁଚିଛି କବିତାର ଶାଶ୍ୱତ ପ୍ରତିବୋଧ । ଏହି ଆଭିମୁଖ୍ୟ ଏବଂ କାବ୍ୟ ମହାନତାକୁ ପୁଣିଥରେ ନିଜସ୍ୱ ଶୈଳୀରେ ଉଚ୍ଚାରିଛନ୍ତି କବି ଶ୍ରୀଯୁକ୍ତ ରାଉତ ।

ଆଜକୁ ଦଶହଜାର ବର୍ଷ ତଳେ ମଣିଷ ଜୀବନ ପାଇଁ ସୁରକ୍ଷା, ସାଥୀ ଏବଂ କମ୍ୟୁନିଟିଟିଏ ଲୋଡ଼ିବା ଆରମ୍ଭ କରିଥିଲା । ନୂତନ ପ୍ରସ୍ତର ଯୁଗର ଏହି ଖୋଜ୍ ମଣିଷକୁ ଆଜି ଆଣି ଛିଡ଼ା କରାଇଛି ଗ୍ଲୋବାଲ ଭିଲେଜ ବା ବିଶ୍ୱଗ୍ରାମର ପୋଖରୀ ତୁଠରେ । ହେଲେ କାହିଁ କାହିଁରେ ପଦ୍ମ ? ପଦ୍ମ ନା ଏ ଭ୍ରମ । ବିଶ୍ୱଗ୍ରାମର ମଣିଷ ହାତରେ ଜୀବନ ପାଇଁ ବୀମା ପୁଣି ମୃତ୍ୟୁ ପାଇଁ ବୋମା । 'ଏକା ଏକା ନିଶିକାନ୍ତ'ର ସାଥୀ କିଏ ? ମଣିଷ ? ?



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ମାତୃଭାଷାରେ ପ୍ରାଥମିକ ଶିକ୍ଷାର ମହତ୍ୱ...

(ପୃଷ୍ଠା ୫ର ଅବଶିଷ୍ଟ) ସଂସ୍କୃତି, ଜୀବନମୂଲ୍ୟରୁ କଟି ଯାଇଥାଏ ଏବଂ ପୂର୍ବ ପୁରୁଷଙ୍କ ଠାରୁ ପ୍ରାପ୍ତ ହୋଇଥିବା ଜ୍ଞାନ, ଶାସ୍ତ୍ର, ସାହିତ୍ୟ ଆଦିରୁ ଅନଭିଜ୍ଞ ହୋଇ ନିଜର ପରିଚୟ ହଜାଇ ଦେଇଥାଏ । ମହାମନା ମାଲବୀୟ, ମହାତ୍ମା ଗାନ୍ଧୀ, ରବୀନ୍ଦ୍ର ନାଥ ଠାକୁର, ଶ୍ରୀମାଁ, ଡ. ଭୀମରାଓ ଆମ୍ବେଡକର, ଡ. ରାଧାକୃଷ୍ଣନ ଭଳି ଚିନ୍ତକଙ୍କ ଠାରୁ ଆରମ୍ଭ କରି ଚନ୍ଦ୍ରଶେଖର ଭେଙ୍କଟରମନ, ପ୍ରଫୁଲ୍ଲ ଚନ୍ଦ୍ର ରାୟ, ଜଗଦୀଶ ଚନ୍ଦ୍ର ବସୁ, ଭଳି ବୈଜ୍ଞାନିକ ମାନେ, ଶିକ୍ଷାବିଦ ତଥା ମନୋବୈଜ୍ଞାନିକ ମାନେ ମାତୃଭାଷାରେ ଶିକ୍ଷଣକୁ ହିଁ ନୈସର୍ଗିକ ଓ ବୈଜ୍ଞାନିକ ବୋଲି କହିଛନ୍ତି । ବିଭିନ୍ନ ସମୟରେ ଗଠିତ ଶିକ୍ଷା କମିଶନ ରାଧାକୃଷ୍ଣନ କମିଶନ, କୋଠାରୀ କମିଶନ ଆଦି ସମସ୍ତେ ମାତୃଭାଷାରେ ହିଁ ଶିକ୍ଷା ଦେବାକୁ ସୁପାରିଶ କରିଛନ୍ତି ।

ଜଣେ ବିଦ୍ୱାନ ସଂକ୍ରାନ୍ତ ସାନୁ ଏ ସମ୍ପର୍କରେ ଏକ ଚର୍ଚିତ ପୁସ୍ତକ ରଚନା କରିଛନ୍ତି । ଏହି ପୁସ୍ତକର ନାମ ହେଲା 'ଇଂଲିଶ ମିଡିୟମ ମିଥ' 'ଅଥବା ଇଂରାଜୀ ମାଧ୍ୟମର ଭ୍ରମ ଜାଲ' । ଏହି ପୁସ୍ତକରେ ଲେଖକ ତଥ୍ୟାତ୍ମକ ଭାବେ ପ୍ରମାଣିତ କରିଛନ୍ତି ଯେ ବିଶ୍ୱର ବିକଶିତ ଦେଶ ମାନେ ସେମାନଙ୍କର ନିଜ ଭାଷାରେ ପିଲା ମାନଙ୍କୁ ପାଠ ପଢାଇଥାନ୍ତି । ଅର୍ଥାତ ପ୍ରକାରାନ୍ତରରେ କହିବାକୁ ଗଲେ ସେମାନେ ନିଜ ଭାଷାରେ ପାଠ ପଢାଉଥିବାରୁ ସେଠାକାର ପିଲା ମାନଙ୍କର ମେଧାର ସଠିକ ବ୍ୟବହାର ହୁଏ ଓ ସେମାନେ ବିକଶିତ ହୋଇ ପାରନ୍ତି । ଅପର ପକ୍ଷରେ ବିଶ୍ୱରେ ଯେଉଁ ମାନେ ଅବିକଶିତ ଦେଶ ସେମାନେ ବିଦେଶୀ ମାଧ୍ୟମରେ ପାଠ ପଢା କରାଇଥାନ୍ତି । ଉକ୍ତ ଦେଶର ମେଧା ବିଦେଶୀ ଭାଷାର ବୋଝ ତଳେ ରହି ଯାଏ । ଫଳରେ ସେମାନେ ନୂଆ ଓ ମୌଳିକ କିଛି କରି ପାରନ୍ତି ନାହିଁ । ତେଣୁ ସେମାନେ ଅବିକଶିତ ହୋଇ ପଛରେ ରହି ଯାଇଛନ୍ତି ।

ଜାତୀୟ ଶିକ୍ଷା ନୀତି -୨୦୨୦ରେ ପ୍ରାଥମିକ ଶିକ୍ଷା ମାତୃଭାଷାରେ ଦେବା ପାଇଁ ପ୍ରସ୍ତାବ ରହିଛି । ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ତେବେ ଏହାର କିପରି ସଠିକ ଭାବେ କ୍ରିୟାନ୍ୱୟନ ହେବ ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ । ଭାରତରେ ଏକ ଇଂରାଜୀ ସମର୍ଥକ ଲବି ରହିଛି ଯାହା ଏପରି କୌଣସି କାମକୁ ସଠିକ କ୍ରିୟାନ୍ୱୟନ କରିବାକୁ ଦେବ ନାହିଁ ଓ ଏହାକୁ ବିଫଳ କରାଇବାକୁ ଚେଷ୍ଟା କରିବ । । ତେଣୁ ଏ ବିଷୟରେ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରିବାର ଆବଶ୍ୟକତା ରହିଛି ।

## ଭାରତୀୟ ଜନତା ପାର୍ଟିର ଜିଲ୍ଲା କମିଟି ଓ ମୋର୍ଚ୍ଚା ସଭାପତି ଘୋଷିତ

ଭଦ୍ରକ, ୨୦।୦୨ (ନି.ପ୍ର): ଭଦ୍ରକ ଜିଲ୍ଲା ଭାରତୀୟ ଜନତା ପାର୍ଟିର ଜିଲ୍ଲା କମିଟି, ବିଭିନ୍ନ ମୋର୍ଚ୍ଚା ଓ ସେଲ୍‌ର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ଜିଲ୍ଲା ସଭାପତି ହେମନ୍ତ ପାଢୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଜିଲ୍ଲା କମିଟିରେ ସଭାପତି ଶ୍ରୀ ପାଢୀଙ୍କ ସହିତ ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ପ୍ରତାପ ଧଳ, ଚତୁର୍ଭୁଜ ନାୟକ, ଜଗବନ୍ଧୁ ଦାସ, କମଳାକାନ୍ତ ସୂତାର, ଉଦୟ ନାରାୟଣ ମଲ୍ଲିକ, ପଙ୍କଜିନୀ ଲେଙ୍କା, ଅଶୋକ କୁମାର ପରିଜା । ସେହିପରି ସମ୍ପାଦକ ଭାବେ ବିଳାସିନୀ ଘୋଷ, ରାମଚନ୍ଦ୍ର ମିଶ୍ର, ମାଳତୀଲତା ସାହୁ, ଶୁକଦେବ ମଲ୍ଲିକ, ତପସ୍ୱିନୀ ମହାପାତ୍ର, ବସୁମିତ୍ରା ସାହୁ, ଗୀତାଞ୍ଜଳି ଆଇଚ, ଜୟସ୍ମିତା ଗୋଚ୍ଛାୟତ । ସାଧାରଣ ସମ୍ପାଦକ ଭାବରେ ମନୋଜ ମଲ୍ଲିକ, ଶଶୀକାନ୍ତ ବିଶ୍ୱାଳ, ଦୁର୍ଗା ପ୍ରସନ୍ନ ଦାସ । କୋଷାଧକ୍ଷ ଜୟ ପ୍ରକାଶ ମଲ୍ଲିକ ମନୋନୀତ ହୋଇଛନ୍ତି । ସେହପରି ଜିଲ୍ଲାରେ ଥିବା ବିଭିନ୍ନ ମୋର୍ଚ୍ଚାର ସଭାପତି ଭାବେ ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠା, ମହିଳାମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ, କୃଷକମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଓବିସି ମୋର୍ଚ୍ଚା ସଭାପତି ବୀରେନ୍ଦ୍ର ଜେନା, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମହମ୍ମଦ ଅଲୀ ସବର, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରମୋଦ ସୂତାର ମନୋନୀତ ହୋଇଛନ୍ତି । ବିଭିନ୍ନ ସେଲର ମୁଖ୍ୟ ଭାବେ ବୁଦ୍ଧିଜୀବୀ ସେଲ ମୁଖ୍ୟ ଅମୂଲ୍ୟ ନାୟକ, ସୂଚନା ଅଧିକାର ସେଲ ମୁଖ୍ୟ ସୁଧାକର ମହାଳିକ, ଲିଗାଲ ସେଲ ମୁଖ୍ୟ ରଞ୍ଜିତ ମହାନ୍ତି, ମିଡ଼ିଆ ସେଲ ମୁଖ୍ୟ ବୈକୁଣ୍ଠ ସାହୁ, ଆଇଟି ସେଲ ମୁଖ୍ୟ ଶଶାଙ୍କ ଶେଖର ମିଶ୍ର ମନୋନୀତ ହୋଇଛନ୍ତି ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ୧୦ନଂ ବ୍ଲକ ସାଂଗଠନିକ ବୈଠକ

ଭୁବନେଶ୍ୱର,୨୦।୦୨ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ଅନ୍ତର୍ଗତ ୧୦ ନଂ ବ୍ଲକ କଂଗ୍ରେସ କମିଟିର ଏକ ସାଂଗଠନିକ ବୈଠକ ଧଉଳିସ୍ଥିତ ଶ୍ରୀଶ୍ରୀ ଭୈରଙ୍ଗଶ୍ୱର ପୀଠ ଠାରେ ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ଗଣେଶ୍ୱର ବେହେରା ଯୋଗଦେଇଥିଲେ । ସର୍ବସମ୍ମତ କ୍ରମେ ଶ୍ରୀ ଇନ୍ଦ୍ରଜିତ୍ ପରିଡାଙ୍କୁ ୧୦ ନଂ ବ୍ଲକ କଂଗ୍ରେସର ସଭାପତି ଭାବରେ ଚୟନ କରାଯାଇଥିଲା । ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ଆଗାମୀ ଦିନରେ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନୀତି ଆୟୋଗ ଷଷ୍ଠ ପରିଚାଳନା....

ଭିତିଭୂମୀ ଗଠନ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉଦଭାବନକୁ ପ୍ରୋତ୍ସାହନ ଦେବା ସହ ପ୍ରଯୁକ୍ତିବିଦ୍ୟାର ଅଧିକ ଉପଯୋଗ କରି ଶିକ୍ଷା ଓ କୌଶଳ ବିକାଶ ଦିଗରେ ଉତମ ସୁଯୋଗ ସୃଷ୍ଟି କରାଯିବା ଉଚିତ । ଆମର ବ୍ୟବସାୟ, ଏମଏସଏମଇ ଏବଂ ଷ୍ଟାର୍ଟଅପକୁ ଅଧିକ ମଜଭୁତ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି । ଦେଶର ଶହେଟି ଜିଲ୍ଲା ସେମାନଙ୍କ ଶ୍ରେଷ୍ଠ ସାମଗ୍ରୀ ବାଛି ସେଗୁଡିକୁ ବଜାରକୁ ଛାଡିବା ଫଳରେ ରାଜ୍ୟମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ବୃଦ୍ଧି ପାଇଛି । ଏହାକୁ ବ୍ଲକସ୍ତରକୁ ନେଇ ରାଜ୍ୟ ସଂପଦର ପୂର୍ଣ୍ଣ ବିନିଯୋଗ କରି ଅନ୍ୟ ରାଜ୍ୟକୁ ରପ୍ତାନୀ ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଛନ୍ତି । କେନ୍ଦ୍ର-ରାଜ୍ୟ ମଧ୍ୟରେ ଉନ୍ନତ ସମନ୍ୱୟ ଓ ନୀତିଗତ ଢ଼ାଂଚା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ଆରୋପ କରିଛନ୍ତି । ଦେଶରେ ନିର୍ମାଣ ପ୍ରକ୍ରିୟା ବୃଦ୍ଧି କରିବା ପାଇଁ ବିଭିନ୍ନ କ୍ଷେତ୍ର ପାଇଁ କେନ୍ଦ୍ର ସରକାର ପ୍ରବର୍ତନ କରିଥିବା ପିଏଲଆଇ ଯୋଜନା ଅପୂର୍ବ ସୁଯୋଗ ଆଣିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଯୋଜନାରୁ ସର୍ବାଧିକ ଲାଭ ଉଠାଇ ରାଜ୍ୟଗୁଡିକ ନିଜ ପାଇଁ ପୁଞ୍ଜିବିନିଯୋଗ ପରିସର ବୃଦ୍ଧି ସହ ହ୍ରାସ କରାଯାଇଥିବା ବାଣିଜିକ ଟିକସ ହାର ଯୋଜନାର ସୁବିଧା ଦେବାକୁ ସେ ନିବେଦନ କରିଛନ୍ତି । ବଜେଟରେ ଭିତିଭୂମି କ୍ଷେତ୍ରରେ କରାଯାଇଥିବା ବ୍ୟୟବରାଦ ଯୋଗୁଁ ଦେଶର ଅର୍ଥ ବ୍ୟବସ୍ଥା ଅନେକ ସ୍ତରରେ ସମୃଦ୍ଧ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ରାଜ୍ୟଗୁଡିକ ଆତ୍ମ ନିର୍ଭରଶୀଳ ହେବା ସହ ସେମାନଙ୍କ ବଜେଟରେ ବିକାଶକୁ ପ୍ରାଧାନ୍ୟ ଦେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ପଂଚଦଶ ଅର୍ଥ ଆୟୋଗଙ୍କ ଦ୍ୱାରା ସ୍ଥାନୀୟ ସଂସ୍ଥାଗୁଡିକୁ ବଡ ଧରଣର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ସ୍ଥାନୀୟ ପ୍ରଶାସନିକ ସଂସ୍କାରରେ ଜନସାଧାରଣଙ୍କ ଅଂଶଗ୍ରହଣ ସହ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଖାଇବା ତେଲ ଆମଦାନୀରେ ଆମର ୬୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି ଯାହାକି ଆମ ଚାଷୀମାନଙ୍କ ପାଖରେ ରହିପାରିଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିପରି ଅନେକ କୃଷିଜାତ ସାମଗ୍ରୀ ରହିଛି ଯାହାକି ଆମ ଦେଶର ଚାହିଦା ମେଂଟାଇବା ସହ ବିଦେଶକୁ ମଧ ପଠାଯାଇ ପାରନ୍ତା । ସେ ଦୃଷ୍ଟିରୁ ପ୍ରତ୍ୟେକ ରାଜ୍ୟ ସେମାନଙ୍କ ଆଂଚଳିକ ଜଳବାୟୁ ଭିତିକ କୃଷି ଯୋଜନା ଖସଡା ପ୍ରସ୍ତୁତ କରିବା ଆବଶ୍ୟକ । ବିଗତ ବର୍ଷ ଗୁଡିକରେ କୃଷିଠାରୁ ଆରମ୍ଭ କରି ପଶୁପାଳନ ଓ ମତ୍ସଚାଷ ପର୍ଯ୍ୟନ୍ତ ଏକ ସାମଗ୍ରୀକ ନୀତି ଗ୍ରହଣ କରାଯାଇଛି । ସେ ଦୃଷ୍ଟିରୁ କରୋନା ମହାମାରୀ ସମୟରେ ମଧ ଦେଶର କୃଷି ରପ୍ତାନୀ ବୃଦ୍ଧି ପାଇଛି । ନଷ୍ଟ ହେବାରୁ ରୋକିବା ପାଇଁ କୃଷି ଜାତ ସାମଗ୍ରୀର ଭଣ୍ଡାରଣ ଓ ପ୍ରକ୍ରିୟା କରଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱଆରୋପ କରିଛନ୍ତି । ଅଧିକ ଲାଭ ଦୃଷ୍ଟିରୁ କଂଚାମାଲ ପରିବର୍ତେ ପ୍ରକ୍ରିୟାକୃତ ଖାଦ୍ୟସାମଗ୍ରୀ ରପ୍ତାନୀ ଉପରେ ସେ ଜୋର ଦେଇଛନ୍ତି । ଆବଶ୍ୟକ ଆର୍ଥିକ ସହାୟତା, ଉନ୍ନତ ଭିତିଭୂମି ଓ ଆଧୁନିକ ବୈଷୟିକ ଜ୍ଞାନ କୃଷକମାନଙ୍କୁ ଉପଲବ୍ଧ କରାଇବାକୁ ହେଲେ ସଂସ୍କାର ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନିକଟରେ ଅନ୍ୟାନ୍ୟ ସେବା ଯୋଗାଣକାରୀ ବା ଓଏସପି ନିୟନ୍ତ୍ରଣରେ ସଂସ୍କାର ଅଣାଯିବା ଯୋଗୁ ଆମର ଯୁବଗୋଷ୍ଠକୁ ଯେ କୌଣସି ସ୍ଥାନରୁ କାମ କରିବାର ସୁଯୋଗ ମିଳିଛି ଓ ଆମର ପ୍ରଯୁକ୍ତି କ୍ଷେତ୍ର ଏହା ଦ୍ୱାରା ସର୍ବାଧିକ ସୁବିଧା ପାଇଛନ୍ତି । ଏଥିରେ ଥିବା ଅନେକ କଟକଣାକୁ ହଟାଇ ଦିଆଯାଇଛି । ଭୂସ୍ଥାନିକ ତଥ୍ୟାବଳୀକୁ ନିକଟରେ କୋହଳ କରିଯାଇଛି । ଏହା ଆମର ଷ୍ଟାର୍ଟଅପ ଓ ବୈଷୟିକ କ୍ଷେତ୍ରକୁ ସାହାଯ୍ୟ କରିବା ସହ ଜନସାଧାରଣଙ୍କ ଜୀବନଧାରଣ ସୁଗମତାରେ ମଧ ବିକାଶ ଘଟାଇଥିବା ସେ କହିଛନ୍ତି ।

### କୋଟିଆ ପ୍ରସଙ୍ଗରେ ....

ଅନୁସାରେ କୋଟିଆ ଓଡିଶାର ଅଂଶ । କୋଟିଆକୁ ଯେତେ ଚେଷ୍ଟା କରିଲେ ବି ଆନ୍ଧ୍ର ନେଇପାରିବ ନାହିଁ । ଯେଉଁଭଳି ଭାବରେ ଆନ୍ଧ୍ର ପ୍ରଦେଶ ସରକାର ଓଡିଶାର ସୀମାବର୍ତୀ କିଛି ଗାଁରେ ଅନୈତିକ ଓ ବେଆଇନ ଭାବରେ ଭୋଟ କରିବା ପାଇଁ ପ୍ରୟାସ କରିଲେ ତାହା ଗ୍ରହଣୀୟ ନୁହେଁ । ଏହାର ଦେଶର ଆଦର୍ଶ ସଙ୍ଘିୟ ବ୍ୟବସ୍ଥା, ସମ୍ବିଧାନର ମୂଳ ଭାବନାକୁ ବିରୋଧ କରୁଛି । ଏପରିକି ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଯେଉଁ ରାୟ ଦେଇଥିଲା ତାହାକୁ ବି ଆନ୍ଧ୍ର ସରକାର ମାନୁନାହାନ୍ତି । ଓଡିଶା ଓ ଆନ୍ଧ୍ର ପ୍ରଦେଶ ଭିତରେ ଥିବା ସାଂସ୍କୃତିକ ସର୍ମ୍ପକ ହଜାର ହଜାର ବର୍ଷର । ଉଭୟ ସୀମାରେ ରହୁଥିବା ଲୋକମାନଙ୍କ ଭିତରେ କାହିଁ କେଉଁ କାଳରୁ ପାରିବାରିକ ଏବଂ ସାଂସ୍କୃତିକ ସର୍ମ୍ପକ ରହିଆସିଛି । ହେଲେ ଆନ୍ଧ୍ର ସରକାରଙ୍କ କାର୍ଯ୍ୟକଳାପ ଦୁଇ ସୀମାର ଲୋକମାନଙ୍କର ଭିତରେ ସୁସର୍ମ୍ପକକୁ ନଷ୍ଟ କରୁଛି ବୋଲି ବିରୋଧୀ ଦଳ ନେତା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।

### ସଚେତନ ହେଲେ ବଢ଼ିବ ନାହିଁ....

ପୁଣିଥରେ ମହାରାଷ୍ଟ୍ରରେ କରୋନା ସଂକ୍ରମଣ ବଢିବା ପରେ ସତର୍କ ରହିବାକୁ କୁହାଯାଇଛି । ଜିଲ୍ଲା ଗୁଡିକରେ କୋଭିଡ ଗାଇଡଲାଇନ୍, ଯେପରି କଡ଼ାକଡ଼ି ପାଳନ ହେବ, ତାହାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି । ସାରାଦେଶରେ ସ୍ୱାଭାବିକ ଭାବେ ଯିବା ଆସିବା ହେଉଛି । ସତର୍କ ନହେଲେ ମହାରାଷ୍ଟ୍ର ଭଳି ପରିସ୍ଥିତି ଓଡ଼ିଶାରେ ଉପୁଜିପାରେ ବୋଲି ଆଶଙ୍କା କରିଛନ୍ତି ପ୍ରଦୀପ୍ତ ମହାପାତ୍ର । କରୋନା ଗାଇଡଲାଇନକୁ କଡ଼ାକଡ଼ି ପାଳନ କରି ସଂକ୍ରମଣ ରୋକିବାକୁ ସେ ପରାମର୍ଶ ଦେଇଛନ୍ତି । ବିଶେଷ କରି ମାର୍କେଟ, ମନ୍ଦିର ଓ ଧର୍ମପୀଠ ଭଳି ଜନଗହଳିପୂର୍ଣ୍ଣ ଅଂଚଳରେ ଅଧିକ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ସେହିପରି କୋଭିଡ ପରୀକ୍ଷାକୁ ମଧ ଜୋର ଦିଆଯାଇଛି । ଗାଇଡଲାଇନ ଅନୁଯାୟୀ ଯଥେଷ୍ଟ ପରିମାଣରେ କୋଭିଡ୍ ପରୀକ୍ଷା କରିବାକୁ ଜିଲ୍ଲାପାଳ, ମୁନିସପାଲ କମିସନରଙ୍କୁ ପରାମର୍ଶ ଦିଆଯାଇଛି । ନିୟମର ଖିଲାପ ନକରିବା ପାଇଁ ସତର୍କବାଣୀ ଶୁଣାଇଛନ୍ତି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ।

### ନୀତି ଆୟୋଗ ବୈଠକରେ ....

ଇତିହାସ କ୍ଷମା କରିବ ନାହିଁ ବୋଲି ଅତି କଡା ଶବ୍ଦରେ କହିଛନ୍ତି ନବୀନ । ଅବହେଳିତ କ୍ଷେତ୍ର ଏବଂ ସମ୍ବେଦନଶୀଳ ଲୋକଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ସର୍ବଭାରତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା ପଦ୍ଧତିରେ ପରିବର୍ତନ ଆଣିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ବିଶ୍ୱ ମହାମାରୀ କରୋନା ଯେଉଁ ଆହ୍ୱାନ ସୃଷ୍ଟି କରିଛି ତାର ମିଳିତ ମୁକାବିଲା ପାଇଁ ପରାମର୍ଶ ଦେଇଛନ୍ତି ନବୀନ ପଟ୍ଟନାୟକ । ଆମେରିକା ଓ ୟୁରୋପୀୟ ଦେଶଗୁଡିକରେ ଏହାର ଅଭାବ ଦେଖା ଦେଇଥିଲା । ଆମ ଦେଶରେ ଏହିଭଳି ମିଳିତ ଉଦ୍ୟମର ଆବଶ୍ୟକତା ରହିଛି । ସଂଘୀୟ ବ୍ୟବସ୍ଥାରେ ଏହା ଜରୁରୀ ମଧ । ସଂକୀର୍ଣ୍ଣ ରାଜନୀତିରୁ ଉପରକୁ ଉଠି ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ଜଟିଳ ପ୍ରସଙ୍ଗରେ ମିଳିତ ପ୍ରୟାସକୁ ହିଁ ଇତିହାସ ମନେ ରଖିବ ବୋଲି ଚେତାଇ ଦେଇଛନ୍ତି ନବୀନ ।

## ରାଜ୍ୟ ସ୍ଥାପନା ଦିବସରେ ମିଜୋରାମବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ,୨୦।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମିଜୋରାମବାସୀଙ୍କୁ ରାଜ୍ୟ ସ୍ଥାପନା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି । ଏକ ଟ୍ୱିଟ ମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, "ମିଜୋରାମର ମୋର ଭଉଣୀ ଏବଂ ଭାଇମାନଙ୍କୁ ରାଜ୍ୟ ସ୍ଥାପନା ଦିବସରେ ଶୁଭ କାମନା । ମହାନ ମିଜୋ ସଂସ୍କୃତି ଲାଗି ପୁରା ଦେଶ ଗର୍ବିତ । ପ୍ରକୃତି ସହିତ ସୁସମ୍ପର୍କରେ ବଞ୍ଚିବା ପାଇଁ ଦୟା ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ ପାଇଁ ମିଜୋରାମର ଲୋକମାନେ ଜଣାଶୁଣା । ରାଜ୍ୟର ନିରନ୍ତର ଅଭିବୃଦ୍ଧି ପାଇଁ ପ୍ରାର୍ଥନା କରୁଛି" ।

## ୫ ଲକ୍ଷ ଟପିଲା କୋଭିଡ୍ ଟୀକାକରଣ, ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୦୨ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଫଳତାର ସହିତ ୫ ଲକ୍ଷ କୋଭିଡ୍ ?-୧୯ର ଟୀକାକରଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ସ୍ୱାସ୍ଥ୍ୟ ବିଭାଗକୁ ଅଭିନନ୍ଦନ ଜଣାଇବା ସହ ଟୀକାକରଣ ପ୍ରକ୍ରିୟାରେ ସାମିଲ ସମସ୍ତଙ୍କୁ ପ୍ରଶଂସା କରିବା କରିଥିଲେ । ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମୀମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ।

## ରାସ୍ତାରେ ବିପଦ ସଂକୁଳ ଅବସ୍ଥାରେ ବିଦ୍ୟୁତ ତାର ଓ ଖୁଣ୍ଟ
## କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ଦାବି

ଉଦଳା ୨୦/୦୨(ନି.ପ୍ର)- କପ୍ତିପଦା ଉପଖଣ୍ଡର ଖୁଣ୍ଟା ବ୍ଲକ ଅନ୍ତର୍ଗତ କରକଚିଆ ଗ୍ରାମପଞ୍ଚାୟତର ମାମୁଡ଼ିଆ ସବ୍‌ଷ୍ଟେସନର ସାନସାତଶୋଳ କେନାଲ ପୋଲ ବରଗଛ ଠାରୁ ଗୋବିନ୍ଦପୁର ଦେଇ ଗୋପିନାଥ ମହାନ୍ତ ଧାନକଳ ପର୍ଯ୍ୟନ୍ତ ଯାଇଥିବା ଏଲ.ଟି. ଲାଇନ ବିଦ୍ୟୁତ ତାର ରାସ୍ତାର ମଧ ଭାଗରେ ଝୁଲି ବିପଦ ସଂକୁଳ ଅବସ୍ଥାରେ ଥିବା ବେଳେ ଏହାକୁ ତୁରନ୍ତ ମରାମତି କରିବାକୁ ଗ୍ରାମବାସୀ ଦାବୀ ଜଣାଇଛନ୍ତି । ପ୍ରକାଶ ଥାଉକି ଏହିଭଳି ଏକ ବିପଦ ସଂକୁଳ ଅବସ୍ଥାରେ ଉକ୍ତ ରାସ୍ତା ଦେଇ ନିୟମିତ ବିଦ୍ୟାଳୟ



ଯାଉଥିବା ପିଲାଙ୍କ ଠାରୁ ଆରମ୍ଭ କରି ଯାତ୍ରୀବାହି ବସ୍, ଟ୍ରକ୍, ଅଟୋ, କମାଣ୍ଡର ଯାତାୟତ କରୁଛି । କୌଣସି ବିପଦ ଘଟିବା ପୂର୍ବରୁ ବିଭାଗୀୟ କତୃପକ୍ଷ ଏ ବାବଦରେ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ମାନେ ଅନୁରୋଧ ଜଣାଇଛନ୍ତି ।

## ଆନ୍ଧ୍ର ପ୍ରଦେଶରେ ଗତ ୨୪ ଘଂଟାରେ କରୋନାର ୫୪ ନୂଆ ମାମଲା

ହାଇଦ୍ରାବାଦ,୨୦।୦୨ (ନି.ପ୍ର): ଆନ୍ଧ୍ର ପ୍ରଦେଶରେ ଗତ ୨୪ ଘଂଟାରେ ୫୪ ନୂଆ କରୋନାର ମାମଲା ସାମନାକୁ ଆସିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୮,୮୯,୨୧୦ ହୋଇଛି । ରାଜ୍ୟରେ ବର୍ତ୍ତମାନ ଯାଏ ୭,୧୬୭ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି ।

## ପୀରବାବା ଖ୍ୱାଜାଗରିବ ନୱାଜ ଚିସ୍ତିଙ୍କ ବାର୍ଷିକ ଉର୍ଷ ଉପଲକ୍ଷେ କବି ସମ୍ମିଳନୀ ଓ କବାଲି କାର୍ଯ୍ୟକ୍ରମ

ଧାମନଗର,୨୦।୦୨ (ନି.ପ୍ର): ମୁସଲମାନ ସମ୍ପ୍ରଦାୟର ଭାରତ ବର୍ଷରେ ସବୁଠାରୁ ବଡ଼ପୀରବାବା ଖ୍ୱାଜାଗରିବ ନୱାଜ ଚିସ୍ତିଙ୍କ ବାର୍ଷିକ ଉର୍ଷ ଉତ୍ସବ ପାଳନ ଅବସରରେ ଧାମନଗର ଏନ୍‌ଏସି ଅନ୍ତର୍ଗତ କୋରେସିମହଲା ଠାରେ (କେ.ଜି.ଏନ୍) କ୍ଲବ ଆନୁକୂଲ୍ୟରେ କବି ସମ୍ମିଳନୀ ଏବଂ କବାଲି କାର୍ଯ୍ୟକ୍ରମ ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ କମିଟି ସଭ୍ୟମାନେ ସକାଳ ସମୟରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ମଜାର ସରିଫରେ ଛଦର ଚଢାଯାଇ ପୁଷ୍ପମାଲ୍ୟ ଅର୍ପଣ କରି ପୀରବାବାଙ୍କ ଦର୍ଶନ କରିଥିଲେ । ରାତ୍ରୀ ସମୟରେ ଅନ୍ୟ ରାଜ୍ୟରୁ ଆସିଥିବା କବାଲି ଟିମ୍ ସାଜନ ସାଦାବ ପାର୍ଟି (କୋଲକତା) ଏବଂ ଅକ୍ରାମ ଇଫସ୍ତେଖାର ପାର୍ଟି (ୟୁପି) ଦୁଇ ଦଳ ମଧରେ କବାଲି





କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଧାମନଗର ଅଞ୍ଚଳର ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ସମାଜସେବୀ ଲମ୍ବୋଦର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ସେକ୍ ଅବଦୁଲ୍ ହକିମ୍, ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ ପ୍ରମୁଖ ଯୋଗଦେଇ କବାଲି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ପୀରବାବା ଖ୍ୱାଜା ଗରିବ ନୱାଜଙ୍କ ନୀତି ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରମ୍ପରା ଅନୁସାରେ ଦୀର୍ଘ ବର୍ଷଧରି ଏହି ଉର୍ଷ ଉତ୍ସବରେ କବାଲି କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ପାଳନ କରାଯାଇଥାଏ । ଏଥର କୋଭିଡ଼ କଟକଣା ହେତୁ କବାଲି କାର୍ଯ୍ୟକ୍ରମ ଫିକା ପଡ଼ିଥିବାବେଳେ ପ୍ରଶାସନ ନିର୍ଦ୍ଦେଶ କ୍ରମେ ମାସ୍କ, ସାନିଟାଇଜରର ବ୍ୟବହାର କରି ନିରାଡ଼ମ୍ବର ଭାବେ ଏହି କାର୍ଯ୍ୟକ୍ରମକୁ ପାଳନ କରାଯାଇଛି । କେଜିଏନ୍ କ୍ଲବର କର୍ମକର୍ତ୍ତା ସେକ୍ ଜାହାଙ୍ଗିର, ସେକ୍ ବାବୁ, ସେକ୍ ଅସକରୀ, ସେକ୍ ଅନ୍ ଅହେମଦ୍ ଚିସ୍ତି, ସେକ୍ ସଲାଉଦ୍ଦିନ୍ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କମିଟିର ସଭାପତି ସେକ୍ ଗୋଲାମ ଅହେମଦ୍ ଚିସ୍ତି, ସମ୍ପାଦକ ସେକ୍ ଅଫସର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମାଲଦ୍ୱୀପ ଗସ୍ତ

ନୂଆଦିଲ୍ଲୀ,୨୦।୦୨ (ନି.ପ୍ର): ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମାଲଦ୍ୱୀପ ଗସ୍ତ ସମୟରେ ଭିତିଭୂମି ବିକାଶ ଏବଂ ଗୃହ ନିର୍ମାଣ, ମତ୍ସ୍ୟ ପ୍ରକ୍ରିୟାକରଣ ଏବଂ ପ୍ରସାରଣ ସମ୍ବନ୍ଧୀତ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ଆଜି ଦୁଇଦିନିଆ ମାଲଦ୍ୱୀପ ଗସ୍ତକରି ମାଲେ ଠାରେ ପହଂଚିଥିଲେ । ସେଠାରେ ସେ ଭାରତ ସହାୟତାରେ ନିର୍ମିତ ଏକ ନୂଆ ଷ୍ଟାଡିୟମର ଉଦ୍‌ଘାଟନ କରିଥିଲେ । ସେଠାରେ ସେ ମାଲଦ୍ୱୀପର ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ସହିଦଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । କରୋନା ମହାମାରୀର ମୁକାବିଲା ପାଇଁ ଏକଲକ୍ଷ ଅତିରିକ୍ତ ଭାକସିନ୍ ପ୍ରଦାନ କରିଥିଲେ । ମହାମାରୀ ପରେ ଆର୍ଥିକ ପରିସ୍ଥିତିର ପୁନରୁଦ୍ଧାର ଉପରେ ଦୁଇ ବୈଦେଶିକ ମନ୍ତ୍ରୀ ଆଲୋଚନା କରିଥିଲେ । ଏହି ଅବସରରେ ମାଲଦ୍ୱୀପର ବୈଦେଶିକ ମନ୍ତ୍ରୀ ଭାରତୀୟ ନିବେଶକମାନଙ୍କୁ ତାଙ୍କ ଦେଶକୁ ନିମନ୍ତ୍ରଣ କରିଥିଲେ । ଏହି ଯାତ୍ରା ସମୟରେ ମନ୍ତ୍ରୀ ଜୟଶଙ୍କର ମାଲଦ୍ୱୀପର ରାଷ୍ଟ୍ରପତି ଇବ୍ରାହିମ୍ ସୋଲେହଙ୍କୁ ମଧ ସାକ୍ଷାତ କରିବେ । ଏହାପରେ ବୁଧବାର ଦିନ ସେ ମରିସସ୍ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ।

ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

## ଭଦ୍ରକ ସାଂସଦଙ୍କ ବାସଭବନ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟିର ଧାରଣା

ଭଦ୍ରକ,୨୦।୦୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଆଜି ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଭଦ୍ରକ ଜିଲାର ମାନନୀୟା ସାଂସଦ ମଂଜୁଲତା ମଣ୍ଡଳଙ୍କ ବାସଭବନ ସମ୍ମୁଖରେ ଧାରଣାରେ ବସିଥିଲେ । ଏ ସଂପର୍କରେ ତାଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା । ଏହା ପୂର୍ବରୁ କମିଟି ତରଫରୁ ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ବାସଭବନ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କ ବାସଗୃହ ଏବଂ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ବାସଭବନ ସମ୍ମୁଖରେ ଧାରଣାରେ ବସିଥିଲେ । ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ଦୃଷ୍ଟିରୁ ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଭଦ୍ରକବାସୀ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ




ଦାବୀ କରି ଆସୁଥିଲେ ମଧ୍ୟ, ସରକାର ଏହାକୁ ଅଣଦେଖା କରି ଆସୁଛନ୍ତି । ବିଗତ କିଛି ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ରାଜ୍ୟରେ ମେଡିକାଲ ପ୍ରତିଷ୍ଠା ସଂପର୍କରେ ଘୋଷଣା ହୋଇଥିଲେ ମଧ୍ୟ ଭଦ୍ରକ ସେଥିରୁ ବାଦ ପଡିଛି । ଭଦ୍ରକ ଆଖପାଖ ପଡୋଶୀ ଜିଲାର ବହୁ ଅଧିବାସୀ ସ୍ୱାସ୍ଥ୍ୟ ସେବା ନିମନ୍ତେ ଭଦ୍ରକ ଉପରେ ନିର୍ଭର କରୁଥିଲେ ହେଁ,ଏହା କହିବା ବାହୁଲ୍ୟ, ଭଦ୍ରକରେ ସ୍ୱାସ୍ଥ୍ୟ ସେବା ବର୍ତ୍ତମାନ ବିପର୍ଯ୍ୟସ୍ତ ସ୍ଥିତିରେ ପହଞ୍ଚିଛି । ଭଦ୍ରକର ରୋଗୀମାନଙ୍କୁ ବାରମ୍ବାର କଟକ ମେଡିକାଲ ପଠାଯାଉଥିବାରୁ, ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଅଧାରୁ ଅଧିକ ଜନସଂଖ୍ୟା ଏଥି ନିମନ୍ତେ ହନ୍ତସନ୍ତ ହେଉଛନ୍ତି । ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଭଦ୍ରକରେ ସମସ୍ତ ଭିତିଭୂମି ଉପଲବ୍ଧ ରହିଛି । ୨୦୨୦ ମସିହା ଫେବୃୟାରୀ ମାସ ପତ୍ରରେ କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟ ସରକାରଙ୍କୁ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ସଂପର୍କରେ ଏକ ପତ୍ର ଆସିଥିଲା । ଏହି ପତ୍ରରେ ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସଂଖ୍ୟା ଲଘୁ ମନ୍ତ୍ରାଳୟକୁ ପ୍ରସ୍ତାବ ପଠାନ୍ତୁ ବୋଲି ଅନୁରୋଧ କରାଯାଇଥିଲା । ଫଳରେ 'ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମ' ଆଧାରରେ ଏହା କାର୍ଯ୍ୟକାରୀ ହୋଇପାରିବ । ଏହି ପତ୍ରରେ କେନ୍ଦ୍ର ସରକାରଙ୍କ ତରଫରୁ ସମୁଦାୟ ଅଂଶଧନର ୬୦% ବହନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ, ରାଜ୍ୟ ସରକାର ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କାହିଁକି ପ୍ରସ୍ତାବ ଦେଉନାହାନ୍ତି, ଏହା ଭଦ୍ରକବାସୀଙ୍କ ପାଇଁ ରହସ୍ୟର କାରଣ ହୋଇ ରହିଛି । କ୍ରିୟାନୁଷ୍ଠାନ କମିଟି ତରଫରୁ ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯାଇଛି । ଆଗାମୀ ଦିନରେ ଭଦ୍ରକର ସାଂସଦ ଏବଂ ଚାନ୍ଦବାଲି ବିଧାୟକ ଓ ବାସୁଦେବପୁର ବିଧାୟକଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବାର ଯୋଜନା ରହିଛି । ଆବଶ୍ୟକ ହେଲେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଅଧିବେଶନ ଚାଲିଥିବା ସମୟରେ କ୍ରିୟାନୁଷ୍ଠାନ କମିଟି ଭୁବନେଶ୍ୱରରେ ଧାରଣାରେ ବସିବ । ଏହି ଆନ୍ଦୋଳନ ସହିତ ଭଦ୍ରକବାସୀଙ୍କର ସ୍ୱାଭିମାନ ଓ ଭାବାବେଗ ଜଡିତ ରହିଥିବାରୁ ଦାବୀ ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ପଷ୍ଟ ଶବ୍ଦରେ ଘୋଷଣା କରାଯାଇଛି ।

## କୃଷି ଓଭରସିୟର ସଂଘର ସମ୍ପାଦକ ହେଲେ ତୁଷାରକାନ୍ତି ମହାନ୍ତି

ବାରିପଦା,୨୦।୦୨ (ନି.ପ୍ର): ଆଜି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ଖସଡ଼ା ଅନୁସାରେ ବାରିପଦା କୃଷି ସୂଚନା ଓ ଉପଦେଷ୍ଟା କେନ୍ଦ୍ର ପରିସରରେ ମୟୂରଭଞ୍ଜ କୃଷି ଓଭରସିୟର ସଂଘର ସାଧାରଣ ପରିଷଦ ବୈଠକ ଓଡ଼ିଶା କୃଷି ଓଭରସିୟର ସଂଘର ମୟୂରଭଞ୍ଜ ଶାଖା ସଭାପତି ଭାବେ ତୁଷାରକାନ୍ତି ମହାନ୍ତି ନିର୍ବାଚିତ ହୋଇଛନ୍ତି ଏବଂ ଆଗାମୀ ଦିନରେ କୃଷି ଓଭରସିୟର ସଂଘକୁ ଅଧିକ ସୁଦୃଢ଼ ଓ ଶସକ୍ତ କରି ଗଢ଼ି ତୋଳିବା ସାଙ୍ଗକୁ କୃଷି ଓ କୃଷକମାନଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ କରିବେ । ଏଥିସହିତ ସଂଘର ସମସ୍ତ ସଦସ୍ୟ ଓ ସଦସ୍ୟାମାନଙ୍କ ବିଭିନ୍ନ ସମସ୍ୟା, ଦାବିଗୁଡ଼ିକ ଉପରିସ୍ଥ ପଦାଧିକାରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା ମାଧମରେ ସମାଧାନ କରାଇବେ ବୋଲି ସଂଘର ନବନିର୍ବାଚିତ ସମ୍ପାଦକ ଶ୍ରୀମହାନ୍ତି ପ୍ରକାଶ କରିଛନ୍ତି । ସେହିପରି ଅଧକ୍ଷ ଭାବେ ମକରଚାନ୍ଦ ମହାନ୍ତ ନିର୍ବାଚିତ ହୋଇଥିବା ବେଳେ ସଭାପତି ଭାବେ ତାରାକାନ୍ତ ଦାସ, ଉପସଭାପତି- ପ୍ରଦୀପ ମହାନ୍ତ ଓ ସମୀତା ପଟ୍ଟନାୟକ, ଯୁଗ୍ମ-ସମ୍ପାଦକ- ଅଭିମନ୍ୟୁ ପରିଡ଼ା, କୋଷାଧକ୍ଷ- ଜୟରାମ ମହାନ୍ତ, ସାଙ୍ଗଠନିକ ସମ୍ପାଦକ- ହିମାଂଶୁ ରାଉତ, ବିଦ୍ୟାଧର ବେହେରା, ସିଲନ କୁମାର ଦାସ ଓ ସୁଶୀଲ କୁମାର ସେଠୀ, କାଉନସିର ସଦସ୍ୟ ଭାବେ କମଲ ଲୋଚନ ନାଏକ(ବାରିପଦା), ସଞ୍ଜୀବ କୁମାର ମହାପାତ୍ର(ଉଦଳା), ପ୍ରଦୀପ କୁମାର ମଲ୍ଲିକ (ବାଙ୍ଗିରିପୋଷି), ପ୍ରଦୀପ କୁମାର ଭଞ୍ଜ(ବେତନଟୀ), କଗପୁର), ମାନସରଞ୍ଜନ ରାଉତରାୟ (ବହଳଦା), ଉମେଶ ଚନ୍ଦ୍ର ବେହେରା(ଯଶୀପୁର), ସଞ୍ଜୟ କୁମାର ସାମଲ(କରଞ୍ଜିଆ) ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ଜାମିନୀକାନ୍ତ ଗିରି ମନୋନୀତ ହୋଇଥିଲେ । ଶେଷରେ ସଂଘର ନବନିର୍ବାଚିତ ସମସ୍ତ କର୍ମକର୍ତା, ସଦସ୍ୟମାନେ କୃଷି ଓ କୃଷକମାନଙ୍କର ଉନ୍ନତି କାମନା କରିବା ସହ କୃଷି ସମ୍ପ୍ରସାରଣ ଯେପରି କୃଷକମାନଙ୍କ ପାଖରେ ପହଂଚି ପାରିବ ସେଥିପ୍ରତି ସତର୍କ ରହିବା ତଥା କୃଷି ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା କାର୍ଯ୍ୟକ୍ରମର ସଫଳତା ପାଇଁ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ ।

# ଗୋଟିଏ ଦିନରେ ୬୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୦।୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୬୫୭୮ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୩୯୮୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୬୩୧ ରହିଛି । ଆଜି ଚିହ୍ନଟ ହୋଇଥିବା ୬୫ ଜଣଙ୍କ ମଧ୍ୟରୁ ୩୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୧୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରୁ ୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ, ଭଦ୍ରକ ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକ ଜିଲ୍ଲାରୁ ୪ ଓ ଦେବଗଡ ଜିଲ୍ଲାର ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ, ଗଜପତି ଓ ଗଂଜାମ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୩ ଜଣ, ଝାରସୁଗୁଡ଼ାରୁ ୫ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ, କେନ୍ଦ୍ରାପଡା ଓ କେନ୍ଦୁଝର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ଦେବୀ ମା' ମନ୍ତ୍ରବାସୁଳୀ ଓ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ଦିବ୍ୟ ବିଗ୍ରହ ସ୍ଥାପନ ଉତ୍ସବ



ଧାମନଗର,୨୦।୦୨ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ବୟାଳଗଡ଼ିହ ପଂଚାୟତ ଦେବୀପୀଠ କମାରବନ୍ଧ ଗ୍ରାମଠାରେ ଶ୍ରୀ ଶ୍ରୀ ଦେବୀ ମା' ମନ୍ତ୍ରୀ ବାସୁଳୀ ଓ ଶ୍ରୀ ଶ୍ରୀ ବାବା ରାମେଶ୍ୱର ମହାଦେଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ଦିବ୍ୟ ବିଗ୍ରହ ସ୍ଥାପନ ଉତ୍ସବ ପବିତ୍ର ଓ ପାବନ ଅବସରରେ ଶୁଭାରମ୍ଭ ହୋଇଛି। ମନ୍ଦିର କମିଟି ପକ୍ଷରୁ ଆୟୋଜିତ ଏହି ଭକ୍ତିପୂତ କାର୍ଯ୍ୟକ୍ରମ ଅବସରରେ ୧୯ତାରିଖ ଶୁକ୍ରବାର ଠାରୁ ଶୁଭାଧିବାସ ହୋଇଥିବାବେଳେ ଶନିବାର ସକାଳ ୯ଘଟିକାରେ ବନ୍ଧଟିଆ ଠାରୁ କମାରବନ୍ଧଯାଏ ୧୨୧ମହିଳା ଶ୍ରଦ୍ଧାଳୁ ମାନଙ୍କ ପକ୍ଷରୁ ଜଳାଧିବାସ ନିମନ୍ତେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଭକ୍ତି ଓ ଶ୍ରଦ୍ଧା ସନ୍ନିବେଶିତ କାର୍ଯ୍ୟକ୍ରମରେ ଗଞ୍ଜାମର ଯୋଡ଼ିଶଙ୍ଖ ଓ ଅନ୍ୟ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ତ୍ରିଦିନ ବ୍ୟାପ୍ତ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅବସରରେ ଘଟମଣ୍ଡିଳୀ ପୂଜା ପରେ ମହାଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଜଗତଗୁରୁ ସ୍ୱାମୀ ଶ୍ରୀ କୃପାଳୁ ଜୀ ମହାରାଜଙ୍କ ବରିଷ୍ଠ ଶିଷ୍ୟା ସୁଶ୍ରୀ ବ୍ରଜ ଚକୋରୀ ଦେବୀଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପାବନ କାର୍ଯ୍ୟକ୍ରମ ଓ ପୂଜା ଆସନ୍ତା ୨୨ତାରିଖରେ ଶେଷ ହେବାସହ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭକ୍ତି ଓ ଶ୍ରଦ୍ଧାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଏଥିରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ଦେବୀପୀଠ କମାରବନ୍ଧ, କୋଠାର, ଧାମନଗରର ଭକ୍ତ ଓ ଶ୍ରଦ୍ଧାଳୁ ଗ୍ରାମବାସୀମାନେ ପ୍ରଣାମାଞ୍ଜଳି ପୂର୍ବକ ନିବେଦନ କରିଛନ୍ତି।

# ତାମିଲନାଡୁରେ ମୃତ ଦୁଇ ଦାଦନ ଶ୍ରମିକଙ୍କ ଘରେ ପ୍ରତାପ ଷଡଙ୍ଗୀ



ବାଲିଆପାଳ,୨୦।୦୨ (ନି.ପ୍ର): ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଆଜି ସଂନ୍ଧ୍ୟାରେ ବାଲିଆପାଳ ଗସ୍ତରେ ଆସି ସୂଦୁର ତାମିଲନାଡୁରେ ମୃତ୍ୟୁବରଣ କରିଥିବା ଦୁଇ ଦାନ ଶ୍ରମିକଙ୍କ ପରିବାରକୁ ଭେଟିଛନ୍ତି । କେନ୍ଦ୍ର ମନ୍ତ୍ରୀ ପ୍ରଥମେ ମୃତ ବଳରାମଙ୍କ ଘରେ ପହଁଚି ତାଙ୍କର ପିତା ମାତା ଏବଂ ପତ୍ନିଙ୍କୁ ସମବେଦନା ଜଣାଇବା ସହ ଦୁଇ ମାସର ଶିଶୁ ପୁତ୍ରର ଲାଳନ ପାଳନ ଓ ପାଠ ପଢା ଖର୍ଚ୍ଚ ବହନ କରିବା ଓ ବିଧବା ପତ୍ନୀଙ୍କୁ ସରକାାରୀ ଚାକିରୀପାାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ପରେ ମୃତକ ଜନ୍ମଜୟଙ୍କ ଘରେ ପହଁଚିଥିଲେ । ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରି ବିଷ୍ଣୁପୁର ପଂଚାୟତରେ ଅଧିକାଁଶ ଗରିବ ହରିଜନ ପରିବାର ରହୁଥିବାରୁ ସେମାନଙ୍କର ଅର୍ଥୀକ ଉନ୍ନତି ପାଇଁ ତାଙ୍କ ଅଧିନରେ ଥିବା ଏମ.ଏସ.ଏମଇ, ମତ୍ସ୍ୟ ବିଭାଗ, ଗୋପାଳନ ପ୍ରଭୃତି ଯୋଜନା ପ୍ରସ୍ତୁତ କରି ବେକାର ଯୁବକ ମାନଙ୍କୁ ଆତ୍ମନିର୍ଭଶୀଳ କରିବାର ପ୍ରତିଶୃତି ଦେଇଥିଲେ । ଏଥିସହ ଦୁଇ ପରିବାର କୁ ଶୁଦ୍ଧି କ୍ରିୟା ପାଇଂ ୫ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ସହ ବ୍ଲକର ନେତୃମଣ୍ଡଳୀ ଓ କର୍ମୀମାନେ ଉପସ୍ଥିତ ଥିଲେ। ସୂଚନା ଯୋାଗ୍ୟ କରୋନା କଟକଣା କୋହଳ ହେବା ପରେ ଏହି ବ୍ଲକ ଅଧିନସ୍ଥ ବିଷ୍ଣୁପୁର ପଂଚାୟତର ୪୦ରୁ ଉର୍ଦ୍ଧ ଶ୍ରମିକ ଜଣେ ଶ୍ରମିକ ଦଲାଲଙ୍କ ମାଧ୍ୟମରେ ଦୁଇମାସ ତଳେ ତାମିଲନାଡୁ ଯାଇଥିଲେ । ସେଠାରେ କୋଏମ୍ବାଟୁର ଜିଲ୍ଲା ତ୍ରିଚୁର ଅଂଚଳରେ କମ୍ପୁନା ସୂତାକଳରେ ଏହି ଶ୍ରମିକ ମାନେ କାର୍ଯ୍ୟ କରୁଥିଲେ । ଗତ ୧୨ ତାରିଖରେ ସୂତାକଳରେ ଅଗ୍ନିକାଣ୍ଡ ଘଟିବାରୁ ନୟାବାଲି ଗ୍ରାମର ଗଦାଧର ମଙ୍ଗରାଜଙ୍କ ପୁଅ ବଳରାମଙ୍କର ସେଠଅରେ ମୃତ୍ୟୁ ହୋଇଥିଲା । ଦୁଇ ଦିନ ପରେ ବିଷ୍ଣୁପୁର ଗ୍ରାମର ହାଡିବନ୍ଧୁ ଗଙ୍ଗାଇଙ୍କ ଜନ୍ମଜୟଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା । ସୂତାକଳ କର୍ତ୍ତୃପକ୍ଷ ମୃତ ଶ୍ରମିକଙ୍କ ଶବକୁ ଗ୍ରାମକୁ ନପଠାଇ ସେଠାରେ ପୋଡି ଦେଇଥିଲେ । ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଅଂଚଳିକ ଶ୍ରମ ଅଧିକାରୀ ଅଜୟ କୁମାର ପ୍ରଧାନ ଏବଂ ବାଲିଆପାଳ ତହସିଲଦାରଙ୍କ ପକ୍ଷରୁ ଆର.ଆଇ ଶରତ ଚନ୍ଦ୍ର ବେହେରା ମୃତକଙ୍କ ଘରକୁ ଯାଇ ସମସ୍ତ ବିଷୟ ପଚାରି ବୁଝିଥିଲେ । ତେବେ ଏ ପର୍ଯ୍ୟନ୍ତ ଏହି ଦୁଇ ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ କିଛି ଅର୍ଥୀକ ସହାୟତା ମିଳିପାରି ନାହିଁ ।

# ସଚେତନ ନହେଲେ ଫେରିବ ଲକ୍ ଡାଉନ୍

କଟକ/ ଭୁବନେଶ୍ୱର,୨୦।୦୨ (ନି.ପ୍ର): ପୁଣିଥରେ ରାଜ୍ୟରେ ଲାଗୁ ହୋଇପାରେ ଲକ୍ ଡାଉନ୍। ରାଜ୍ୟରେ ବର୍ତମାନ କୋଭିଡ କେସ୍ ସଂଖ୍ୟା କମୁଛି। ଏବେ ଲକଡାଉନ ସମ୍ଭାବନା ନାହିଁ କିନ୍ତୁ ଏହାକୁ ଏଡାଇ ହେବ ନାହିଁ। ତେବେ ଲୋକେ ନିଜେ ସଚେତନ ନ ରହିଲେ, ପୁଣି ଥରେ ଓଡ଼ିଶାକୁ ଲକଡାଉନ୍ ଫେରିପାରେ ବୋଲି ଡିଏମଇଟି ସିବିକେ ମହାନ୍ତି ସତର୍କ କରାଇଛନ୍ତି। ସେ କହିଛନ୍ତି ଯେ ଭାରତର ସ୍ଥିତିକୁ ଦେଖିଲେ ଓଡ଼ିଶାର ଅବସ୍ଥା ଭଲ ଅଛି। ରାଜ୍ୟରେ କଂଟେନମେଂଟ ବ୍ୟବସ୍ଥା ବନ୍ଦ ହୋଇନାହିଁ। ତେବେ ଆବଶ୍ୟକତା ଅନୁସାରେ ସବୁ ପଦକ୍ଷେପ ନିଆଯିବ। ଏଥିଲାଗି ରାଜ୍ୟ ସରକାର ଆମକୁ ନିର୍ଦ୍ଦେଶ ଦେଇଛନ୍ତି। ଲକଡାଉନ୍ ଓ ସଟଡାଉନର ଆବଶ୍ୟକତା ପଡ଼ିଲେ ପୁଣି ତାହା କରାଯିବ ବୋଲି ସେ କହିଛନ୍ତି। ସର୍ଭେଲାନ୍ସ ଟିମ୍ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିଛନ୍ତି। ତଥାପି ଯେଉଁମାନଙ୍କର କରୋନାର କୌଣସି ବି ଲକ୍ଷଣ ଦେଖାଗଲେ ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ଡିଏମଇଟି ସିବିକେ ମହାନ୍ତି କହିଛନ୍ତି।

# ମାର୍ଚ୍ଚ ୧୩ରେ ବେରବୋଇ ଠାରୁ କଂଗ୍ରେସର ସଦ୍‌ଭାବନା ପଦଯାତ୍ରା

ଭୁବନେଶ୍ୱର,୨୦।୦୨ (ନି.ପ୍ର): ଜାତିରପିତା ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ଶତବାର୍ଷିକ ପୂର୍ତ୍ତି ଓ ଓଡିଶା କଂଗ୍ରେସର ୧୦୦ ବର୍ଷ ପୂର୍ତି ଅବସରରେ ପୁରୀ ଜିଲ୍ଲା କଂଗ୍ରେସ ସେବାଦଳ ପକ୍ଷରୁ ଆସନ୍ତା ମାର୍ଚ୍ଚ୧୩ ଓ ୧୪ ତାରିଖ ଦୁଇଦିନ ବ୍ୟାପୀ 'ସଦ୍‌ଭାବନା ପଦଯାତ୍ରା'ର ଆୟୋଜନ କରାଯାଇଛି। ଏହି ଉପଲକ୍ଷେ ୧୩ ତାରିଖ ସକାଳ ୭ ଟା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଗାନ୍ଧୀ ସ୍ମାରକୀ ପୀଠ ତଥା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କର୍ମଭୂମି ବେରବୋଇ ଠାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏହି ପଦଯାତ୍ରାକୁ ଉଦ୍‌ଘାଟନ କରିବେ ବୋଲି ପୁରୀ ଜିଲ୍ଲା କଂଗ୍ରେସ ସେବାଦଳ ମୁଖ୍ୟ ସଂଗଠକ ବିଶ୍ୱକେତନ ହରିଚନ୍ଦନ ମହାପାତ୍ର ସୂଚନା ଦେଇଛନ୍ତି। ଏହି ପଦଯାତ୍ରା ପଟ୍ଟନାୟିକିଆ ଛକ ଦେଇ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗ୍ରାମରେ ପହଂଚିବ। ଏହିଦିନ ସନ୍ଧ୍ୟା ସମୟରେ ଗାନ୍ଧୀ, ଗୋପବନ୍ଧୁ ଓ କଂଗ୍ରେସକୁ ନେଇ ଏକ ସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୧୪ ତାରିଖ ସକାଳ ୮ ଘଟିକା ସମୟରେ ପଦଯାତ୍ରା ସୁଆଣ୍ଡୋ ଠାରୁ ବାହାରି ପୁରୀ ଗାନ୍ଧୀଘାଟ ଠାରେ ସମାପନ ହେବ। ଏହି ପଦଯାତ୍ରା କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଗୁଜୁରାଟରେ ଓଡ଼ିଆ ପଥର ମୂର୍ତ୍ତି କାରିଗରଙ୍କ ଦୁର୍ଘଟଣାରେ ମୃତ୍ୟୁ



ନୀଳଗିରି,୨୦।୦୨ (ନି.ପ୍ର): ନୀଳଗିରି ଅଂଚଳର ପଥର ମୂର୍ତି କାରିଗରଙ୍କ ଟ୍ରକ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି । ଏହି ଘଟଣା ପ୍ରଚାରିତ ହେବା ପରେ ମୃତକର ପରିବାର ଓ ସ୍ଥାନୀୟ ଅଂଚଳରେ ଶୋକାକୂଳ ପରିବେଶ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ କାଣ୍ଡଗରଡ଼ି ପଂଚାୟତର ଚିନ୍ତାମଣିପୁର ଗ୍ରାମର ବାଇଧର ନାଥଙ୍କର ଏକମାତ୍ର ରୋଜଗାରିଆ ପୁଅ ମାଧବନାଥ (୨୨) ଗୁଜୁରାଟର ପଥର ମୂର୍ତି କାରିଗର କରି ପରିବାର ଭରଣପୋଷଣ କରି ଆସୁଥିଲା। ନିଜ ମାଆର ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରପଚାର ପାଇଁ ଅର୍ଥର ଆବଶ୍ୟକ ଥିବାରୁ ଗତ ୧୭/ ୦୨/୨୦୨୧ ତାରିଖରେ ଗୁଜୁରାଟ ଫେରିଯାଇଥିଲେ । କମ୍ପାନୀର ନିତିନିୟମ ଅନୁଯାୟୀ କୋଭିଡ ଟେଷ୍ଟ ପରେ କଂପାନୀରେ ଯୋଗଦାନ ପାଇଁ ଗୁଜୁରାଟର ଧରମପୁର ମେଡିକାଲକୁ ନିଜ ବାଇକରେ ୧୮ତାରିଖରେ ଯାଉଥିବା ବେଳେ ହଠାତ୍ ଏକ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ମାଧବର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ସଂଗେ ସଂଗେ ଧରମପୁର ମେଡିକାଲ କୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ମାଧବର ସହଯୋଗୀ ବରୁଣ କୁମାର ବାରିକ ଙ୍କ ସହଯୋଗରେ ଶବ କୁ ଧରି ଆମ୍ବୁଲାନ୍‌ସରେ ନିଜ ପୈତୃକ ଗାଁ ଚିନ୍ତାମଣିପୁର କୁ ପଠାଇଥିଲେ । ମରଶରୀର ଶନିବାର ଦିନ ଗାଁରେ ପହଂଚିଲା ପରେ ଗାଁରେ ଏକ ପ୍ରକାର ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । ଏକମାତ୍ର ରୋଜଗାରିଆ ପୁତ୍ରକୁ ହରାଇ ବାପାମାଆ ଦୁନିଆରେ ଏକାକୀ ହୋଇଯାଇଛନ୍ତି । ମାଧବ ଜଣେ ସରଳ,ମେଳାପି, ମିଷ୍ଟଭାଷୀ, ପରୋପକାରୀ, ବିଶ୍ୱାସୀ ଯୁବକ ଭାବେ ଅଂଚଳର ବେଶ ଜଣାଶୁଣା ଥିଲେ ।

# ରାଜ୍ୟର ସମସ୍ତ ଜିଲ୍ଲାରେ ସାଇନ୍ସ ପାର୍କ ପ୍ରତିଷ୍ଠା ହେବ : ମନ୍ତ୍ରୀ

ଭୁବନେଶ୍ୱର,୨୦।୦୨ (ନି.ପ୍ର): ରାଜ୍ୟର ସମସ୍ତ ଜିଲ୍ଲାରେ ସାଇନ୍ସ ପାର୍କ ପ୍ରତିଷ୍ଠା କରିବା ପାଇଁ ସରକାର ନିଷ୍ପତି ନେଇଛନ୍ତି ବୋଲି ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସଭ୍ୟ ସୁଧିର କୁମାର ସାମଲଙ୍କ ଏକ ପ୍ରଶ୍ନର ଉତର ଦେଇ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧିନରେ ଥିବା ନ୍ୟାସନାଲ୍ କାଉନସିଲ୍ ଅଫ୍ ସାଇନ୍ସ ମ୍ୟୁଜିୟମ୍‌ଙ୍କ ଦ୍ୱାରା ଦୁଇଗୋଟି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସେଗୁଡ଼ିକ ମଧ୍ୟରେ ପ୍ରଥମଟି ଆଂଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଠାରେ ଓ ଦ୍ୱିତୀୟଟି ବିଜ୍ଞାନକେନ୍ଦ୍ର ଢେଙ୍କାନାଳ ଠାରେ ଅବସ୍ଥାପିତ। ଏତଦ୍‌ବ୍ୟତୀତ ଏକ ଜିଲ୍ଲା ବିଜ୍ଞାନକେନ୍ଦ୍ର ବରଗଡ଼ ଜିଲ୍ଲାର ଟୁକୁର୍ଲା ଠାରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ନିର୍ମାଣ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଦଫାରେ ରାଜ୍ୟର ୧୦ଗୋଟି ଜିଲ୍ଲା ଯଥା ଗଞ୍ଜାମ, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ଭଦ୍ରକ, ପୁରୀ, ବଲାଙ୍ଗୀର, ସୁନ୍ଦରଗଡ଼, ଜଗତସିଂହପୁର ଜିଲ୍ଲା ବିଜ୍ଞାନ ପାର୍କ ପ୍ରତିଷ୍ଠା କରିବା ପାଇଁ ଯୋଜନା ରହିଛି। ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଜିଲ୍ଲା ବିଜ୍ଞାନକେନ୍ଦ୍ର ଏବଂ ପ୍ଲାନେଟୋରିୟମ ନିର୍ମାଣଧୀନ ଅଛି। ସେହିପରି କୋରାପୁଟ ଜିଲ୍ଲାରେ ଜିଲ୍ଲା ବିଜ୍ଞାନକେନ୍ଦ୍ର ଏବଂ ରାୟଗଡ଼ ଜିଲ୍ଲାରେ କେବଳ ପ୍ଲାନେଟୋରିୟମ୍ ନିର୍ମାଣଧୀନ ଅଛି। ପରବର୍ତି ସମୟରେ ଆର୍ଥିକ ପରିସ୍ଥିତିକୁ ବିଚାର କରି ଅନ୍ୟ ଜିଲ୍ଲାଗୁଡ଼ିକରେ ବିଜ୍ଞାନ ପାର୍କ ପ୍ରତିଷ୍ଠା ପାଇଁ ବିଚାର କରାଯିବ ବୋଲି ମନ୍ତ୍ରୀ ଉତରରେ କହିଥିଲେ।

# ୨୦୨୦ ଡିସେମ୍ବରରେ ଓଡ଼ିଶାରେ ନୂତନ ଗ୍ରାହକ ଯୋଗକରିବାରେ ଜିଓ ଶୀର୍ଷରେ: ଟ୍ରାଇ ତଥ୍ୟ

ଭୁବନେଶ୍ୱର,୨୦।୦୨ (ନି.ପ୍ର): ଓଡ଼ିଶାରେ ସବୁଠାରୁ ପସନ୍ଦଯୋଗ୍ୟ ଡିଜିଟାଲ ସେବା ଯୋଗାଣକାରୀ ଭାବରେ ନିଜର ନେତୃତ୍ୱ ସ୍ଥିତିକୁ ପୁନଃ ସୁଦୃଢ କରି ରିଲାଏନ୍ସ ଜିଓ ପୁନଷ୍ଚ ସର୍ବାଧିକ ସଂଖ୍ୟକ ଗ୍ରାହକ ଯୋଗ କରିଛି । ଡିସେମ୍ବର ମାସରେ ଜିଓ ଓଡିଶାରେ ପାଖାପାଖି ୨ଲକ୍ଷ ଗ୍ରାହକ ଯୋଗକରିଥିବା ଭାରତର ଦୂରସଂଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ପକ୍ଷରୁ ନିକଟରେ ପ୍ରକାଶିତ ଟେଲିକମ୍ ଗ୍ରାହକ ତଥ୍ୟରେ କୁହାଯାଇଛି । ଏଥିସହିତ ରିଲାଏନ୍ସ ଜିଓ ରାଜ୍ୟରେ ପ୍ରାୟ ୪୧ ପ୍ରତିଶତ ଗ୍ରାହକ ବଜାର ଅଂଶ ଏବଂ ରାଜ୍ୟରେ ଏହି କ୍ଷେତ୍ରରେ ୫୦ ପ୍ରତିଶତରୁ ଅଧିକ ମୋଟ ରାଜସ୍ୱ ବଜାର ଅଂଶ ଦଖଲ କରି ନିଜର ଦୃଢ ସ୍ଥିତିକୁ ଅଧିକ ମଜଭୁତ କରିପାରିଛି । ରିଲାଏନ୍ସ ଜିଓ ସମ୍ପ୍ରତି ଓଡ଼ିଶାରେ ସର୍ବାଧିକ ୧.୩୭ କୋଟି ମୋବାଇଲ ଗ୍ରାହକ ସହିତ ବଜାରରେ ଅଗ୍ରଣୀ ସ୍ଥାନରେ ଥିବାବେଳେ ଭାରତୀ ଏୟାରଟେଲର ୧.୦୮ କୋଟି ଗ୍ରାହକ, ବିଏସଏନଏଲ ୬୪.୧୪ ଲକ୍ଷ ଗ୍ରାହକ ଏବଂ ଭୋଡାଫୋନ ଆଇଡିଆର ରାଜ୍ୟରେ ୨୫.୩୬ ଲକ୍ଷ ଗ୍ରାହକ ରହିଛନ୍ତି । ଡିସେମ୍ବରରେ ରାଜ୍ୟରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟାରେ ୧.୬ ଲକ୍ଷ ବୃଦ୍ଧିଘଟିବା ସହିତ ତାହା ୩.୩୫ କୋଟି ଅତିକ୍ରମ କରିଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ଗ୍ରାହକ ତଥ୍ୟରୁ ଜଣାପଡିଛି । ଏଥିସହିତ ରିଲାଏନ୍ସ ଜିଓ ୨୦୨୦ ବର୍ଷରେ ଓଡ଼ିଶାରେ ତାହାର ଚମତ୍କାର ଜୟଯାତ୍ରା ଜାରି ରଖି ୧୨ମାସ ମଧ୍ୟରେ ୧୯ ଲକ୍ଷରୁ ଅଧିକ ମୋବାଇଲ ଗ୍ରାହକ ଯୋଗକରିଥିବା ବେଳେ ଏହି ସମୟରେ ଉଭୟ ଭାରତୀ ଏୟାରଟେଲ ଏବଂ ଭୋଡାଫୋନ ଆଇଡିଆ ପ୍ରତ୍ୟେକ ୯ଲକ୍ଷରୁ ଅଧିକ ଗ୍ରାହକ ହରାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ରିଲାଏନ୍ସ ଜିଓ ତାହାର ସର୍ବବୃହତ ସମ୍ପୂର୍ଣ୍ଣ ୪ଜି ନେଟଓ୍ୱର୍କ, ଏପର୍ଯ୍ୟନ୍ତ ସଂଯୋଗ ନଥିବା ଅଂଚଳଗୁଡିକରେ ଦ୍ରୁତ ନେଟ୍ ?ଓ୍ୱର୍କ ସମ୍ପ୍ରସାରଣ ଏବଂ ସୁଲଭ ଦର ସହିତ ନିରବଚ୍ଛିନ୍ନ ହାଇ-ସ୍ପିଡ ଇଂଟରନେଟ ସେବା ପ୍ରଦାନ ଆଧାରରେ ବିଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ପ୍ରତିମାସରେ ସର୍ବାଧିକ ସଂଖ୍ୟକ ନୂଆ ଗ୍ରାହକ ଯୋଗକରୁଛି । ଏଠାରେ ଆଉମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ରିଲାଏନ୍ସ ଜିଓ ତାହାର ହାଇସ୍ପିଡ ବ୍ରଡବ୍ୟାଣ୍ଡ ସେବା ଜିଓଫାଇବ ?ର ଓଡ଼ିଶାର ବିଭିନ୍ନ ସହର ଓ ନଗରାଂଚଳରେ ଦ୍ରୁତ ସମ୍ପ୍ରସାରଣ ଜାରି ରଖଛି ଏବଂ ରାଜ୍ୟର ୨୫ଟି ପ୍ରମୁଖ ସହର ଓ ନଗରର ମୁଖ୍ୟ ମୁଖ୍ୟ ସ୍ଥାନରେ ଉପଲବ୍ଧ ହେଉଛି ।

# ମଠ ନୂଆଗାଁରେ ପ୍ରତିଭା ଚିହ୍ନଟ ଉତ୍ସବ



ଖଇରା ୨୦/୨(ନିପ୍ର) ଖଇରା ବ୍ଲକ,ନନ୍ଦୋର ପଂଚାୟତର ମଠନୂଆଗାଁ ଗ୍ରାମରେ ପୂଜା କମିଟି ଦ୍ୱାରା ପ୍ରତିଭା ଚିହ୍ନଟ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ପ୍ରାୟ ୪୫ ଜଣ ପ୍ରତିଯୋଗୀ ନୃତ୍ୟକଳା ପ୍ରଦର୍ଶନ କରିଥିଲେ । ବିଚାରକ ଭାବେ ନାଟ୍ୟକାର ନବଘନ ରାଉଳ, କଳାକାର କୈଳାସ ଚନ୍ଦ୍ର ସାହୁ ଓ ଶିକ୍ଷୟିତ୍ରୀ ଶୁଭସ୍ମିତା ପାଢୀ ଉପସ୍ଥିତ ଥିଲେ । ଏହି ଅବସରରେ ଯାତ୍ରାଜଗତର ହାସ୍ୟ ଅଭିନେତା ମଣିଭଦ୍ର ବିଶ୍ୱାଳ ବିଭିନ୍ନ ହସ କହି ଦର୍ଶକ ମନାଙ୍କର ମନ ମୋହିଥିଲେ। ଅନୁଷ୍ଠାନ ତରଫରୁ ମଣିଭଦ୍ର ବିଶ୍ୱାଳ ଓ ନୃତ୍ୟଶିକ୍ଷା ଭାବେ ପ୍ରଜ୍ଞାସିନୀ ନାୟକଙ୍କୁ କୃତି ପ୍ରତିଭା ସମ୍ମାନ ରେ ସମ୍ମାନୀତ କରାଯାଇଥିଲା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ସୁବାଶଚନ୍ଦ୍ର ସାହୁ, ଅଭୟ କୁମାର ମହାନ୍ତି ଏବଂ ଅଡା ଅଗ୍ନିଶମ ଅଧିକାରୀ ମାନସ ରଞ୍ଜନ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ



ବାଲିଆପାଳ,୨୦।୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚଚାରୀ ସଂଘର ଚତୁର୍ଥପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି ।କଟୁଆପଡାସସ୍ଥିତ ଗୁରୁକୂଳ ଭବନ ପରିସରରେ ଅନୁଷ୍ଠିତ ଏହି କକାର୍ଯ୍ୟକ୍ରମରେ ସଂଘର ସଭାପତି ଶ୍ରୀକାନ୍ତ ଜେନା ସବାପତିତ୍ୱ କରିଥିଲେ ।ସଂଘର ମୁଖୟ ଉପଦେଷ୍ଟା ଜଗନ୍ନାଥ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ପରିଷଦ, ଭୋଗରାଇର ସଂପାଦକ ଚିତ୍ତରଞ୍ଜନ ଦାସ, ମୁଖ୍ୟବକ୍ତା ଭାବରେ ବସ୍ତା ବ୍ଲକ ସଂପାଦକ କୁମୁଦ ରଞ୍ଜନ ଗିରି, ସମ୍ମାନୀତ ଅତିଥି ଭାବରେ ଭୋଗରାଇବ୍ଲକ ସଭାପତି ମୁରଲୀ ମୋହନ ମହାନ୍ତି, ନବକୃଷ୍ଣ ଦେ, ପ୍ରତାପପୁର ଷ୍ଟେଟବ୍ୟାଙ୍କ ମ୍ୟାନେଜର ରଞ୍ଜିତ କୁମାର ଦଣ୍ଡସେନା, ଗୋପବନ୍ଧୁ ମହାପାତ୍ର, ଲଙ୍ଗଳେଶ୍ୱର ୟୁକୋବ୍ୟାଙ୍କର ସହଶାଖା ପରିଚାଳକ ସରୋଜ କୁମାର ପାତ୍ର, ମନମୋହନ ପାଲ, ପ୍ରଭାତ ରଞ୍ଜନ ସାହୁ , ଉପଦେଷ୍ଟା ରାଜେନ୍ଦ୍ର ନାଥ ପ୍ରଧାନ, ସୁଧାସିନ୍ଧୁ ସାହୁ, ଭୀମ ଚରଣ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟପ୍ରଦଦାନ କରିଥିଲେ ।ଏହି ଅବସରରେ ସଂଘର ତୈୟମାସିକ ପତ୍ରିକା ଆମରି ବାର୍ତ୍ତାକୁ ଅତିଥିମାନେ ଉନ୍ମୁଚନ କରିଥିଲେ । ।ସାଧଦାରାଣ ସମ୍ପାଦକ ରାଖାଲ ଚନ୍ଦ୍ର ଦାସ ବାର୍ଷିକ ବିବବରଣି ପାଠ କକରିଥିଲା ବେଳେ ନିତ୍ୟାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ।କାର୍ଯ୍ୟକ୍ରମକୁ ସଂଘରକୀର୍ତ୍ତନଚନ୍ଦ୍ର , ଦେ ଗଙ୍ଗାଧର କୁହ୍ଲାରୀ, ସୁନୀଲ କୁମାର ଦେ, ନଗେନ୍ଦ୍ର ଦଣ୍ଡପାଟ, ନରସିଂହହ ବିଶ୍ୱାଳ, ନବ କୁମାର ଦାସସ, ମିଳନ କୁମାର ମହାନ୍ତି, ଭଜହରି ପ୍ରଧାନ, ବଂଶିଧର ଜେନା, ମନ୍ମଥ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲଲେ ।

# ଅନଲାଇନ ଠକକୁ ବସ୍ତାରୁ ଗିରଫ କଲା ଦିଲ୍ଲୀ ପୋଲିସ

ବସ୍ତା,୨୦।୦୨ (ନି.ପ୍ର) : ସାଇବର ଠକକୁ ଗିରଫ କଲା ଦିଲ୍ଲୀ ପୋଲିସ, ଶତାଧିକ ଆଧାର କାର୍ଡ ଏବଂ ସିମ କାର୍ଡ ସମେତ ଲାପଟପ ଜବଦ କରିଛି ପୋଲିସ, ଅନଲାଇନରେ ଠକେଇ ଅଭିଯୋଗରେ ଗିରଫ କଲା ଦିଲ୍ଲୀ ପୋଲିସ, ବସ୍ତା ଥାନା ଅନ୍ତର୍ଗତ ବାରମାଡିଆ ଗ୍ରାମର ସନ୍ମୟ ପରିଡାକୁ ଗିରଫ କଲା ଦିଲ୍ଲୀ ପୋଲିସ, ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ବାରମାଡିଆ ଗ୍ରାମର ସନ୍ମୟ ପରିଡା ଦିଲ୍ଲୀ ସ୍ଥିଲ ନରେଜୀ.ଇନ ନାମକ ଏକ ଅନଲାଇନ ସଂସ୍ଥା ରୁ ୪୪ ହଜାର ଟଙ୍କା ମୂଲ୍ୟ ର ଇନଭଟର ଏବଂ ବ୍ୟାଟେରୀ ଇତ୍ୟାଦି ଅନଲାଇନ ରେ କ୍ରୟ କରି ଥିଲେ, ମାତ୍ର ଅନଲାଇନରେ ଜରିଆରେ ପେମେଣ୍ଟ କରିଥିବା ଦର୍ଶାଇ ଫେକ୍ ସ୍କ୍ରିନସଟ ପଠାଇ କମ୍ପାନୀକୁ ପେମେଣ୍ଟ କରିଥିବା ନେଇ ଜଣାଇ ଥିଲେ, ମାତ୍ର ପେମେଣ୍ଟ ହୋଇ ନଥିବା ଜାଣିପାରି କମ୍ପାନୀର ମାଲିକ ଅରୁଣ ଶର୍ମା ସନ୍ମୟଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସନ୍ମୟ ଧରାଛୁଆଁ ଦେଇ ନଥିଲେ, ଶେଷରେ ବାଧ୍ୟ ହୋଇ ଦୀଲ୍ଲୀ ସାଇବର ଥାନା ରେ ଅଭିଯୋଗ କରିଥିଲେ ଅରୁଣ, ଅଭିଯୋଗ ପରେ ଦୀଲ୍ଲୀ ପୋଲିସ ବସ୍ତା ପୋଲିସ ସହାୟତାରେ ବାରମାଡିଆ ଗ୍ରାମରେ ପହଞ୍ଚି ଅଭିଯୁକ୍ତ ସନ୍ମୟକୁ ଗିରଫ କରିଛି, ସନ୍ମୟଙ୍କ ନାମରେ ପୂର୍ବରୁ ବ୍ୟାକଂ ଠକେଇ ଅଭିଯୋଗ ରେ ବସ୍ତା ଥାନାରେ ଏକ ମାମଲା ରହିଛି, ସନ୍ମୟ ବିଭିନ୍ନ ଏ ଟି ଏମ୍ କାର୍ଡ ଜରିଆରେ ବିଭିନ୍ନ ସମୟରେ ଅନେକ ଥର ଅନ ଲାଇନରୁ ସପିଙ୍ଗ କରୁଥିବା ଜଣା ପଡ଼ିଛି ।

# ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚାର ନୂତନ କାର୍ଯ୍ୟକାରିଣୀ ଘୋଷଣା

କେନ୍ଦ୍ରାପଡ଼ା,୨୦।୦୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ତରଫରୁ କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯାଇଛି । ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଏବଂ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅନୁମୋଦନ କ୍ରମେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ ଏହି କମିଟି ଘୋଷଣା କରାଯାଇଛି । ଏହି ମୋର୍ଚ୍ଚାରେ ୪ଜଣ ଉପ ସଭାପତି, ୨ ଜଣ ସାଧାରଣ ସଂପାଦକ, ୬ଜଣ ସଂପାଦକ, କୋଷାଧକ୍ଷଙ୍କ ସମେତ ୧୭ ଜଣ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନିତ୍ୱ ହୋଇଛନ୍ତି । ଏହି କମିଟିରେ ଉପ ସଭାପତି ଭାବେ ଅନୁସୟା ସାହୁ, ସଂଯୁକ୍ତା ରାଉତ, ମଞ୍ଜୁଲତା ମଳିକ, ସରୋଜିନୀ ଦାସ, ସାଧାରଣ ସଂପାଦିକା ଭାବେ କାବେରୀ ବେହେରା, ଉଷାରାଣୀ ମିଶ୍ର, ସଂପାଦିକା ଭାବେ କବିତା ମଳିକ, ସରସ୍ୱତୀ ବେହେରା, ନମିତା ବଳ, ସୁମିତ୍ରା ସାମଲ, ବନ୍ଦନା ରାଣୀ ରାଉତରାୟ, ମନୋସ୍ମିତା ସାମଲ କୋଷାଧକ୍ଷ ଭାବେ ମନୋନିତ୍ୱ ହୋଇଛନ୍ତି । ମିଡିଆ ସଂଯୋଜିକା ଭାବେ ରଶ୍ମିରେଖା ଦାସ କୁ ଚୟନ କରାଯାଇଛି । ଏହି କାର୍ଯ୍ୟକାରିଣୀ କମିଟି ଜିଲ୍ଲାରେ ତୃଣମୂଳ ସ୍ତରରୁ ଦଳର ସଂଗଠନକୁ ମଜବୁତ୍ କରିବା ପାଇଁ ଉଦ୍ୟମ କରିବେ ବୋଲି ଜଣା ପଡିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo